

ଇଂଲଣ୍ଡ ଗସ୍ତ ଲାଗି ହରମନ୍‌ପ୍ରୀତଙ୍କୁ ନେତୃତ୍ୱ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-317 • BHUBANESWAR • FRIDAY • 16 MAY 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୨ • ସଂଖ୍ୟା-୩୧୭ • ଭୁବନେଶ୍ୱର • ଶୁକ୍ରବାର • ୧୬ ମେ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦



# ଉଜୁଡ଼ା କ୍ଷେତ ଦେଖି ଗଛରେ ଝୁଲିପଡ଼ିଲେ ଚାଷୀ

ମଙ୍ଗଳପୁର/କୟାଁଗୋଲା,୧୫।୫(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଧୀନ କୟାଁ ପଞ୍ଚାୟତ ମାଧପୁର ଗ୍ରାମର ମହେଶ୍ୱର ଯେନା (୫୨) ନିଜ ଚାଷ ଜମି ନିକଟରେ ଥିବା ଏକ ଚାକୁଣ୍ଡା ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଆଜି ସକାଳୁ ସେ ଚାଷ ଜମିକୁ ଯାଇଥିଲେ । କିଛି ସମୟ ପରେ ସେ ଚାକୁଣ୍ଡା ଗଛରେ ଏକ ରଶିରେ ଝୁଲୁଥିବା ସ୍ଥାନୀୟ ଲୋକ ଦେଖି ପରିବାରକୁ ଖବର ଦେଇଥିଲେ । ପରିବାରଲୋକେ ପହଞ୍ଚି ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା ।

ମହେଶ୍ୱର ଜଣେ ଅତ୍ୟନ୍ତ ଗରିବ ଚାଷୀ । ପରିବାର ପ୍ରତିପୋଷଣ ପାଇଁ ସେ ମୁଖ୍ୟତଃ ଡାଲୁଅ ଚାଷ ଉପରେ ନିର୍ଭର କରନ୍ତି । ଚାଷ କାର୍ଯ୍ୟ କରିବା ପାଇଁ ଗାଁ ମହାଜନଙ୍କ ନିକଟରୁ ହାତଉଧାରି କରି କିଛି ଟଙ୍କା ଆଣିଥିଲେ । ତେବେ ଚଳିତ ବର୍ଷ ଡାଲୁଅ ଧାନ ଚାଷରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ମହାଜନଠାରୁ ସୁଧକୁ ଆଣି କରିଥିବା ଚାଷ କାର୍ଯ୍ୟରେ କ୍ଷତି ହେବାରୁ ମହାଜନ ପଇସା କିପରି ଶୁଝିବେ, ଏହାକୁ ନେଇ ସେ କିଛିଦିନ ହେବ ଚିନ୍ତାଗ୍ରସ୍ତ ଥିଲେ ଏବଂ ଏହି ଚାପରେ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । କିନ୍ତୁ ପରିବାରଲୋକଙ୍କ କହିବା କଥା, କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଗଛରେ ଟାଙ୍ଗି ଦେଇଛନ୍ତି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନଥିଲା । ମଙ୍ଗଳପୁର ପୁଲିସ ଶବଟିକୁ ଜବତ କରିବା ସହ ୧୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି ।

■ ଋଣ ଶୁଝିବାକୁ କମ୍ପାନୀ କର୍ମଚାରୀଙ୍କ ଧମକ

# ବିଷ ପିଇଦେଲେ ଚାଷୀ

ଟିଟିଲାଗଡ଼, ୧୫।୫ (ସମିସ): ଋଣ ପରିଶୋଧ କରି ନପାରି ଜଣେ ଚାଷୀ ବିଷ ପିଇଦେବା ଘଟଣା ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ୍ ଅନ୍ତର୍ଗତ ସିଆଲଝୁଡୁଙ୍ଗି ଗ୍ରାମରେ ଆଲୋଡ଼ନ ସୃଷ୍ଟି କରିଛି । ଚାଷୀଜଣଙ୍କ ହେଲେ, ରାତ୍ର ଛତ୍ରିଆ । ଝିଅ ବାହାଘର ପାଇଁ ସେ ଏକ ଘରୋଇ କମ୍ପାନୀଠାରୁ ୩୫ହଜାର ଟଙ୍କା ଋଣ ଆଣିଥିଲେ । କିନ୍ତୁ, ଆର୍ଥିକ ଅନଟନରୁ ସେ ମାସିକିଆ କିସ୍ତି ପରିଶୋଧ କରିପାରୁନଥିଲେ । ଏନେଇ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ଧମକଚମକ ଦେଇ ଆସୁଥିଲେ । ବୁଧବାର ଅପରାହ୍ଣରେ କମ୍ପାନୀର କିଛି କର୍ମଚାରୀ ତାଙ୍କ ଘରକୁ ଯାଇ ସମସ୍ତଙ୍କ ସାମ୍ନାରେ ଗାଳିଗୁଲଜ କରିବା ସହ ଶୀଘ୍ର ଋଣ ଶୁଝିବାକୁ ଧମକ ଦେଇଥିଲେ । ଏହା ରାତ୍ରଙ୍କୁ ଭୀଷଣ ବାଧିଥିଲା ଏବଂ ସେ ମାନସିକ ଭାରସାମ୍ୟ ହରାଇ ଗ୍ରାମବାସୀ ଏବଂ ନିଜ ଝିଅ, ପୁଅ, ପତ୍ନୀଙ୍କ ସମ୍ମୁଖରେ ବିଷ ପିଇ ଦେଇଥିଲେ । ଅବସ୍ଥା ଗୁରୁତର ହୋଇପଡ଼ିବାରୁ ପରିବାରଲୋକ ତାଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି ।

ଏ ସଂପର୍କରେ ରାତ୍ର କହିଛନ୍ତି ଯେ ୧୨ହଜାରରୁ ଉର୍ଦ୍ଧ୍ୱ ଟଙ୍କାଶୁଝି ସାରିଛି । ସବୁ ଟଙ୍କା ପରିଶୋଧ କରିବି । ହେଲେ ବାରମ୍ବାର ଘରକୁ ଯାଇ ଲୋକଙ୍କ



ସମ୍ମୁଖରେ ଗାଳିଗୁଲଜ, ମାର୍‌ପିଟ କରାଯାଉଥିବାରୁ ଲୋକଲଜ୍ଜାରେ ବିଷ ପିଇ ଦେଇଥିଲି । ଏ ସଂପର୍କରେ ଟିଟିଲାଗଡ଼ ଥାନା ଆଇଆଇସି କଲ୍ୟାଣୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି ।

## ଜଳେଶ୍ୱର ଏସ୍‌ଡିପିଓ ଆତ୍ମହତ୍ୟା ଧମକ ଦେବା ଘଟଣା

# ପୁଲିସ ବିଭାଗରେ ବିବାଦ ପଛରେ ବାଲି ବଟି !

ବାଲେଶ୍ୱର,୧୫।୫(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଏସଡିପିଓ ବ୍ରଜ ମୋହନ ପ୍ରଧାନଙ୍କ ଆତ୍ମହତ୍ୟା ଧମକ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ତାହା ପୁଣି ଜିଲ୍ଲାର ଏସପି, ଜିଲ୍ଲାପାଳ ଓ ସାଂସଦଙ୍କ ବ୍ୟବହାର ଅସହ୍ୟ ହେବାରୁ ଜିଲ୍ଲାରେ ରହିବାକୁ ଚାହୁଁ ନାହାନ୍ତି ଏସଡିପିଓ । ଏସ୍‌ପିଙ୍କ ନିର୍ଯାତନା ସମ୍ପର୍କରେ ତଦନ୍ତ ପୁଲିସ ବିଭାଗ କେମିତି କରୁଛି ତାହା ଉପରେ ସଭିଙ୍କ ନଜର । ଉଭୟ ଅଭିଯୋଗକାରୀ ଓ ତଦନ୍ତକାରୀ ହେଉଛନ୍ତି ପୁଲିସ ଅଧିକାରୀ । ଏଣୁ ପ୍ରକୃତରେ ସତ କିଏ କହୁଛି, ମୂଳ ଘଟଣାର ତଦନ୍ତ ହେଲେ ପଦାକୁ ଆସିବ । ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ପ୍ରତିକ୍ରିୟା ଏହି ଘଟଣାରେ ଆଣୁଛି ଭିନ୍ନ ଦିଗ ।

ସୁବର୍ଣ୍ଣରେଖାରୁ କୋଟି କୋଟି ଟଙ୍କାର ବାଲି ଚୋରି ଓ ଏଥିରୁ ଆସୁଥିବା ସିଂହଭାଗ କଳା ଟଙ୍କାର ଭାଗ ମାପ କନ୍ଦଳର ମୁଖ୍ୟ କାରଣ ସାଜିଲା କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାଲି ମାଫିଆଙ୍କୁ ସୁହାଇଲା ଭଳି ପରିବେଶ ସରକାର ସୃଷ୍ଟି କରି ଅଧିକାଂଶ ସୈରାତ ଲିଜ ଦେବାରେ ଟାଳଟୁଳ ନୀତିକୁ ଦାୟୀ କରାଯାଉଛି । ପୂର୍ବରୁ ସାରା ଓଡିଶାରେ ସର୍ବାଧିକ ରାଜସ୍ୱ ଦେଉଥିବା ଜଳେଶ୍ୱର ତହସିଲକୁ ଏଭଳି ମାଫିଆଙ୍କ ହାତରେ ଟେକି ଦେଇଛି କିଏ ? ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଭୂମିକା ସନ୍ଦେହ ଘେରରେ ରହିଛି । ଏହି ପ୍ରସଙ୍ଗ ଏବେ ଚର୍ଚ୍ଚାରେ ଥିବା ବେଳେ ବିଗତ ଏକ ବର୍ଷ ଧରି ଜଳେଶ୍ୱରରେ ଥିବା ପୁଲିସ ଅଧିକାରୀ, ଜିଲ୍ଲା ଖଣି ଅଧିକାରୀ ଓ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଭୂମିକା, ମାଫିଆଙ୍କ ସହ ସମ୍ପର୍କ ଓ ନେଣଦେଣ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ହେଲେ ଉକ୍ତ ବିବାଦର ମୁଖ୍ୟ କାରଣ ଜଣାପଡିବ ବୋଲି ସାଧାରଣରେ ଦାବି

■ ସୁବର୍ଣ୍ଣରେଖା ବାଲି ଚୋରିର ଭାଗ ବଣ୍ଟା ସାଜିଲା କି ବିବାଦର କାରଣ ?
■ ଜିଲ୍ଲାରେ ରହିବାକୁ ଚାହୁଁ ନାହାନ୍ତି ଜଳେଶ୍ୱର ଏସ୍‌ଡିପିଓ

ହେଉଛି । ରାଜ୍ୟ ସରକାରଙ୍କ ଏଭଳି ଲକ୍ଷ୍ୟ ବିହିନ ନିଷ୍ପତ୍ତି ପଛରେ ରାଜନେତାଙ୍କ ସିଧାସଳଖ ଲିଙ୍କ୍ ଥିବା ସାମ୍ନାକୁ ଆସୁଛି । ଶାସକ ଦଳର ବଡ଼ ନେତାଙ୍କଠାରୁ ଜଳେଶ୍ୱରର ଛାମୁଆ ନେତା ଚୋରା ବାଲି, ମାଟି ଓ ମୋରମ କାରବାରରେ ସାମିଲ ଥିବା ଲୋକଲୋଚନକୁ ଆସୁଛି । ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆସିବା ନିହାତି ଦରକାର ବୋଲି ଜଳେଶ୍ୱରବାସୀ ଦାବି କରୁଛନ୍ତି । ସେପଟେ ଜଳେଶ୍ୱର ଏସଡିପିଓଙ୍କୁ ଏସପିଙ୍କ ମାନସିକ ନିର୍ଯାତନା ଦେବା ଘଟଣା ଲୋକଲୋଚନକୁ ଆସିବା ପରେ ଜିଲ୍ଲାରେ ରହିବାକୁ ଚାହୁଁ ନଥିବା ବୋଲି କହିଛନ୍ତି ଏସଡିପିଓ । ଏସଡିପିଓ ଶ୍ରୀ ପ୍ରଧାନ କହିଛନ୍ତି, ଗତକାଲି ଡ଼ିଆଇଜି ସତ୍ୟଜିତ ନାୟକ ଆସି ସମସ୍ତ ବିଷୟ ବସ୍ତୁ ପଚାରିଥିଲେ । ଘଟଣା ବିଷୟରେ ସବୁ କିଛି ତାଙ୍କୁ ସେ ଜଣାଇଛନ୍ତି । ସେ ଆଉ ସମସ୍ତଙ୍କର ଶତ୍ରୁ ହେବାକୁ ଚାହୁଁନାହିଁ । ଯଦି ତାଙ୍କ ବିରୁଦ୍ଧରେ ଏସପି, ଜିଲା୍‌ପାଳ ଓ ସାଂସଦ ରହିବେ, ସେ ଆଉ କାମ କରିବେ କେମିତି ? ଶୀଘ୍ର ଏ ଜିଲ୍ଲାରୁ ବିଦା କରିଦିଅନ୍ତୁ, ଏଠି ରହିବା ପାଇଁ ଯୋଗ୍ୟ ନୁହଁ ବୋଲି ଏସଡିପିଓ ଶ୍ରୀ ପ୍ରଧାନ କହିଛନ୍ତି । ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭଳିଆ ଲୋକ ତାଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ କରୁଛନ୍ତି, ସେଥିପାଇଁ ଏଠି ରହିବା ଉଚିତ୍ ନୁହଁ । ଏଠି ଜିଲ୍ଲାଟା ଠିକ୍ ରେ ରହୁ, ଦୁର୍ନୀତି କମି ଯାଉ । ଏଠି ଆମ ଭଳିଆ ଲୋକ ରହୁଛନ୍ତି ବୋଲି ଏଠି ଦୁର୍ନୀତି ହେଉଛି ବୋଲି ଲୋକେ ଯଦି ଭାବୁଥିବେ, ଭାବନ୍ତୁ ମୁଁ ଏଠି ରହିବି ନାହିଁ । ମୁଁ ବଦଳି ପାଇଁ ମାଗିଛି, ବଦଳି ହେଲେ ପଳେଇ ଯିବି ବୋଲି ଏସଡିପିଓ ଶ୍ରୀ ପ୍ରଧାନ କୋହର ସହକାରେ କହିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇ ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏସଡିପିଓଙ୍କ ବାଲି ମାଫିଆ ପ୍ରତି କୋହଳ ମନୋଭାବ ନେଇ କାମ କରି ଆସୁଥିଲେ ବୋଲି ଅଭିଯୋଗ ଆଣିଛନ୍ତି । ଅଭିଯୋଗ ଦାୟର କରିବାରେ ଏସଡିପିଓ ବିଳମ୍ବ କରୁଥିବାରୁ ତାଗିଦ କରାଯାଇଥିବା କହିଛନ୍ତି ବାଲେଶ୍ୱର ସାଂସଦ । ବାଲି ଚୋରି ଉପରେ ଅଙ୍କୁଶ ଲଗାଇବାକୁ କହିବାରୁ ଏସଡିପିଓଙ୍କ ଆତ୍ମହତ୍ୟାର ବ୍ଲାକମେଲିଂ କୌଶଳ ବୋଲି ସାଂସଦ କହିଛନ୍ତି । ସୁବର୍ଣ୍ଣରେଖାରୁ ବିଗତ କିଛି ଦିନ ଧରି ବ୍ୟାପକ ବାଲି ଚୋରା ଚାଲାଣ ଚାଲିଥିବା ନେଇ ସାଂସଦ ଖୋଲାଖୋଲି କହୁଥିବା ବେଳେ ଏହା ଉପରେ ଅଙ୍କୁଶ ଲଗାଇବା କାହାର ଦାୟିତ୍ୱ ସେନେଇ ସାଂସଦ ପ୍ରଶ୍ନ କରିବା, ସରକାରୀ କଳ କେମିତି ଚାଲିଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏସଡିପିଓ ନିର୍ଯାତନା ଘଟଣାର ଡ଼ିଆଇଜି ତଦନ୍ତ ପରେ ସବୁ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଥିବା ବେଳେ ସୁବର୍ଣ୍ଣରେଖା ନଦୀ ବାଲି ଚୋରା କାରବାରର ନିରପେକ୍ଷ ତଦନ୍ତ ନେଇ ବିଭିନ୍ନ ମହଲରେ ଦାବି ହେଉଛି ।

# ଲୋଧା ଦମ୍ପତିଙ୍କ ମୃତଦେହ ଉଦ୍ଧାର

ବାରିପଦା, ୧୫।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି । ଭୁରକାଣି ପଞ୍ଚାୟତ ଅନ୍ତର୍ଗତ ରାୟବଣି ଗ୍ରାମର ଏକ ବନ୍ଦ ଘରୁ ଲୋଧା ଦମ୍ପତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଦମ୍ପତି ହେଲେ, କାଳୀପଦ ଭକ୍ତା (୫୦) ଓ ତାଙ୍କ ପତ୍ନୀ ସୋମବାରୀ(୪୦) । ଘର ଭିତରେ ସୋମବାରୀଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ବେଳେ କାଳୀପଦଙ୍କ ଶବ ଝୁଲୁଥିଲା । ଘର ଭିତରୁ ଏକ ରକ୍ତଲଗା ଶାବଳ ଜବତ ହୋଇଛି । ସ୍ତ୍ରୀକୁ ଶାବଳରେ ପିଟି ହତ୍ୟା କରିବା ପରେ କାଳୀପଦ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ଖବର ପାଇ ସାଇଣ୍ଟିଫିକ୍ ଟିମ୍ ସହ ଥାନାଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଦୁହିଁଙ୍କ ମୃତ୍ୟୁ ଉପରୁ ପରଦା ହଟିବ ବୋଲି ପୁଲିସ୍ ଆଶାବାଦୀ ରହିଛି ।

**ସ୍ତ୍ରୀକୁ ହତ୍ୟା କରି ଝୁଲିପଡ଼ିଲା ସ୍ୱାମୀ**

# ଖାଦ୍ୟରେ ବିଷକ୍ରିୟା; ୨୦ ତୀର୍ଥଯାତ୍ରୀ ଅସୁସ୍ଥ

ସୋର, ୧୫।୫(ସମିସ): ଖାଦ୍ୟରେ ବିଷକ୍ରିୟା ଯୋଗୁଁ ୨୦ ତୀର୍ଥଯାତ୍ରୀ ଅସୁସ୍ଥ । ସମସ୍ତଙ୍କ ଘର ବେଙ୍ଗାଲୁରୁରେ । ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ସୋର ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନାନୁଯାୟୀ, କର୍ଣ୍ଣାଟକର ବେଙ୍ଗାଲୁରୁ ସହରରୁ ୫୦ ଜଣ ଯାତ୍ରୀ ଏକ ବସ୍‌ରେ ଗତ ୨୬ ତାରିଖରେ ବିଭିନ୍ନ ତୀର୍ଥସ୍ଥାନ ପରିଭ୍ରମଣ ପାଇଁ ବାହାରିଥିଲେ । ୨୫ଦିନର ଏହି ଟୁର୍‌ରେ ଗୟାରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ସୋର ନିକଟରେ ଗତକାଲି ରାତିରେ ଯାତ୍ରୀଙ୍କ ପାଇଁ ଭାତ, ତରକାରୀ ଓ ସାମ୍ବର୍ ରୋଷେଇ କରାଯାଇଥିଲା । ଖାଇବାର କିଛି ସମୟ ପରେ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ । ସମସ୍ତଙ୍କର ଝାଡ଼ାବାନ୍ତି ହୋଇଥିଲା । ସମସ୍ତଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ଅପରାହ୍ଣରେ ଚାରିଜଣଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ରାଜ୍ୟ ବିପର୍ଯ୍ୟୟ ତାଲିକାରେ ଅଦିନିଆ ବର୍ଷା

## ଏସଡିଆର୍‌ଏଫ୍‌ରୁ ୧୦% ଅର୍ଥ ବିନିଯୋଗ ହୋଇପାରିବ

ଭୁବନେଶ୍ୱର,୧୫।୫(ସମିସ): ରାଜ୍ୟଭିତ୍ତିକ ବିପର୍ଯ୍ୟୟ ସୂଚୀରେ ଅଦିନିଆ ବର୍ଷାକୁ ସାମିଲ କରିଛନ୍ତି ରାଜ୍ୟ ସରକାର । ପୂର୍ବରୁ ଏନେଇ ନିଷ୍ପତ୍ତି ହୋଇଥିବା ବେଳେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି । ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସ୍‌ଡିଆରଏଫ୍)ରୁ ସହାୟତା ପାଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଏସ୍‌ଡିଆର୍‌ଏଫ୍ ର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦ ପ୍ରତିଶତ ଅର୍ଥ ଏଥିପାଇଁ ବିନିଯୋଗ ହୋଇପାରିବ ।

୨୦୨୪ ଡିସେମ୍ବର ମାସରେ ଅଦିନିଆ ବର୍ଷା ଯୋଗୁଁ ରାଜ୍ୟର ୨୨, ୭୯୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା ଏବଂ ଏଥିରେ ରାଜ୍ୟର ପ୍ରାୟ ୬.୬୬ ଲକ୍ଷ ଚାଷୀ ପ୍ରଭାବିତ ହୋଇଥିଲେ ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ପୂର୍ବରୁ ୮ଟି ବିପର୍ଯ୍ୟୟକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷଣା କରାଯାଇଛି । ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିଝଡ଼, ଟର୍ଣ୍ଣାଡୋ, ପ୍ରବଳ ବର୍ଷା ଏବଂ ବନ୍ୟା ନ ଥିବା ସମୟରେ ଡଙ୍ଗା ଦୁର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ ଓ ସର୍ପାଘାତ ଭଳି ଘଟଣାକୁ ଏହି ତାଲିକାରେ ରଖାଯାଇଛି । ଏବେ ଏଥିରେ ଅଦିନିଆ ବର୍ଷା ଯୋଡ଼ି ହେବା ସହ ରାଜ୍ୟ ବିପର୍ଯ୍ୟ ସଂଖ୍ୟା ୯କୁ ବୃଦ୍ଧି ପାଇଛି । ଏହାବ୍ୟତୀତ କେନ୍ଦ୍ର ସରକାର ମଧ୍ୟ ୧୨ଟି ବିପର୍ଯ୍ୟୟ ପାଇଁ ସହାୟତା ପ୍ରଦାନ କରୁଛନ୍ତି ।

# ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

ଯୋଡ଼ା, ୧୫।୫(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାମେବାରୀ ସେକ୍ସନର ଦବୁନା ଓଏମସି ଖଣି ନିକଟ ଜଙ୍ଗଲରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କୁ ପାଖାପାଖି ୭୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ତାଙ୍କ ଘର ଝାଡ଼ଖଣ୍ଡ ଅଞ୍ଚଳରେ । ବୃଦ୍ଧଜଣଙ୍କ କାଠ ବିକି ଜୀବିକା ନିର୍ବାହ କରନ୍ତି । ଆଜି ଦିନ ପ୍ରାୟ ୧୦ଟାରେ ସେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏକ ଗୋଠଛଡ଼ା ଦନ୍ତା ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ । ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ତାଙ୍କ ଅଣ୍ଟା ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ସ୍ଥାନୀୟ ବନପାଳ ରାଜେନ୍ଦ୍ର ଜେନା ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ବନ ବିଭାଗର ଏତଲାକ୍ରମେ ବାମେବାରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଝସକେତନ ଭୋଇ କହିଛନ୍ତି ।

## ବାଲିମାଫିଆଙ୍କ ଦୌରାତ୍ମ୍ୟ

# ଖଣି ଅଧିକାରୀଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ

ଜଳେଶ୍ୱର ବ୍ଲକ, ୧୫।୫ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବେ ଟ୍ରିପ୍ ଟ୍ରିପ୍ ବାଲିଚାଲାଣ କରୁଥିବା ବେଳେ ବାଧା ଦେଲେ ସେମାନେ ରକ୍ତମୁଖା ହୋଇଉଠୁଛନ୍ତି । ଏପରିକି, ସରକାରୀ ଅଧିକାରୀଙ୍କୁ ବି ଛାଡୁନାହାନ୍ତି । ଗତକାଲି ଜଣେ ଖଣି ଅଧିକାରୀଙ୍କୁ ସେମାନେ ଟ୍ରାକ୍ଟର୍ ଚଢ଼ାଇ ହତ୍ୟା ଉଦ୍ୟମ କରିଛନ୍ତି । ଏନେଇ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଦାସ ଜଳେଶ୍ୱର ଥାନାରେ ଏତଲା ଦେବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି ।

**ଜଳେଶ୍ୱର ଥାନାରେ ମାମଲା ରୁଜୁ**

ସୂଚନାନୁଯାୟୀ, ଜଳେଶ୍ୱର ବ୍ଲକ୍ ଦେଇ ବୋହି ଯାଇଥିବା ସୁବର୍ଣ୍ଣରେଖା ନଦୀର ଓଲମରା ପଞ୍ଚାୟତ ରାଜନଗରଠାରୁ ଜଳେଶ୍ୱରର ବାଲିଆପୋଲ ମଧ୍ୟରେ ମାଫିଆମାନେ ଦିନରାତି ବାଲି ଲୁଟୁଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ବେଆଇନ ବାଲି ଖାଦାନ ଉପରେ ଚଢ଼ଉ ପାଇଁ ନିର୍ଦ୍ଦେଶ ରହିଛି । ଏନେଇ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଦାସ ବେଆଇନ ବାଲି ଖାଦାନ ଉପରେ ଚଢ଼ଉ ସହ ବେଆଇନ ବାଲି ଉତ୍ତୋଳନ ହେଉଥିବା ନଦୀଆଡିକୁ ଜେସିବି ମାଧ୍ୟମରେ କାଟି ଦେଇଛନ୍ତି । ଫଳରେ ଜଳେଶ୍ୱର ଅଞ୍ଚଳରେ ବାଲି ମାଫିଆମାନେ ରକ୍ତମୁଖା ହୋଇଉଠିଛନ୍ତି । ବୁଧବାର ରାତି ପ୍ରାୟ ୧ଟାରେ କନିଷ୍ଠ ଖଣି ଅଧିକାରୀ ଶ୍ରୀ ଦାସ ଏବଂ କନଷ୍ଟେବଳ ଉମାକାନ୍ତ ସିଂ ଜଳେଶ୍ୱର ଅଞ୍ଚଳର ବେଆଇନ ବାଲି ଖାଦାନରେ ଚଢ଼ଉ ପାଇଁ ଯିବା ସମୟରେ ପଥରପୁରା ଅଞ୍ଚଳରେ ଜେଲ୍ ରୋଡ୍ ପାଖରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇବା ପାଇଁ ଉଦ୍ୟମ କରିଥିଲେ । ଏହି ସମୟରେ ଟ୍ରାକ୍ଟର୍‌ଟି ଖଣି ଅଧିକାରୀଙ୍କ ବଲେରୋ ଗାଡ଼ିକୁ ଧକ୍କା ଦେଇ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲା । କିନ୍ତୁ ସେଥିରେ ବିଫଳ ହେବାରୁ ଚାଳକଜଣଙ୍କ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିଲା । ଖବର ପାଇ ଜଳେଶ୍ୱର ଥାନା ପୁଲିସ ଏବଂ ଖଣି ଅଧିକାରୀ ନୀଳକଣ୍ଠ ପୃଷ୍ଟି ପହଞ୍ଚି ଉକ୍ତ ଟ୍ରାକ୍ଟର୍‌କୁ ଥାନାକୁ ନେଇଥିଲେ । ଏନେଇ ଖଣି ଅଧିକାରୀ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ୪ ହତ୍ୟାକାରୀଙ୍କୁ ଆଜୀବନ

ନୂଆପଡ଼ା, ୧୫।୫(ସମିସ): ଏକ ହତ୍ୟା ମାମଲାର ବିଚାର କରି ନୂଆପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁନୀଲ କୁମାର ଦାସ ଗୋଟିଏ ପରିବାରର ୪ଜଣଙ୍କୁ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି । ସେମାନେ ହେଲେ, ହୃଷୀ ଶବର (୬୦), ଛେତ୍ରୀ ଶବର(୫୫), ଭୁବନେଶ୍ୱର ଶବର(୫୫) ଓ ବିମଳା ଶବର (୪୦) । ୨୩ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ସେହିପରି, ଏହି ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତକୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ୨୦୧୭ ଜାନୁଆରୀ ୧୫ରେ ଲଖନା ଥାନା ଅନ୍ତର୍ଗତ ସିଲଭା ଗାଁରେ ଏହି ହତ୍ୟାକାଣ୍ଡ ଘଟିଥିଲା । ଗାଁର ଗୋକୁଳ ଶବରଙ୍କୁ ୫ଜଣ ଠେଙ୍ଗାରେ ଆକ୍ରମଣ କରିଥିଲେ । ଗୁରୁତର ଗୋକୁଳଙ୍କୁ ଜଣେ ମହିଳା ଦାଆରେ ଆକ୍ରମଣ ମଧ୍ୟ କରିଥିଲେ । ଏଥିରେ ଗୋକୁଳଙ୍କ ମୃତ୍ୟୁ ହୋଇଯାଇଥିଲା । ସରକାରଙ୍କ ପକ୍ଷରୁ ଏପିପି କାର୍ତ୍ତିକେଶ୍ୱର ମହାରଣା ଏହି ମାମଲା ପରିଚାଳନା କରୁଥିଲେ ।

**ଦାଆରେ କାଟି ମାରିଥିଲେ**

# ୫ ବନ୍ୟଜନ୍ତୁ ଶିକାରୀ ଗିରଫ

କାମାକ୍ଷାନଗର, ୧୫।୫(ସମିସ): କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ବାଟଗାଁ-କଙ୍କଡାହାଡ଼ ରାସ୍ତାରେ ବନ୍ୟଜନ୍ତୁ ୫ ଶିକାରୀଙ୍କୁ କାବୁ କରିଛି ବନବିଭାଗ । ଏହାସହ ଘଟଣାସ୍ଥଳରୁ ୧୦ କେଜି ବାର୍‌ହା ମାଂସ, ଗୋଟିଏ ମଲା ଗୋଧି, ଗୋଟିଏ ସ୍କର୍ପିଓ ଏବଂ ଶିକାରରେ

## ବାର୍‌ହା ମାଂସ, ମଲା ଗୋଧି ଓ ସ୍କର୍ପିଓ ଜବତ

ବ୍ୟବହୃତ ଦୁଇଟି ବର୍ଚ୍ଛା ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ପୁରୁଯୋଡ଼ା ଗାଁର ଦିକୁଲ ମୁଣ୍ଡା, ବିକ୍ରମ ମୁଣ୍ଡା, ଭରତ ମୁଣ୍ଡା, ତୁରମ ମୁଣ୍ଡା ଓ ସରୋଜ ମୁଣ୍ଡା । ଶୁକ୍ରବାର ଏମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର୍ କୈଳାସ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି । ଗୁରୁବାର ଭୋର୍‌ରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ବାଟଗାଁ-କଙ୍କଡାହାଡ଼ ରାସ୍ତାରେ ଏକ ଧଳାରଙ୍ଗର ସ୍କର୍ପିଓ ଠିଆ ହୋଇଥିବା ଦେଖିବାକୁ ପାଇଥିଲେ । ସନ୍ଦେହ ହେବାରୁ କର୍ମଚାରୀମାନେ ସେଠାରେ ଅଟକି ଗାଡ଼ି ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ବେଳେ ସେଥିରୁ ବାରହା ମାଂସ ଓ ମଲା ଗୋଧି ଥିବା ଦେଖିବାକୁ ପାଇଥିଲେ । ଗାଡ଼ିରେ ଥିବା ୫ ଅଭିଯୁକ୍ତ ବନ କର୍ମଚାରୀଙ୍କୁ ଦେଖି ଫେରାର ହେବା ପାଇଁ ଚେଷ୍ଟା କରୁଥିବା ବେଳେ କର୍ମଚାରୀମାନେ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଅଭିଯୁକ୍ତମାନେ କାମାକ୍ଷାନଗର ପୂର୍ବାଞ୍ଚଳ ଜଙ୍ଗଲ ମଧ୍ୟରେ ବାରହା ଓ ଗୋଧି ଶିକାର କରି ଚୋରାରେ ମାଂସ ଓ ଚମଡ଼ା ବିକ୍ରି କରୁଥିଲେ ବୋଲି ବନବିଭାଗ ତଦନ୍ତରୁ ଜଣାପଡ଼ିଛି ।

# ବଜ୍ରପାତ ନେଲା ୨ ଜୀବନ

ଡାବୁଗାଁ/ ପାଇକମାଳ, ୧୫।୫ (ସମିସ): ଗୁରୁବାର ବଜ୍ରପାତ ୨ଜଣଙ୍କ ଜୀବନ ନେଇଛି । ନବରଙ୍ଗପୁର ଓ ବରଗଡ଼ ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ମୃତକଦ୍ୱୟ ହେଲେ, ଡାବୁଗାଁ ବ୍ଲକ୍ ବୋରିଗାଁ ପଞ୍ଚାୟତ ଅଧୀନ ଡଙ୍ଗରିଗୁଡା ଗ୍ରାମର ଦଶାଇ ପନକା (୫୨) ଓ ପାଇକମାଳ ବ୍ଲକ୍ ବରତୁଣ୍ଡା ପଞ୍ଚାୟତ ପୁରେନା ଗାଁର ରଞ୍ଜିତ ଧରୁଆ(୮) । ଆଜି ଅପରାହ୍ଣରେ ଦଶାଇ ବୋରିଗାଁ ଛକରେ ବସରୁ ଓହ୍ଲାଇ ଚାଲିଚାଲି ଘରକୁ ଫେରୁଥିବା ବେଳେ ହଠାତ୍ ବର୍ଷା-ପବନ ସହ ବଜ୍ରପାତ ହୋଇଥିଲା । ଗୋଟିଏ ବଜ୍ର ତାଙ୍କ ଉପରେ ପଡ଼ିବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି କୋଇଲାରୀ ପଞ୍ଚାୟତ ଅଧୀନ ସରାଗୁଡା ଗ୍ରାମର ଲାଇବାନ ଭତ୍ରାଙ୍କ ଝିଅ ଓ ୨ ନାତି ଘରେ ଥିବା ବେଳେ ଘର ଉପରେ ବଜ୍ରପାତ ହୋଇଥିଲା । ଏଥିରେ ଲାଇବାନଙ୍କ ଝିଅ ରତନା ଭତ୍ରା(୧୫), ନାତି ରାଜେଶ ଭତ୍ରା (୬) ଓ ନିତେଶ ଭତ୍ରା (୩ ମାସ) ଆହତ ହୋଇଥିଲେ । ସେମାନଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ଅନ୍ୟ ଏକ ଘଟଣାକ୍ରମେ, ପାଇକମାଳ ବ୍ଲକ୍ ବରତୁଣ୍ଡା ପଞ୍ଚାୟତ ପୁରେନା ଗାଁର ଏକ ଜାମୁକୋଳି ଗଛ ମୂଳରେ ରଞ୍ଜିତ ଧରୁଆ(୮) ଓ ସୋନୁ ଓରଫ ପଙ୍କଜ ତନସନା (୧୧) ଖେଳୁଥିଲେ । ଏହି ସମୟରେ ଝଡ଼ବର୍ଷା ସାଙ୍ଗକୁ ବ୍ରଜପାତ ହୋଇଥିଲା । ଏଥିରେ ରଞ୍ଜିତଙ୍କ ମୃତ୍ୟୁ ଘଟିଥିବା ବେଳେ ସୋନୁ ଅଚେତ ହୋଇପଡ଼ିଥିଲା । ପରିବାର ଲୋକେ ଜାଣିବା ପରେ ରଞ୍ଜିତକୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ରଞ୍ଜିତର ମୃତ୍ୟୁ ହୋଇଯାଇଥିଲା । ଗୁରୁତର ସୋନୁକୁ ପାଇକମାଳ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ରଞ୍ଜିତକୁ ହରାଇ ପରିବାର ବର୍ଗ ଭାଙ୍ଗି ପଡ଼ିଛନ୍ତି ।

## ଜବରଦଖଲରେ ଦେବୋତ୍ତର ସମ୍ପତ୍ତି

# ମନ୍ଦିର ଆଗରେ ଦଣ୍ଡବତ ପଡ଼ି ସେବାୟତଙ୍କ ପ୍ରତିବାଦ

ବାରିପଦା,୧୫।୫(ସମିସ): ବାରମ୍ବାର କହି କହି ପ୍ରଶାସନ ଶୁଣିଲାନି । ଦୁଇ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ବି ପ୍ରତିଶ୍ରୁତି ଦେଇ ଭୁଲିଗଲେ । ତେଣୁ, ଅନ୍ୟନ୍ୟୋପାୟ ହୋଇ ପ୍ରଭୁଙ୍କ ଶରଣ ପଶିଲେ ସେବାୟତ । ମନ୍ଦିର ଆଗରେ ଦଣ୍ଡବତ ପଡ଼ି ନିଜ ଜବରଦଖଲ ସମ୍ପତ୍ତି ନିଜେ ଉଦ୍ଧାର କରିବା ପାଇଁ ମହାପ୍ରଭୁଙ୍କୁ ଗୁହାରି କଲେ । ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀହରିବଳଦେବଜୀଉ ମହାପ୍ରଭୁଙ୍କ ପୀଠରେ ୧୮ ସେବାୟତ ଆଜି



**ବାରମ୍ବାର ଅଭିଯୋଗ ପରେ ବି ଶୁଣୁନି ସରକାର**

ଏପରି ନିଆରା ଢଙ୍ଗରେ ପ୍ରତିବାଦ କରିବା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି ।

ସୂଚନାନୁଯାୟୀ, ମହାପ୍ରଭୁ ଶ୍ରୀଶ୍ରୀବଳଦେବଜୀଉଙ୍କ ସମେତ ଅନ୍ୟ ଦେବଦେବୀଙ୍କୁ ମିଶାଇ ଦେବୋତ୍ତର ବିଭାଗ ଅଧୀନରେ ଥିବା ୪୪ ହଜାର ୭୦୦ ଏକର ଜମିରୁ ପ୍ରାୟ ୪୦ହଜାର ଏକର ଜମି ବର୍ତ୍ତମାନ ଜବରଦଖଲରେ । ଏହି ଜମିଗୁଡ଼ିକୁ ଜବରଦଖଲମୁକ୍ତ କରିବା ପାଇଁ ସେବାୟତମାନେ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି । କିଛି ଦିନ ତଳେ ସେବାୟତଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ୯ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଖାଲି ସେତିକି ନୁହେଁ, ଗତ ରଥଯାତ୍ରା ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାରିପଦାକୁ ରଥ ଟାଣିବାକୁ ଆସିଥିବା ବେଳେ ସେବାୟତମାନେ ତାଙ୍କୁ ସାକ୍ଷାତ କରି ଏ ବାବଦରେ ଜଣାଇଥିଲେ । ସେତେବେଳେ ଶ୍ରୀମତୀ ପରିଡ଼ା ଦେବୋତ୍ତର ଜମି ଜବରଦଖଲମୁକ୍ତ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏଯାଏ ଫଳ ଶୂନ । ପରେ, ପୁଣି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏଯାଏ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ । ଏ ନେଇ ଗତବର୍ଷ ଅଗଷ୍ଟ ୨୮ ତାରିଖରେ ସେବାୟତମାନେ ବାରିପଦାରୁ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଭୁବନେଶ୍ୱର ଯାଇଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ କି କୌଣସି ମନ୍ତ୍ରୀ ବା ଅଧିକାରୀ ଭେଟି ନ ଥିଲେ । ସେଠାରେ ସେବାୟତମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ । ପରେ ସେମାନେ ବାରିପଦାରେ ସାଂସଦ ଓ ବିଧାୟକଙ୍କୁ ଭେଟିବାରୁ ସମାଧାନ ନେଇ ପ୍ରତିଶ୍ରୁତି ଦେବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଖାଲି ସେତିକି ନୁହେଁ, ଉଦଳା ଗସ୍ତ ବେଳେ ମଧ୍ୟ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ । ଏକ ମାସ ମଧ୍ୟରେ ସମସ୍ୟାର ସମାଧାନ ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ । ତେଣୁ, ରାଜ୍ୟ ସରକାରଙ୍କ ବାରମ୍ବାର ମିଛ ପ୍ରତିଶ୍ରୁତି ପ୍ରତିବାଦରେ ଆଜି ଅସନ୍ତୁଷ୍ଟ ସେବାୟତମାନେ ଏପରି ଅଭିନବ ଉପାୟରେ ଆନ୍ଦୋଳନ କରିଛନ୍ତି ।

ଏହି ଅବସରରେ ସେମାନେ ଦେବୋତ୍ତର ବିଭାଗର ସମସ୍ତ ଜବରଦଖଲ ଜମି ଓ ଠାକୁରଙ୍କ ଗହଣାର ପୁନରୁଦ୍ଧାର ସହ ନୂତନ ଗହଣା ନିର୍ମାଣ, ଠାକୁରଙ୍କ ନିତିନିୟମ ସଠିକ୍ ଭାବେ ପରିଚାଳନା, ରାଜ୍ୟର ଅନ୍ୟାନ୍ୟ ମନ୍ଦିର ସୌନ୍ଦର୍ଯ୍ୟକରଣ ପରି ଉକ୍ତ ମନ୍ଦିରକୁ ସୌନ୍ଦର୍ଯ୍ୟକରଣ କରିବା, ଠାକୁରଙ୍କ ଡ଼ଉଲ ଖାତା ସଂଶୋଧନ, ଦେବୋତ୍ତର ବିଭାଗ ପାଇଁ ସ୍ୱତନ୍ତ୍ର ଅଫିସର ନିଯୁକ୍ତ, ସେବାୟତଙ୍କ ପାଇଁ ଦୋକାନ ଗୃହ ପ୍ରଦାନ, ମାସିକ ଭତ୍ତା ବୃଦ୍ଧି, ମନ୍ଦିର ପାଇଁ ସ୍ୱତନ୍ତ୍ର ପୁଲିସ ଫାଣ୍ଡି ନିର୍ମାଣ ଆଦି ଦାବି କରିଛନ୍ତି । ଦାବି ପୂରଣ ନ ହେବା ଯାଏ ପ୍ରତିବାଦ କରିବେ ବୋଲି ସେବାୟତ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ କହିଛନ୍ତି ।

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-317 ♦BHUBANESWAR ♦FRIDAY ♦16 MAY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୧୭ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୬ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଆଜିଠୁ ବଢ଼ିବ କାଳବୈଶାଖୀ

### ଜାରି ରହିବ ଗୁଳୁଗୁଳି ସ୍ଥିତି

■ **ଭୁବନେଶ୍ୱର, ୧୫ା୫ (ସମିସ):** ରାଜ୍ୟରେ ବଢ଼ିବ କାଳବୈଶାଖୀ ବର୍ଷାର ପ୍ରଭାବ । ଶୁକ୍ରବାରଠାରୁ ରାଜ୍ୟରେ କାଳବୈଶାଖୀ ସ୍ଥିତିରେ ବୃଦ୍ଧି ଘଟିବ । ଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବର୍ଷା ହେବ । ଯଦିଓ କାଳବୈଶାଖୀ ଯୋଗୁଁ ବିଭିନ୍ନ ସ୍ଥାନରେ ବର୍ଷା ହେବ, ମାତ୍ର ଦିନ ବେଳା ରାଜ୍ୟରେ ପୂର୍ବବତ୍ ଗୁଳୁଗୁଳି ଜାରି ରହିବ । ଏଥିପାଇଁ ବିଭିନ୍ନ ଜିଲ୍ଲାକୁ କାଳବୈଶାଖୀ ସହ ଗୁଳୁଗୁଳି ଜନିତ ୟେଲୋ ଆଲର୍ଟ ଜାରି ହୋଇଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ଏକ ଟ୍ରଫ୍ ଲାଇନ ଉପ-ହିମାଳୟ ପଶ୍ଚିମବଙ୍ଗ ଏବଂ ସିକିମରୁ ଦକ୍ଷିଣ-ପୂର୍ବ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ଉତ୍ତର ଛତିଶଗଡ଼ ଦେଇ ସମୁଦ୍ର ପତ୍ତନଠାରୁ ୦.୯ କିଲୋମିଟର ଉଚ୍ଚରେ ରହିଛି । ଫଳରେ ଅନେକ ସ୍ଥାନରେ କାଳବୈଶାଖୀ ଯୋଗୁଁ ଭାରି ବର୍ଷା ହେଉଛି । ବର୍ଷା ଯୋଗୁଁ ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ପ୍ରାୟ ୪-୫ ଡିଗ୍ରୀ ସେଲସିୟସ୍ ହ୍ରାସ ହୋଇଥିବା ବେଳେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ଓ ଉତ୍ତର ▶ପୃଷ୍ଠା-୭

# ରାଷ୍ଟ୍ରମୁଖ୍ୟ-ନ୍ୟାୟମୁଖ୍ୟ ମୁହାଁମୁହିଁ

## ସୁପ୍ରିମକୋର୍ଟଙ୍କ କ୍ଷମତା ନେଇ ପ୍ରଶ୍ନ ଉଠାଇଲେ ରାଷ୍ଟ୍ରପତି



### ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇପାରିବେ କି?

### ରାଜ୍ୟପାଳଙ୍କ ବିନା ସ୍ୱୀକୃତିରେ ବିଲ୍ ଆଇନରେ ପରିଣତ ହୋଇପାରିବ କି?

■ **ନୂଆଦିଲ୍ଲୀ, ୧୫ା୫ (ଏଜେନ୍ସି):** ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲକୁ ଅନୁମୋଦନ ଦେବାକୁ ନେଇ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସୁପ୍ରିମ କୋର୍ଟ ଯେଉଁ ସମୟସୀମା ଧାର୍ଯ୍ୟ କରିଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଷ୍ଟ୍ରପତି । ସମ୍ବିଧାନରେ ଏଭଳି ବ୍ୟବସ୍ଥା ନଥିବା ବେଳେ ସୁପ୍ରିମ କୋର୍ଟ କେମିତି ସମୟ ଧାର୍ଯ୍ୟ କରିବେ? ତାମିଲନାଡୁ ସରକାର ବନାମ୍ ରାଜ୍ୟପାଳ ମାମଲାରେ ଗତ ଏପ୍ରିଲ ୮ ତାରିଖରେ ସୁପ୍ରିମକୋର୍ଟଙ୍କ ଏକ ଦୁଇ ଜଣିଆ ବେଞ୍ଚ ଦେଇଥିବା ଏସଂକ୍ରାନ୍ତ ଐତିହାସିକ ରାୟକୁ ନେଇ କେନ୍ଦ୍ର ସରକାର ଅଡୁଆରେ ପଡ଼ିଥିବା ବେଳେ ରାଷ୍ଟ୍ରପତିଙ୍କ ଏଭଳି ପ୍ରଶ୍ନ ବିଶେଷ ପରିସ୍ଥିତି ସୃଷ୍ଟି କରିଛି । ସମ୍ବିଧାନର ଧାରା ୧୪୩ ଅନୁଯାୟୀ ରାଷ୍ଟ୍ରପତି ଏସଂପର୍କରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିଛନ୍ତି । ଏଭଳି ଜଟିଳ ପ୍ରସଙ୍ଗ ଉପରେ ସୁପ୍ରିମ କୋର୍ଟଙ୍କ ମତାମତ ନେବା ଲାଗି ସମ୍ବିଧାନର ଧାରା ୧୪୩ ରାଷ୍ଟ୍ରପତିଙ୍କୁ କ୍ଷମତା ଦେଇଛି । ତେବେ ରାଷ୍ଟ୍ରପତିଙ୍କ ଏହି ପ୍ରଶ୍ନ ନବନିଯୁକ୍ତ ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇଙ୍କ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି । ▶ପୃଷ୍ଠା-୭

### ୧୪ ପ୍ରଶ୍ନ ଉପରେ ମତାମତ ଲୋଡ଼ିଲେ

୧. ସମ୍ବିଧାନର ଧାରା ୨୦୦ ଅଧୀନ ରାଜ୍ୟପାଳଙ୍କ ପାଖକୁ ବିଲ୍ ଆସିଲେ, ରାଜ୍ୟପାଳଙ୍କ ପାଖରେ ସାମ୍ବିଧାନିକ ବିକଳ୍ପ କ'ଣ?
୨. ରାଜ୍ୟ ମନ୍ତ୍ରୀ ପରିଷଦର ପରାମର୍ଶ ଗ୍ରହଣ କରିବାକୁ ରାଜ୍ୟପାଳ ବାଧ୍ୟ କି ?
୩. ସମ୍ବିଧାନର ଧାରା ୨୦୦ରେ ରାଜ୍ୟପାଳଙ୍କୁ ମିଳିଥିବା ଇଚ୍ଛାଧୀନ କ୍ଷମତାର ଉପଯୋଗ ଯୁକ୍ତିଯୁକ୍ତ କି?
୪. ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କୁ ମିଳିଥିବା କ୍ଷମତାର ଧାରା ୩୬୧ ଅନୁଯାୟୀ ନ୍ୟାୟିକ ସମୀକ୍ଷା ହୋଇପାରିବ କି?
୫. ଭାରତୀୟ ସମ୍ବିଧାନର ଧାରା ୨୦୦ରେ ରାଜ୍ୟପାଳଙ୍କ ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନ ଥିବା ବେଳେ କୋର୍ଟ ସମୟ ଧାର୍ଯ୍ୟ କରିପାରିବେ କି?
୬. ସମ୍ବିଧାନର ଧାରା ୨୦୧ ଅନୁଯାୟୀ ରାଷ୍ଟ୍ରପତିଙ୍କୁ ମିଳିଥିବା ସାମ୍ବିଧାନିକ ଇଚ୍ଛାଧୀନ କ୍ଷମତା ଯୁକ୍ତିଯୁକ୍ତ କି ?
୭. ସମ୍ବିଧାନର ଧାରା ୨୦୧ରେ ରାଷ୍ଟ୍ରପତିଙ୍କୁ ଇଚ୍ଛାଧୀନ କ୍ଷମତା ମିଳିଛି । ବିଲ୍ ପାଇଁ ସମୟ ଧାର୍ଯ୍ୟ କରାଯାଇ ନ ଥିବା ବେଳେ କୋର୍ଟ ସମୟ ସୀମା ଧାର୍ଯ୍ୟ କରିପାରିବେ କି?
୮. ରାଜ୍ୟ ବିଧାନସଭାରେ ଅନୁମୋଦିତ ବିଲକୁ ସ୍ୱୀକୃତି ନଦେଇ ରାଷ୍ଟ୍ରପତିଙ୍କ ବିଚାର ପାଇଁ ରାଜ୍ୟପାଳ ସଂରକ୍ଷିତ ରଖିଲେ, ଏହା ଉପରେ ରାଷ୍ଟ୍ରପତି ସୁପ୍ରିମ କୋର୍ଟଙ୍କ ମତାମତ ନେବା ଜରୁରୀ କି ?
୯. ରାଷ୍ଟ୍ରପତି/ରାଜ୍ୟପାଳଙ୍କ ପାଖରେ ପଡ଼ି ରହିଥିବା ବିଲ ଉପରେ କୋର୍ଟ ରାୟ ଦେଇପାରିବେ କି ?
୧୦. ଧାରା ୧୪୨ରେ ରହିଥିବା ରାଷ୍ଟ୍ରପତି/ରାଜ୍ୟପାଳଙ୍କ ସାମ୍ବିଧାନିକ କ୍ଷମତାର ଅନ୍ୟ ବିକଳ୍ପ ଅଛି କି ?
୧୧. ରାଜ୍ୟପାଳଙ୍କ ବିନା ସ୍ୱୀକୃତିରେ ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍ ଆଇନରେ ପରିଣତ ହୋଇପାରିବ କି ?
୧୨. ସମ୍ବିଧାନର ଧାରା ୧୪୫(୩) ପରିପ୍ରେକ୍ଷୀରେ କୌଣସି ଜଟିଳ ପ୍ରସଙ୍ଗରେ ସମ୍ବିଧାନର ବ୍ୟାଖ୍ୟା ପାଇଁ ବେଞ୍ଚରେ ବିଚାରପତି ସଂଖ୍ୟା ସର୍ବନିମ୍ନ ୫ ହେବା ଜରୁରୀ ନୁହେଁ କି ?
୧୩. ମତାମତ ଦେବାପାଇଁ ସମ୍ବିଧାନରେ ବ୍ୟବସ୍ଥା ଥିବା ବେଳେ ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇପାରିବେ କି ?
୧୪. କେନ୍ଦ୍ର-ରାଜ୍ୟ ବିବାଦରେ ହସ୍ତକ୍ଷେପ ପାଇଁ ସମ୍ବିଧାନର ଧାରା ୧୩୧କୁ ଛାଡ଼ିଦେଲେ ସୁପ୍ରିମ କୋର୍ଟ ପାଖରେ ଅନ୍ୟ କୌଣସି କ୍ଷମତା ନାହିଁକି ?

# ବନ୍ଧୁ ପାଲଟିଲା ବଇରୀ

## ଭାରତ ପ୍ରତି ବଢୁଛି ଟ୍ରମ୍ପଙ୍କ ଅସୂୟା ମନୋଭାବ

■ **ନୂଆଦିଲ୍ଲୀ, ୧୫ା୫ (ଏଜେନ୍ସି):** ପହଲ୍‌ଗାମ୍ ଆତଙ୍କୀ ଆକ୍ରମଣ ଘଟଣା ଓ ଭାରତ–ପାକିସ୍ତାନ ଯୁଦ୍ଧ ପରିସ୍ଥିତି ବନ୍ଧୁ ବୋଲାଉଥିବା ଭାରତର ଶତ୍ରୁମାନଙ୍କ ମୁହଁରୁ ମୁଖା ଖୋଲିଦେଇଛି । ଏସୀୟ ଦେଶ ମଧ୍ୟରେ ଚୀନ ସହ ଭାରତର ମତାନ୍ତର ଓ ବିବାଦ ପୂର୍ବରୁ ଜଣାଶୁଣା ରହିଥିଲା, ମାତ୍ର ନିଜକୁ ଭାରତର ବନ୍ଧୁ କହୁଥିବା ଟ୍ରମ୍ପଙ୍କ ଭାରତ ବିରୋଧୀ ଭୂମିକା ଏବେ ସ୍ପଷ୍ଟ ହୋଇଛି । ଶୁଳ୍କ ନୀତିଠାରୁ ଆରମ୍ଭ କରି ଯୁଦ୍ଧ ବିରତିରେ ପାକିସ୍ତାନକୁ ସମର୍ଥନ କରିବା ପର୍ଯ୍ୟନ୍ତ ସବୁଠାରେ ଟ୍ରମ୍ପ୍ ପ୍ରଶାସନର ଭାରତ ପ୍ରତି ଅସୂୟା ମନୋଭାବ ସ୍ପଷ୍ଟ ଭାବେ ବାରି ହୋଇ ପଡ଼ିଛି । ଏବେ ଭାରତରେ ନିବେଶ ରୋକିବାକୁ ଟ୍ରମ୍ପ ▶ପୃଷ୍ଠା-୭



ଭାରତରେ ପ୍ଲାଣ୍ଟ ନ ବସାଇବାକୁ ଆପଲ୍‌କୁ ନିର୍ଦ୍ଦେଶ

## ନିୟନ୍ତ୍ରଣରେ ନାହିଁ ପ୍ରଶାସନ

# ସରକାର ଅସହାୟ


## ମୋ ଭାଷଣ ଆସିଲେ ବିଡିଓ ଟିଭି ବନ୍ଦ କରି ଦେଉଛନ୍ତି: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧୫ା୫ (ସମିସ):** ରାଜ୍ୟରେ ବିଜେପିର କଥିତ ଅସ୍ମିତା ସରକାରକୁ ବର୍ଷେ ପୂରିବାକୁ ଯାଉଛି । ମାତ୍ର ବର୍ଷକ ମଧ୍ୟରେ ସରକାରଙ୍କ ଉପଲବ୍ଧିକୁ ନେଇ ସାଧାରଣ ଲୋକ ଅନ୍ଧାରରେ । ସରକାରୀ ବ୍ୟବସ୍ଥା ଭୁଶୁଡ଼ି ଗଲାଣି, ତଳସ୍ତରରେ ସରକାରୀ କାର୍ଯ୍ୟାଳୟରେ ଶାସକ ଦଳର କୁଜି ନେତାମାନେ ମାମଲତି ଦେଖାଉଛନ୍ତି । ସରକାରୀ ଅଧିକାରୀ ଅଣନିଃଶ୍ୱାସୀ ହୋଇ ପଡ଼ିଲେଣି । ଏହି ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ସରକାରୀ କାର୍ଯ୍ୟକ୍ରମରେ ତାଙ୍କ ଭାଷଣ ବିଡିଓମାନେ ବି ଶୁଣୁ ନାହାନ୍ତି ବୋଲି ଯେଉଁ ବିସ୍ଫୋରଣ କରିଛନ୍ତି; ତାହା ସରକାରରେ ରହିଥିବା ଦ୍ୱନ୍ଦ୍ୱ, ଦୁର୍ବଳତାକୁ ସ୍ପଷ୍ଟ କରି ଦେଇଛି । ଯଦିଓ ମୁଖ୍ୟମନ୍ତ୍ରୀ



ସମ୍ପୃକ୍ତ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି; ତାହା ରାଜନୈତିକ ସମୀକ୍ଷକଙ୍କୁ ସରକାରୀ ବ୍ୟବସ୍ଥାକୁ ନେଇ ପୁନର୍ବାର ଚିନ୍ତା କରିବାକୁ ବାଧ୍ୟ କରିଛି । ଅନ୍ୟପକ୍ଷରେ ବିଡିଓମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ପ୍ରଶାସନିକସ୍ତରରେ ଚାଲିଥିବା ବିରାଟ ଅସଙ୍ଗତିକୁ ପଦାରେ ପକାଇ ଦେଇଛି । ରାଜ୍ୟ ପ୍ରଶାସନ ଯେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ନିୟନ୍ତ୍ରଣରେ ନାହିଁ, ତାହା ମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ ଆପାତତଃ ସ୍ପଷ୍ଟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ଭାଷଣ ପରେ ଚର୍ଚ୍ଚା ଜୋର୍ ଧରିଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କିଛି ବିଡିଓ ମୁଖ୍ୟମନ୍ତ୍ରୀଙ୍କ ସହ ଭଲ ସମ୍ପର୍କ ରଖିନାହାନ୍ତି । ସେମାନେ ଭିଡିଓ କନଫରେନ୍ସରେ ମୋ ଭାଷଣ ଆସିଲେ ଟିଭି ବନ୍ଦ କରି ଲୋକଙ୍କୁ ବିଦା କରିଦେଉଛନ୍ତି । ଏହାର ପରିଣାମ କ'ଣ ହେବ, ତାହା ଆପଣମାନେ ଜାଣିଥିବେ । ▶ପୃଷ୍ଠା-୭




# ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କୁ ଦାବିପତ୍ର



ଧରାକୋଟ,୧୫।୫(ସମିସ): କେଉଁ ଉପାନ୍ତ ଅଞ୍ଚଳ ନୁହଁ, ଖୋଦ ଧରାକୋଟଗଡ଼ର ମେଡିକାଲ ଛକରୁ କୋଠରୀ ସାହିକୁ ଯିବା ରାସ୍ତାର ସ୍ଥିତି ସାମାନ୍ୟ ବର୍ଷା ହେଲେ ବେହାଲ ହୋଇପଡୁଛି। ସାମାନ୍ୟ ବର୍ଷା ହେଲେ ରାସ୍ତା ସାରା କାଦୁଅ, ପଙ୍କ, ବାଲି, ଗୋଡ଼ିରେ ଭର୍ତ୍ତି ହୋଇଯାଉଛି। ଫଳରେ ଏହି ରାସ୍ତାରେ ଯିବା ଆସିବା ସମ୍ଭବ ହେଉନାହିଁ। ଗତ ବୁଧବାର ହୋଇଥିବା କାଳବୈଶାଖୀ ବର୍ଷାରେ ଏହି ରାସ୍ତା ଉପରେ ବର୍ଷା ପାଣି ପ୍ରବାହିତ ହେବାରୁ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ରାସ୍ତା ପାର୍ଶ୍ୱର ଡ୍ରେନ୍ ଅବରୋଧ ହୋଇ ରହିଥିବାରୁ ଏଥିରେ ବର୍ଷା ପାଣି ସଠିକ ଭାବେ ନିଷ୍କାସନ ହୋଇପାରୁନାହିଁ। ଏଣୁ ରାସ୍ତା ଉପରେ କାଦୁଅ ଓ ପଙ୍କର ଆସ୍ତରଣ ଜମିବା ଯୋଗୁଁ ଲୋକେ ଏଥିରେ ସାହି ଭିତରକୁ ଯାଇପାରି ନଥିଲେ। ଫଳରେ ଲୋକେ ଉତ୍ତେଜିତ ହୋଇ ବାଉଁଶ ବାନ୍ଧି ରାସ୍ତା ବନ୍ଦ କରିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କୋଠରୀ ସାହି ଲୋକେ ଏ ସମ୍ପର୍କରେ ଏକ ଦାବିପତ୍ର ବିଡିଓ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ପ୍ରଦାନ କରି ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।

ପ୍ରକାଶଯୋଗ୍ୟ ଧରାକୋଟଗଡ଼ର କୋଠରୀ ସାହିକୁ ଯିବାପାଇଁ ମେଡିକାଲ ପାଚେରୀକୁ ଲାଗି ଏକ ରାସ୍ତା ରହିଛି। ଏହି ରାସ୍ତା ଦେଇ ପିଲା ମାନେ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବା ବେଳେ ଲୋକେ ସେବା ସମବାୟ ସମିତି, କୋଠରୀ ମନ୍ଦିର ସହ ସାହି ଭିତରକୁ ଯିବା ଆସିବା କରନ୍ତି। କିନ୍ତୁ ରାସ୍ତାଟି ଖାଲୁଆ ହୋଇ ରହିଥିବାରୁ ସାମାନ୍ୟ ବର୍ଷା ହେଲେ ଏହା ଉପରେ ପାଣି ସୁଅ ଛୁଟୁଛି। ଏଣୁ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି ହେଉଛି।

**ମହେନ୍ଦ୍ରଗିରିରୁ ଫେରିବା ବେଳେ ଦୁର୍ଘଟଣା**

# ଓଲଟିଲା ପିକ୍‌ଅପ୍; ୭ ଗୁରୁତର



ପାତ୍ରପୁର,୧୫।୫(ସମିସ): ଜରଡା ଥାନା ଅଞ୍ଚଳର ମହେନ୍ଦ୍ରଗିରି ଘାଟି ବାର୍‌ହାପଥର-ଅଣ୍ଡଅଣ୍ଡା ନିକଟରେ ଏକ ପିକ୍‌ଅପ୍ ଓଲଟି ପଡିଛି। ଏଥିରେ ଥିବା ୨୧ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ଶିଶୁ ଆହାତ ହୋଇଥିବାବେଳେ ୭ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଆହତମାନଙ୍କୁ ଜରଡ଼ା ଥାନା ପୁଲିସ ଓ ପାତ୍ରପୁର ଦମକଳ ବାହିନୀ ଉଦ୍ଧାର କରି ଅଟୋ ଓ ଅନ୍ୟାନ୍ୟ ଗାଡ଼ିରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ମିଳିଥିବା ସୂଚନା ପ୍ରକାରେ ଗୁରୁବାର ଆସିକା ଢ଼ଉଗାଁ ଓ ଶେରଗଡ଼ ଅଞ୍ଚଳର ପ୍ରାୟ ୨୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତୁମ୍ବା ମହେନ୍ଦ୍ରଗିରି ଘାଟି ଦେଇ ପଞ୍ଚପାଣ୍ଡବଙ୍କ ଦର୍ଶନ ସାରି ନିଜ ଗ୍ରାମକୁ ଫେରିବା ସମୟରେ କୌଣସି କାରଣରୁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ପୁରୁଷ, ୪ଜଣ ମହିଳା ଗୁରୁତର ଆହାତ ହୋଇଥିବାବେଳେ ସେଥିରେ ୪ଜଣ ଶିଶୁଥିବା ଜଣାପଡିଛି।

ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରୀତ କରାଯାଇଛି। ସେମାନେ ହେଲେ ଜୀବନ ସାହୁ (୭), ଶୁଭମ୍ ନାୟକ (୧୧), ଭାଗ୍ୟ ନାୟକ (୪୨), ବିଷ୍ଣୁ ଗୌଡ଼ (୨୨) ମଳୟ କୁମାର ସାହୁ (୪୦) ପ୍ରଫୁଲ୍ଲ କୁମାରୀ ସାହୁ (୩୫), ଲଡୁ ପରିଡ଼ା (୫୦), ରୀନା ଗୌଡ଼ (୪୮) ପ୍ରମୁଖ ୨୧ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହାତ ସହ ଗୁରୁତର ରହିଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ଜରଡ଼ା ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ବ୍ରେକ୍ ଫେଲ୍ ହେବାରୁ ଦୁର୍ଘଟଣା ଘଟିଥିବା ଆହତ ଯାତ୍ରୀମାନେ କହିଛନ୍ତି।

**● ଲଙ୍ଗଳେଶ୍ୱର ଗ୍ରାମରୁ ଚୋରି ଘଟଣା**

# ୩ ଗିରଫ; ସୁନା ଓ ଟଙ୍କା ଉଦ୍ଧାର



ଖଲ୍ଲିକୋଟ,୧୫।୫(ସମିସ): ଖଲ୍ଲିକୋଟ ଥାନା ତଥା ଭେଜିପୁଟ ଫାଣ୍ଡି ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମର ଦୀପକ ପ୍ରଧାନଙ୍କ ଘରୁ ଗତ ୮ ତାରିଖରେ ସୁନା ଓ ଟଙ୍କା ଚୋରି ହୋଇଥିଲା। ପୁଲିସ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିବା ସହ ଚୋରି ସୁନା ଓ ଟଙ୍କା ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେଶପୁର କାଳୁଆପଦର ଗ୍ରାମର ଜଗନ୍ନାଥ ମଲ୍ଲିକ, ଲଙ୍ଗଳେଶ୍ୱର ଗୋସେଇଁ ପାଟଣା ସାହିର ପ୍ରସନ୍ନ ଅଧିକାରୀ, ଲଙ୍ଗଳେଶ୍ୱର ଗାଈ ଗୋଠସାହିର ଦୀପେନ୍ଦ୍ର ବେହେରା। ଗତ ୮ ତାରିଖ ରାତିରେ ଦୀପକଙ୍କ ଘରେ ପଶି ଦୁର୍ବୃତ୍ତମାନେ ଗୋଟିଏ ସୁନା ଚେନ, ଗୋଟିଏ ରୁପା ପାଉଁଜି ଓ ନଗଦ ୨୦ ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ ଦୀପକ। ସିସିଟିଭି ଫୁଟେଜକୁ ଆଧାର କରି ଗୁରୁବାର ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛନ୍ତି ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର।

# ଦୁର୍ଘଟଣାରେ ଡ୍ରାଇଭର ଆହତ



ଛତ୍ରପୁର,୧୫।୫(ସମିସ): ଚମାଖଣ୍ଡି ଛକ ନିକଟ ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା ଏକ ଟ୍ରାଭେଲର। ଫଳରେ ଗାଡି ଚାଳକ ଜାଭେଦ ଖାନ (୪୦) ଆହତ ହୋଇଥିଲେ। ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା (ଓଡି୦୨ସିଜେଡ -୭୩୮୫) ନମ୍ବର ବିଶିଷ୍ଟ ଏହି ଟ୍ରାଭେଲର ଗୁରୁବାର ସକାଳେ ଭାରସାମ୍ୟ ହରାଇ ଡ଼ିଭାଇଡରରେ ପିଟି ହୋଇଥିଲା। ଗାଡ଼ିରେ କେହି ଯାତ୍ରୀ ନଥିବା ବେଳେ ଚାଳକ ଜାଭେଦ ଆହତ ହୋଇଥିଲେ। ହାଇୱେ ପାଟ୍ରୋଲିଂ ଓ ଚମାଖଣ୍ଡି ଥାନା ପୁଲିସ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲକୁ ପଠାଇବା ସହ ଗାଡ଼ି ଜବତ କରିଥିବା ଜଣାପଡ଼ିଛି।

# ଅଭିନୟ ଜଗତ ପକ୍ଷରୁ 'ବିଜୟୀ ଭାରତ' କାର୍ଯ୍ୟକ୍ରମ



ବ୍ରହ୍ମପୁର,୧୫।୫(ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମ ମୁକ୍ତମଞ୍ଚରେ ଅଭିନୟ ଜଗତ ପକ୍ଷରୁ ଅପରେସନ ସିନ୍ଦୁରକୁ ସମ୍ମାନ ଜଣାଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ "ବିଜୟୀ ଭାରତ' ଅନୁଷ୍ଠିତ ହୋଇଛି। ସମ୍ପାଦକ ଡ. ମିହିର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଶିଷ୍ଟ ଅତିଥି ଡ଼. ହୃଷୀକେଶ ପାଣିଗ୍ରାହୀ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ପକାଇଥିଲେ। ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ପ୍ରେସ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ, ନାଳନ୍ଦା ମହାବିଦ୍ୟାଳୟର ଅଧ୍ୟକ୍ଷ କାଳୀଚରଣ ସାହୁ ଯୋଗ ଦେଇଥିଲେ। ନୃତ୍ୟ ନିର୍ଦ୍ଦେଶିକା ଉଷାରାଣୀ ମହାପାତ୍ର, ଅଭିନୟ ଜଗତର ପରିଚାଳକ ରବୀନ୍ଦ୍ର କୁମାର ନାୟକ ଏବଂ ବରିଷ୍ଠ କଣ୍ଠଶିଳ୍ପୀ ଏବଂ ସାମ୍ବାଦିକ ସୁଦୀପ ସାହୁ, ଲିଲି ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସୁଦର୍ଶନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨ ୱାରେଣ୍ଟି ଗିରଫ

ବୁଗୁଡା,୧୫।୫(ସମିସ): ସ୍ଥାନୀୟ ପୁଲିସ ଗୁରୁବାର୨ ଜଣ ଫେରାର ଆସାମୀଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ଗିରଫ ଦୁଇ ଜଣ ହେଲେ ବୁଗୁଡା ଥାନା ଅନ୍ତର୍ଗତ ହାତୀଗଣ୍ଡ ଗ୍ରାମର ନୀର ନାଇକ (୬୫) ସମଲେଇ ଗ୍ରାମର ଲମ୍ବୋଦର ନାଇକ (୫୫)। ଗାଁ ଗଣ୍ଡଗୋଳକୁ ନେଇ ନୀର ନାମରେ ଜିଆର ନଂ ୧୭୫/୨୦୧୬ରେ ଏକ ମାମଲା ରହିଥିବା ବେଳେ ଯୌତୁକ ନିର୍ଯାତନା ଅଭିଯୋଗରେ ଲମ୍ବୋଦରଙ୍କ ନାମରେ ଜିଆର ନଂ ୩୪୩/୨୦୨୩ରେ ଏକ ମାମଲା ରହିଥିଲା। ତେବେ ଫେରାର ଆସାମୀ ଉଭୟଙ୍କୁ ପୁଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ମୃତ୍ୟୁ ପରେ ଯୁବକଙ୍କ ଚକ୍ଷୁ ଦାନ

ଗଞ୍ଜାମ,୧୫।୫(ସମିସ): ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯୁବକଙ୍କ ଚକ୍ଷୁ ଦାନ କରାଯାଇଛି। ସେ ହେଲେ ଗଞ୍ଜାମ ବ୍ଲକ ସୁବଳୟା ଗ୍ରାମର ଲଲାଟେନ୍ଦୁ ନାୟକଙ୍କ ପୁତ୍ର ଜିତିନ(୨୬)। କିଛିଦିନ ତଳେ ରମ୍ଭା ବାଇପାସରେ ଦୁର୍ଘଟଣାରେ ଗୁରୁତର ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧିନ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ୟାପିଟେଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦବେଳେ ପରିବାର ପକ୍ଷରୁ ତାଙ୍କର ଦୁଇଟି ଚକ୍ଷୁ ଦାନ କରାଯାଇଛି। ମୃତକ ଜଣଙ୍କ ସମାଜସେବୀ ଜଜାତି ନାୟକଙ୍କ ପୁତୁରା।

**■ ଖଲ୍ଲିକୋଟ ଥାନା ଅଞ୍ଚଳର ୪ ସ୍ଥାନରେ ଅବକାରୀ ଚଢ଼ଉ**

# ୪ ଗିରଫ, ୧୦୧ ଲିଟର ଦେଶୀମଦ ଜବତ

ଖଲ୍ଲିକୋଟ,୧୫।୫(ସମିସ): ଗୁରୁବାର ସକାଳୁ ଖଲ୍ଲିକୋଟରେ ଅବକାରୀ ଗାଡ଼ି ଗୁଡିକ ଘନ ଘନ ପଇଁତରା ମାରିଥିଲେ। ଲାଗୁଥିଲା ସତେ ଯେମିତି ଆଜି ଏକ ବଡ଼ ଧରଣର ଚଢ଼ଉ ହେବ ଏବଂ ବିପୁଳ ପରିମାଣର ମଦ ଜବତ ହେବ। କିନ୍ତୁ ବହୁ ଆଡମ୍ବରେ ଲଘୁ କ୍ରିୟା ଭଳି ଖଲ୍ଲିକୋଟ ଥାନା ଅଞ୍ଚଳର ୪ଟି ସ୍ଥାନରେ ଚଢ଼ଉ କରାଯାଇ ମାତ୍ର ୧୦୧ ଲିଟର ଦେଶୀମଦ ଜବତ ସହ ୪ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଆଜି କଟକ ସ୍ଥିତ ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ, ଛତ୍ରପୁର ଅବକାରୀ ସଦର ରେଞ୍ଜ ଓ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଖଲ୍ଲିକୋଟ ଥାନା ଅଞ୍ଚଳର ଲକ୍ଷ୍ମଣପୁର, ବାଗଲପୁର, ଲଙ୍ଗଳେଶ୍ୱର ଓ ଭେଜିପୁଟ ଛକରେ ଚଢ଼ଉ କରି ୧୦୧ ଲିଟର ଚୋରା ଦେଶୀମଦ ଜବତ ସହ ୪ ଜଣଙ୍କୁ ଗିରଫ କରାଯାଇଛି।

ଲକ୍ଷ୍ମଣପୁର ଗ୍ରାମର ଚୈତନ୍ୟ ସାହୁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୫ ଲିଟର, ବାଗଲପୁର ଗ୍ରାମର ରବି ସ୍ୱାଇଁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୦ ଲିଟର, ଲଙ୍ଗଳେଶ୍ୱର ଗ୍ରାମର ଟୁକୁନା ଦଳେଇଙ୍କ ନିକଟରୁ ୧୯ ଲିଟର ଓ ଭେଜିପୁଟ ଛକର ଜଗନ୍ନାଥ ନାୟକଙ୍କ ନିକଟରୁ ୨୭ ଲିଟର ଦେଶୀ ମଦ ଜବତ ହୋଇଛି। ଅଞ୍ଚଳରେ ପ୍ରତିଦିନ ବେଧଡ଼କ ହଜାର ହଜାର ଲିଟର ଦେଶୀ ମଦର ବ୍ୟାପକ ଚୋରା ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଅବକାରୀ ବିଭାଗ ହାତ ବାନ୍ଧି ବସିଛି। ସେପଟେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ମଦ ଜବତ କରୁଥିବା ବେଳେ ଅବକାରୀ ବିଭାଗ ଧର୍ମକୁ ଆଖିଠାର ଭଳି ନାମକୁ ମାତ୍ର ଚଢ଼ଉ କରି କେଉଁଠି ୨୫ ଲିଟର ତ ଆଉ କେଉଁଠି ୨୭ ଲିଟର ଦେଶୀ ମଦ ଜବତ କରୁଥିବା ଦେଖିବାକୁ ମିଳୁଛି। ଆଜି ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାର୍ଡ, ଛତ୍ରପୁର ଅବକାରୀ ସଦର ରେଞ୍ଜ ଓ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନାର ମିଳିତ ଚଢ଼ାଉରେ ୪ଟି ସ୍ଥାନରୁ ଜବତ ହୋଇଛି ମାତ୍ର ୧୦୧ ଲିଟର ଦେଶୀ ମଦ। ଏହା ଅବକାରୀ ବିଭାଗର ସଫଳତା ନା ବିଫଳତା ତାହାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପାରା କୃଷି ସମ୍ପ୍ରସାରଣ କର୍ମୀଙ୍କ ତାଲିମ ଶିବିର

ଭଞ୍ଜନଗର,୧୫।୫(ସମିସ): ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ ଗୃହରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବିଭାଗୀୟ ପାରା ସଂପ୍ରସାରଣ କର୍ମଚାରୀଙ୍କୁ ନେଇ ଏକ ସଚେତନତାମୂଳକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ବ୍ୟୋମକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଞ୍ଜନଗର, ବେଲଗୁଣ୍ଠା, ବୁଗୁଡ଼ା ଓ ଜଗନ୍ନାଥପ୍ରସାଦ ବ୍ଲକର କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗର ୧୫୦ରୁ ଅଧିକ ପାରା ସଂପ୍ରସାରଣ କର୍ମଚାରୀଙ୍କୁ ଏଥିରେ ତାଲିମ ଦିଆଯାଇଥିଲା। କୃଷକ ସାଥି, ଗ୍ରାମ୍ୟ କୃଷି କର୍ମଚାରୀ, କୃଷି ଓଭରସିୟର, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗର ସଂପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ତାଲିମ ନେଇଥିଲେ। ବିଶେଷକରି ସରକାରୀ ଯୋଜନାର ସୁଫଳ, ଫସଲର ରୋଗପୋକ ନିରାକରଣ, ରାସାୟନିକ ଓ ଜୈବିକ ସାରର ପ୍ରୟୋଗ, ମାଟିର ଉର୍ବରତା ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଉପସ୍ଥିତ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା। ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସତନୁ କୁମାର ଶତପଥି, ଆତ୍ମା କୃଷି ଜିଲ୍ଲା ଅଧିକାରୀ ପ୍ରମୋଦ କୁମାର ମହାପାତ୍ର, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଇତିଶ୍ରୀ ପ୍ରିୟଦର୍ଶିନୀ, ଆତ୍ମା ଗଞ୍ଜାମ ଜିଲ୍ଲା ଡିପିଡି ବାସୁଦେବ ଶତପଥିଙ୍କ ସମେତ ଭଞ୍ଜନଗର, ବେଲଗୁଣ୍ଠା ଓ ଜଗନ୍ନାଥପ୍ରସାଦ ବ୍ଲକ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ କୃଷି ଅଧିକାରୀ ତଥା ଯୋଜନା ଅଧିକାରୀ ଇତିଶ୍ରୀ ପ୍ରଧାନ ସଂଯୋଜନା କରିଥିଲେ।

**● ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ୍ୟୁ ଘଟଣା**

# ବୋଲେରୋ ଜବତ, ଡ୍ରାଇଭର ଅଟକ

ବୁଗୁଡ଼ା,୧୫।୫(ସମିସ): ଗତ ମେ' ୧୧ ତାରିଖ ରାତିରେ ବୁଗୁଡା-ଷୋଳମଇଲି ରାସ୍ତାରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ କାନସୁକା ଗ୍ରାମର ପଞ୍ଚୁ ନାଇକଙ୍କ ପୁଅ ଓମ୍ ପ୍ରକାଶ ନାଇକ(୧୬) ଓ ସନ୍ତୋଷ ନାଇକଙ୍କ ପୁଅ ଶୁଭ ନାଇକ (୧୮)ର ପ୍ରାଣହାନୀ ଘଟିଥିଲା। ଏନେଇ ସନ୍ତୋଷ ନାଇକଙ୍କ ଅଭିଯୋଗ କ୍ରମେ ପୁଲିସ କେସ୍ ନଂ ୩୦୮/୨୫ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ (ନଂ-ଓଡି ୦୭କେ-୬୬୨୯)କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତି ଓ ଆଖପାଖର ସିସିଟିଭି କ୍ୟାମେରାକୁ



ଅନୁଧ୍ୟାନ କରି ଦୁର୍ଘଟଣା ଘଟାଇଥିବା ବୋଲେରୋ (ନଂ-ଓଡି ୦୨ପି - ୭୬୩୧)କୁ ଜବତ କରିବା ସହ କୁଞ୍ଜବନ ଗ୍ରାମର ଡ୍ରାଇଭର ସନାତନ ସ୍ୱାଇଁକୁ ଅଟକ ରଖି ତଦନ୍ତ ଚଳାଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ।

# ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା ଉଦ୍‌ଯାପିତ

ଧରାକୋଟ,୧୫।୫(ସମିସ): ଧରାକୋଟ ବ୍ଲକ ଜଗମୋହନ ଗ୍ରାମର ଡ଼େରାସାହିର ପ୍ରସିଦ୍ଧ ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ଏକ ସପ୍ତାହ ପର୍ଯ୍ୟନ୍ତ ଏହି ଯାତ୍ରା ଡେରାସାହି ବାସିନ୍ଦାଙ୍କ ଦ୍ୱାରା ପାରମ୍ପରିକ ରୀତିରେ ପାଳନ ହୋଇଥିଲା। ଏଥିରେ କର୍ତ୍ତା ଭାବରେ ପଦ୍ମନାଭ ସାହୁ ଓ ରାନି ସାହୁ ଉପସ୍ଥିତ ରହିଥିବା ବେଳେ ଯାତ୍ରା ସଭାପତି ରାଜେନ୍ଦ୍ର



ସାହୁ, ଦିଲୀପ ସାହୁ, ଅର୍ଜୁନ ସାହୁ, ଭୂଷଣ ସାହୁ, ବିନୋଦ ସାହୁଙ୍କ ସମେତ ଡେରା ସାହି ବାସିନ୍ଦା ଏଥିରେ ସହଯୋଗ ପ୍ରଦାନ କରିଥିଲେ। ବିଭିନ୍ନ ଦିନରେ ରଜା ନାଟକ, ରାମାୟଣ, ଭାରତ ଲୀଳା, ରେକର୍ଡ ଡ୍ୟାନ୍ସ, ଭଜନ ସମାରୋହ, ନାମ ସଂକୀର୍ତ୍ତନ ପ୍ରଭୃତି ପରିବେଷଣ ହୋଇଥିଲା। ଶେଷରେ ଠାକୁର ମନ୍ଦିର ବିଜେ କରିଥିଲେ।

**ସାହାରା ନର୍ସିଂହୋମରେ ପ୍ରସୂତି ଓ ନବଜାତକଙ୍କ ମୃତ୍ୟୁ ଘଟଣା**

# ମାମଲା ରୁଜୁ କଲା ପୁଲିସ୍; ବଢ଼ିଲା କର୍ତ୍ତୃପକ୍ଷଙ୍କ ଅଡୁଆ

ଦିଗପହଣ୍ଡି,୧୫।୫(ସମିସ): ଦିଗପହଣ୍ଡି ଥାନା ଡେଙ୍ଗାଓସ୍ତା ଗ୍ରାମ ମୁଖ୍ୟ ରାସ୍ତାକଡ଼ରେ ଥିବା ସାହାରା ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ଜଣେ ପ୍ରସୂତି ଏବଂ ନବଜାତକଙ୍କ ମୃତ୍ୟୁ ଘଟଣାରେ ମହିଳାଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଏନେଇ ଏକ ମାମଲା (ନଂ-୧୭୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ମାମଲା ରୁଜୁ ପରେ ସମ୍ପୃକ୍ତ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କ ଅଡୁଆ ବଢ଼ିବାରେ ଲାଗିଛି।



ସୂଚନା ପ୍ରକାରେ, ସାନଖେମୁଣ୍ଡି ବ୍ଲକ ସିଙ୍ଗପୁରର ମାଗୁଣି ନାୟକଙ୍କ ଝିଅ ରୋଜି ପାଟପୁର ଥାନା କରାଖଣ୍ଡି ଗ୍ରାମର ଉଦୟ ନାୟକଙ୍କ ପୁଅ ବାବୁ ନାୟକଙ୍କୁ ବିବାହ କରିଥିଲେ। ବାବୁ ଗୁଜୁରାଟ ବରୋଦା ସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରୋଜି ଗର୍ଭବତୀ ହେବାପରେ ସିଙ୍ଗପୁର ଗ୍ରାମର ବାପଘରେ ରହୁଥିଲେ। ଗତ ରବିବାର ମଧ୍ୟାହ୍ନରେ ଯନ୍ତ୍ରଣା ହେବାରୁ ବାପଘର ଲୋକେ ତାଙ୍କୁ ଉକ୍ତ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଆଲଟ୍ରାସାଉଣ୍ଡ କରାଯାଇଥିଲା। ଅପରାହ୍ନରେ ପ୍ରସବ ବେଦନା ଅଧିକ ହେବାରୁ ଉପସ୍ଥିତ ନର୍ସିଂହୋମ କର୍ମଚାରୀ ତାଙ୍କ ପ୍ରସବ କରାଇବାକୁ ରୋଜିଙ୍କ ପରିବାର ଲୋକଙ୍କୁ କହିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ତାଙ୍କୁ ଅପରେସନ ଥିଏଟରକୁ ନିଆଯାଇଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମଚାରୀ ବାବୁଙ୍କ ଶାଶୁ ମମତା ନାୟକଙ୍କୁ ଡାକି ତାଙ୍କୁ ଏକ ମୃତ ଶିଶୁପୁତ୍ର ଦେଇଥିଲେ। ଏହାପରେ ରାତି ପ୍ରାୟ ୧୦ଟାରେ ରୋଜିଙ୍କର ମୃତ୍ୟୁ ଘଟିଥିଲେ ମଧ୍ୟ ନର୍ସିଂହୋମ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ ନଜଣାଇ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ଦର୍ଶାଇ ୧୦୨ ଆମ୍ବୁଲାନ୍ସ ଡ଼କାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମା' ହିନା ନାୟକ ବୋହୂ ଏବଂ ଜନ୍ମିତ ପୁତ୍ର ସନ୍ତାନର ମୃତ୍ୟୁ ହୋଇଥିବା ନେଇ ପୁଅ ବାବୁଙ୍କୁ ଫୋନ କରି ଜଣାଇଥିଲେ। ରୋଜିଙ୍କ ମୃତଦେହ କରାଖଣ୍ଡି ଗ୍ରାମକୁ ନିଆଯାଇ ସୋମବାର ଗାଁ ଶ୍ମଶାନରେ ଶୋକାକୂଳ ପରିବେଶ ମଧ୍ୟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

ଘଟଣାର ଦିନକ ପରେ ବାବୁ ଘରେ ପହଞ୍ଚିଥିଲେ। ନର୍ସିଂହୋମରେ କୌଣସି ଡ଼ାକ୍ତରଙ୍କ ଅନୁପସ୍ଥିତିରେ ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ତାଙ୍କ ସ୍ତ୍ରୀଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇଥିବା କାରଣରୁ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ଘଟଣାରେ ସମ୍ପୃକ୍ତ ଥିବା ନର୍ସିଂହୋମ ମାଲିକ, ଅପରେସନ କରିଥିବା ନର୍ସିଂହୋମରେ ନିଯୁକ୍ତ ଘରୋଇ ଡାକ୍ତର, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ପ୍ରମୁଖଙ୍କ ଅବହେଳାରୁ ତାଙ୍କ ସ୍ତ୍ରୀ ଓ ଛୁଆଙ୍କ ମୃତ୍ୟୁ ଘଟିଥିବା ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ପୁଲିସ ନିକଟରେ ନିବେଦନ କରିଛନ୍ତି।

ଭାରପ୍ରାପ୍ତ ଆଇଆଇସିଙ୍କୁ ପଚାରିବାରୁ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ନିମନ୍ତେ ଏସଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଅପରପକ୍ଷରେ ଘଟଣା ଦିନଠାରୁ ଉକ୍ତ ନର୍ସିଂ ହୋମ ବନ୍ଦ ରହିଥିବା ଜଣାପଡିଛି। ନର୍ସିଂ ହୋମ ପରିଚାଳକ ମଙ୍ଗୁଲୁ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଏଭଳି ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି। ଗର୍ଭବତୀ ରୋଜିଙ୍କୁ ପରିବାର ଲୋକେ ପୂର୍ବରୁ ନିୟମିତ ବ୍ୟବଧାନରେ ନର୍ସିଂହୋମକୁ ଆଣୁଥିଲେ। ଘଟଣା ଦିନ ତାଙ୍କ ଅଲଟ୍ରା ସାଉଣ୍ଡ କରାଯିବା ପରେ ପ୍ରସବ ବେଦନା ବଢିଥିଲା। ତାଙ୍କୁ କୌଣସି ସରକାରୀ ଡ଼ାକ୍ତରଖାନାକୁ ନେବାପାଇଁ ପରିବାର ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ସେମାନେ ନେଇନଥିଲେ। ପରେ ତାଙ୍କର ଏକ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ତାଙ୍କ ଅବସ୍ଥାରେ ସୁଧାର ନଆସିବାରୁ ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ବୋଲି କହିଛନ୍ତି।

ଅପରପକ୍ଷରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ଡ଼ା. ଭବାନୀ ଶଙ୍କର ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଘଟଣାର ତଦନ୍ତ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ବୁଲୁନାଥ ସାହୁଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିବା କହିଛନ୍ତି।

# ଯୁବକଙ୍କ ଆତ୍ମହତ୍ୟା

ଛତ୍ରପୁର,୧୫।୫(ସମିସ): ଛତ୍ରପୁର ଥାନା ପାଲିଆ ଛତ୍ରପୁର ମଝି ସାହିରେ ଜଣେ ବ୍ୟକ୍ତିଙ୍କ ଘର କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଛି ପୁଲିସ। ସେ ହେଲେ ଏସ୍. ରାଜା ସ୍ୱାମୀ (୩୦)। ସେ ଘରେ ଏକୁଟିଆ ରହୁଥିବା ବେଳେ ଦୁଇ ଦିନ ହେଲା ଘରର କବାଟ ବନ୍ଦ ରହିଥିଲା। ଗୁରୁବାର ସକାଳେ ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ତାଲା ଭାଙ୍ଗି ଭିତରକୁ ଯାଇ ରାଜାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲା। ମୃତକ ଯୁବକର ମୁଣ୍ଡ ଦୋଷ ଥିବା ଜଣାପଡିଛି। ମୃତକଙ୍କ ବାପା ପୂର୍ବରୁ ମୃତ୍ୟୁବରଣ କରିଥିବା ବେଳେ ବଡଭାଇ ଓ ମା ବାହାର ରାଜ୍ୟରେ ରହୁଛନ୍ତି। ପୁଲିସ ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

**ପୂର୍ବତନ ସରପଞ୍ଚଙ୍କର ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ**



[illegible] **Physicochemical Studies of Ternary Mixtures of Extractants and Diluents** [illegible] IMMT [illegible]

## ଗୋପାଳପୁରରେ ତ୍ରିରଙ୍ଗା ପରିକ୍ରମା



ବ୍ରହ୍ମପୁର,୧୫।୫(ସମିସ): ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ଏନ୍‌ଏସି କାର୍ଯ୍ୟାଳୟରୁ ବାହାରି ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅପରେସନ ସିନ୍ଦୂରରେ ଯବାନଙ୍କ ସାହସିକତାକୁ ସାବାସି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ଏ. ଜାନକୀ ରାମ, ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀ, ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ଓ ଅନ୍ୟ କର୍ମଚାରୀଙ୍କ ସମେତ କାଉନସିଲରମାନେ ସାମିଲ ହୋଇଥିଲେ।

## ବ୍ରହ୍ମପୁରରେ ପରାକ୍ରମ ଶୋଭାଯାତ୍ରା




ବ୍ରହ୍ମପୁର,୧୫।୫(ସମିସ): ଅପରେସନ ସିନ୍ଦୂରର ସଫଳତାକୁ ନେଇ ଜିଲ୍ଲା ପ୍ରଶାସନର ପକ୍ଷରୁ ପରାକ୍ରମ ବା ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ସମ୍ମାନିତ ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ରାମଲିଙ୍ଗମ ପ୍ରମୋଦ ଉଦ୍ୟାନଠାରୁ ଇଞ୍ଜିନିୟରିଂ ସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଗତ ଏପ୍ରିଲ୍ ୨୨ତାରିଖରେ ଜାମ୍ମୁ କାଶ୍ମୀରର ପହଲଗାମ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଥିବା "ଅପରେସନ ସିନ୍ଦୂର'ର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତାଗୀର, ବିଇଏମସି କମିଶନର ଭବାନୀ ଶଙ୍କର ମିଶ୍ର, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକ ମହାନଗର ନିଗମ ପ୍ରତିନିଧି ଅଶୋକ ଶୁକ୍ଲା ଓ ସୁନୀଲ ସାହୁଙ୍କ ସମେତ ବିଜେପି ନେତା, କର୍ମୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ହଷ୍ଟେଲ୍‌ରୁ ୩ ମୋବାଇଲ୍ ଚୋରି

ବ୍ରହ୍ମପୁର,୧୫।୫(ସମିସ): ସ୍ଥାନୀୟଚନ୍ଦ୍ରପ୍ରଭା ସାହିରୁ ଜଣେ ଯୁବତୀଙ୍କ ମୋବାଇଲ ଚୋରି ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗୋଲାପଲ୍ଲୀ ସାହିର ଶାନ୍ତି ନିବାସରେ ରହୁଥିବା ଜଣେ ଯୁବତୀ ସ୍ଥାନୀୟ ଚନ୍ଦ୍ରପ୍ରଭା ସାହିରେ ଛାତ୍ରୀ ହଷ୍ଟେଲ(ମେସ) ରେ ରହୁଥିବା ସାଙ୍ଗ ପାଖକୁ ଯାଇଥିଲେ। ସେଠାରେ ଏକ ଦୁର୍ବୃତ୍ତ ୩ଟି ମୋବାଇଲ ଓ ଚାର୍ଜର ଚୋରି କରି ନେଇଯାଇଥିଲା। ଚୋରି ବେଳର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ନିର୍ମାଣାଧୀନ ଘରୁ ଚୋରି

ବ୍ରହ୍ମପୁର,୧୫।୫(ସମିସ): ଅଳକାପୁରୀ ଅଞ୍ଚଳରେ ଚାଲିଥିବା ଏକ ନିର୍ମାଣାଧିନ ଘରୁ ଚୋରି ହୋଇଛି। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ହିଲପାଟଣା ପୁଲିସ କଲୋନୀରେ ରହୁଥିବା ଜଗବନ୍ଧୁ ପାତ୍ର(୪୦) ଙ୍କ ଅଳକାପୁରୀ ଅଞ୍ଚଳରେ ଏକ ଗୃହ ନିର୍ମାଣ ଚାଲିଛି। ଉକ୍ତ ଘରୁ ସାୱାର, ଟ୍ୟାପ୍, ଗ୍ୟାସ, ହାଣ୍ଡି ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

## ଡ. କୋଟା ହରିନାରାୟଣଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୧୫।୫(ସମିସ): ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ପଦ୍ମଶ୍ରୀ ଡ଼. କୋଟା ହରିନାରାୟଣଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୁରୁବାର ବ୍ରହ୍ମପୁର ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ପଦ୍ମଶ୍ରୀ ଡକ୍ଟର କୋଟା ହରିନାରାୟଣଙ୍କ ନିକଟରେ ପହଞ୍ଚି ସମ୍ବର୍ଦ୍ଧନା ଦେଇଥିଲେ। ଦେଶର ସାମରିକ ବାହିନୀ ପାଇଁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଭାରତୀୟ ବାୟୁସେନାର ଲଢୁଆ ବିମାନ 'ତେଜସ୍'ର ମୁଖ୍ୟ ଡିଜାଇନର ତଥା ସେହି ପ୍ରକଳ୍ପର ବ୍ରହ୍ମପୁରର ପଦ୍ମଶ୍ରୀ ଡକ୍ଟର କୋଟା ହରିନାରାୟଣ ମୁଖ୍ୟ ରହିଥିଲେ। ତେବେ ଦେଶରେ ନିକଟରେ ହୋଇଥିବା 'ଅପରେସନ ସିନ୍ଦୂର', ସେନାରେ ଲଢୁଆ ବିମାନ 'ତେଜସ'ର ବ୍ୟବହାର କରାଯାଇଥିଲା। ଯାହାକୁ ନେଇ ସମଗ୍ର ଦେଶ ଗର୍ବ ଅନୁଭବ କରୁଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ଓ ବ୍ରହ୍ମପୁର ବିଧାୟକ ମହାନଗର ନିଗମ ପ୍ରତିନିଧି ଅଶୋକ ଶୁକ୍ଲାଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ପାତିସୁନାପୁରରେ ଗୋଷ୍ଠୀ ସଂଘର୍ଷ ଘଟଣା

# ନିରପେକ୍ଷ ତଦନ୍ତ ଓ ଧନଜୀବନର ସୁରକ୍ଷା ଦାବି କଲା ବିଜେଡି



ବ୍ରହ୍ମପୁର,୧୫।୫(ସମିସ)

ସୋନପୁର ମେରାଇନ ଥାନା ଅନ୍ତର୍ଗତ ପାତିସୁନାପୁର ଗ୍ରାମରେ ଯୋଗାମ୍ମା ଯାତ୍ରା ଆୟୋଜନ ପାଇଁ ପ୍ରଶାସନର ଏକତରଫା ତଥା ତରବରିଆ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛି ଜିଲ୍ଲା ବିଜେଡି। ଯାତ୍ରା ଆୟୋଜନକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଥିବା ବିବାଦରୁ ସଂଘର୍ଷର ଆଶଙ୍କା କରି ଦୀର୍ଘ ୧୪ବର୍ଷ ଧରି ବନ୍ଦ ଥିବା ଯାତ୍ରାର ଆୟୋଜନ ପାଇଁ ପ୍ରଶାସନ କାହା ଚାପରେ ଅନୁମତି ଦେଲା ବୋଲି ପ୍ରଶ୍ନ କରିଛି ଦଳ। ଯଦ୍ୱାରା ଗ୍ରାମରେ ଦୁଇ ବିରୋଧୀ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ର ହେଲା। ସରକାର ବଦଳିବା ସହିତ ନିଜ ଜିଦରେ ଅଟଳ ରହି ପ୍ରଶାସନକୁ ହାତବାରିସି କରି ସ୍ଥାନୀୟ କିଛି ରାଜନେତା ଲୋକଙ୍କୁ ଉସୁକାଇ ଯାତ୍ରା ଆୟୋଜନ ପାଇଁ ଚାପ ସୃଷ୍ଟି କରିଥିଲେ। ଏବଂ ପ୍ରଶାସନର ଏଭଳି ଏକତରଫା ନିଷ୍ପତ୍ତିକୁ ଅନ୍ୟଗୋଷ୍ଠୀ ବିରୋଧ କରିଥିଲେ। ଫଳରେ ଗତ ୧୧ତାରିଖରେ ଯାତ୍ରା ଆୟୋଜନ ପାଇଁ ପୂଜାର୍ଚ୍ଚନା ବେଳେ ଓ ତାପରେ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିଲା। ରାତିରେ ହଠାତ୍ ଏକ ଗୋଷ୍ଠୀର ଲୋକେ ଉଭୟ ପୁରୁଷ ଓ ମହିଳା ଏକାଠି ହୋଇ ରାସ୍ତା ଅବରୋଧ କରିଥିଲେ। ପୂର୍ବରୁ ସେଠାରେ ମୁତୟନ ଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଢେଲା ଓ ପେଟ୍ରୋଲ ବୋମା ଫିଙ୍ଗିଥିଲେ। ଏଥିରେ କିଛି ପୁଲିସ ଅଧିକାରୀ ଓ କର୍ମଚାରୀ ଆହତ ମଧ୍ୟ ହୋଇଥିଲେ। ପରେ ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇ ଘଟଣାରେ ୧୮ଜଣ ମହିଳାଙ୍କ ସମେତ ମୋଟ ୨୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ପୁଲିସ। ବର୍ତ୍ତମାନ ମଧ୍ୟ ଗ୍ରାମରେ ଚାପା ଉତ୍ତେଜନା ଲାଗିଥିବା ବେଳେ ଗିରଫ ଭୟରେ ପ୍ରାୟ ୫ଶହରୁ ଅଧିକ ଲୋକ ଗ୍ରାମ ଛାଡି ଅନ୍ୟତ୍ର ଚାଲିଯାଇଥିବା ଜଣାପଡିଛି। ଏଭଳି ସ୍ଥିତିରେ ଗ୍ରାମରେ ଅନ୍ୟଗୋଷ୍ଠୀର ଲୋକେ ପୁଲିସ ଉପସ୍ଥିତିରେ ଘରଛାଡ଼ି ଚାଲିଯାଇଥିବା ଲୋକଙ୍କ ଘରେ ପଶି ଲୁଟତରାଜ କରୁଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ଲୋକେ ନିଜ ଜୀବନକୁ ଅସୁରକ୍ଷିତ ମଣୁଥିବା ବେଳେ ସେମାନଙ୍କ ଧନସମ୍ପତ୍ତିର ସୁରକ୍ଷାକୁ ନେଇ ମଧ୍ୟ ବର୍ତ୍ତମାନ ଉଠିଛି ପ୍ରଶ୍ନ। ଏଭଳି ସମସ୍ୟାକୁ ନେଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡିର ଏକ ଉଚ୍ଚସ୍ତରୀୟ ନେତୃବୃନ୍ଦ ଗ୍ରାମବାସୀଙ୍କ ସହିତ ବ୍ରହ୍ମପୁର ଏସପି ଓ ଉପ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ପ୍ରତିକାର ନିମନ୍ତେ ଦାବି କରିଥିଲେ।

- **ବ୍ରହ୍ମପୁର ଏସ୍‌ପି ଓ ଉପ ଜିଲ୍ଲାପାଳଙ୍କୁ ଭେଟିଲା ବିଜେଡିର ଉଚ୍ଚସ୍ତରୀୟ ଟିମ୍**
- **ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଉଭୟ ପ୍ରଶାସନ**

ବିଜେପି ସରକାର ଓ ସ୍ଥାନୀୟ ନେତାଙ୍କ ଚାପରେ ଆସି ଉଭୟ ଜିଲ୍ଲା ଓ ପୁଲିସ ପ୍ରଶାସନ ଏକତରଫା ନିଷ୍ପତ୍ତି ନେଇ ନିରୀହ ଲୋକଙ୍କୁ ଗିରଫ କରୁଥିବା ଅଭିଯୋଗ କରିଛି ବିଜେଡି। ନିଜ ଧନଜୀବନକୁ ଅସୁରକ୍ଷିତ ମଣୁଥିବା ଲୋକେ ଘରଛାଡି ଜଙ୍ଗଲରେ ରହୁଥିବା ବେଳେ ସେମାନଙ୍କୁ ତୁରନ୍ତ ଗ୍ରାମକୁ ଫେରାଇ ଆଣିବା ଓ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟ ପ୍ରଶାସନ ପଦକ୍ଷେପ ନେବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ବିଜୁ ଜନତା ଦଳର ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳାଇ, ବରିଷ୍ଠ ବିଜେଡି ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ଛତ୍ରପୁରର ପୂର୍ବତନ ବିଧାୟକ ସୁବାଷ ବେହେରା, ଜଗନ୍ନାଥ ସାବତ, ରଞ୍ଜନ ପଲାଇ, ଯୁବନେତା ଭବାନୀ ଶଙ୍କର ସାହୁ, କର୍ପୋରେଟର ଦୁର୍ଗାପ୍ରସାଦ ଲାୟକଙ୍କ ସମେତ ରଙ୍ଗେଇଲୁଣ୍ଡା ଅଞ୍ଚଳର ଜିଲ୍ଲାପରିଷଦ ସଦସ୍ୟ ଓ ପଞ୍ଚାୟତ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ।

ସେପଟେ ବିଜେଡିର ଦାବି ଓ ଯୁକ୍ତି ଉପରେ ପ୍ରତିକ୍ରିୟା ରଖିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ଯାତ୍ରା ଆୟୋଜନ ପୂର୍ବରୁ ଉଭୟ ଗୋଷ୍ଠୀର ଲୋକଙ୍କୁ ପ୍ରଶାସନ ପକ୍ଷରୁ ବାରମ୍ବାର ବୁଝାଇବାକୁ ଚେଷ୍ଟା କରାଯାଇଥିଲା। ଶାନ୍ତି ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥିଲା। ତେବେ ହଠାତ କିଛି ବ୍ୟକ୍ତି ରାସ୍ତା ଅବରୋଧ ସହ ପୁଲିସ ଉପରକୁ ଆକ୍ରମଣ କରିବାରୁ ପରିସ୍ଥିତି ଅଣାୟତ ହୋଇଥିଲା ଏବଂ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଲୋକଙ୍କ ସହିତ ବହୁ ଗ୍ରାମବାସୀ ଗିରଫ ଭୟରେ ଗ୍ରାମଛାଡି ଚାଲିଯାଇଛନ୍ତି। ସେମାନଙ୍କୁ ତୁରନ୍ତ ଫେରାଇ ଆଣିବା ସହ ଗ୍ରାମରେ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ଘଟଣାରେ କୌଣସି ନିରୀହ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି।

### ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## ଭଗ୍ନୀ ମଞ୍ଜୁଙ୍କ ସ୍ମୃତିସ୍ତମ୍ଭ ନିର୍ମାଣ ନେଇ ଆଲୋଚନା

ବ୍ରହ୍ମପୁର,୧୫।୫(ସମିସ)




ଗିରି ରୋଡ଼ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତକୁଣ୍ଡ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରାମଚନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟରଠାରେ ଶୁକ୍ରବାର ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସବଜୋନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗ୍ନୀ ମଞ୍ଜୁଙ୍କର ଏକ ସ୍ମୃତିସ୍ତମ୍ଭ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଏଠାରେ କୁହାଯାଇଛି। ଭଗ୍ନୀ ମଞ୍ଜୁ ଦିଦିଙ୍କର ବ୍ରହ୍ମପୁର ସହରରେ ଦୀର୍ଘ ୩୮ ବର୍ଷ ଅବସ୍ଥାନର ଜ୍ଞାନଯୋଗ, ଧାରଣା, ସେବା ସମ୍ମିଳିତ ସାକାର ଈଶ୍ୱରୀୟ ପାଳନା ଉଜ୍ଜୀବିତ କରାଯିବ। ୧୯୭୯ ମସିହାରୁ ଈଶ୍ୱରୀୟ ଜ୍ଞାନ ପ୍ରାପ୍ତ କରି ସେ ଭାରତର ପ୍ରାୟ ୧୫ଟି ସହରରେ ସହଜ ଈଶ୍ୱରୀୟ ଜ୍ଞାନ ଏବଂ ରାଜଯୋଗର ଶିକ୍ଷା ଆଧାରରେ ଅଗଣିତ ଭାଇ ଭଉଣୀଙ୍କ ଜୀବନରେ ଅଭୂତପୂର୍ବ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ନିର୍ମାଣର ନକ୍ସା ପ୍ରସ୍ତୁତ କରିଥିବା ବ୍ରହ୍ମାକୁମାରୀସ୍ ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁରୁ ଇଞ୍ଜିନିୟର ଶିବ ପ୍ରସାଦ ଏବଂ ଇଞ୍ଜିନିୟର ନରସିଂହ ଯୋଗ ଦେବେ। ଦିବଂଗତ ମଞ୍ଜୁ ଭଉଣୀଙ୍କ ସ୍ମୃତିରେ ଏକ ଆଧ୍ୟାତ୍ମିକ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସାମ୍ବାଦିକ ସମ୍ମିଳନୀରେ ସବଜୋନ ସଂଚାଳିକା ରାଜଯୋଗିନୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସିବିଏସ୍‌ଇରେ ଶୁଭାଶିଷଙ୍କ କୃତିତ୍ୱ



ବ୍ରହ୍ମପୁର,୧୫।୫(ସମିସ): ଚଳିତ ଶିକ୍ଷା ବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଶୁଭାଶିଷ ପାଣିଗ୍ରାହୀ ଶତକଡ଼ା ୯୮.୮ପ୍ରତିଶତ ମାର୍କ ରଖି ଗଞ୍ଜାମ ଜିଲ୍ଲାରେ ପ୍ରଥମ ସ୍ଥାନରେ ରହିଛନ୍ତି। ସେ ବ୍ରହ୍ମପୁର ଅକ୍ସଫୋର୍ଡ ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ ଲୋଚାପଡ଼ା ଶକ୍ତି ନଗରରେ ରହୁଛନ୍ତି। ଶୁଭାଶିଷଙ୍କ ଏଭଳି ସଫଳତାକୁ ନେଇ ବାପା ସୁଦାମ ପାଣିଗ୍ରାହୀ ଓ ମାତା ରଞ୍ଜୁକ୍ତା ପାଣିଗ୍ରାହୀ ଖୁସିବ୍ୟକ୍ତ କରିଛନ୍ତି। ଶୁଭାଶିଷଙ୍କ ବାପା ଗଞ୍ଜାମ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କାର୍ଯ୍ୟରତ ଥିବା ବେଳେ ମା' ଅର୍ଥନୀତି ଅଧ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଭଲ ଡାକ୍ତର ହୋଇ ସେବା କରିବାକୁ ସେ ସ୍ଥିର କରିଛନ୍ତି।

## ନବବିବାହିତାଙ୍କ ମୃତ୍ୟୁ; ସ୍ୱାମୀ ଗିରଫ



ବ୍ରହ୍ମପୁର,୧୫।୫(ସମିସ): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଅଲାଗରିଗଡ ଗ୍ରାମର ପ୍ରିୟଙ୍କା ବିଷୋୟୀ(୨୨)ନାମକ ଜଣେ ନବବିବାହିତାଙ୍କ ମୃତ୍ୟୁପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ପ୍ରିୟଙ୍କାଙ୍କ ସ୍ୱାମୀ ବିନୋଦ ଭୂୟାଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ପ୍ରକାଶଯେ, ଦିଗପହଣ୍ଡି ଚାଞ୍ଚଡାପଲ୍ଲୀର ଗଙ୍ଗାଧର ବିଷୋୟୀଙ୍କ ଝିଅ ପ୍ରିୟଙ୍କା ମାର୍ଚ୍ଚ ୨ତାରିଖରେ ଅଲାରିଗଡ ଗ୍ରାମର ବିନୋଦ ଭୂୟାଁଙ୍କୁ ବିବାହ କରିଥିଲେ। ପ୍ରିୟଙ୍କାଙ୍କ ପରିବାର ପକ୍ଷରୁ ଯୌତୁକ ବାବଦକୁ ଘରକରଣା ସହ ସୁନା ଓ ଟଙ୍କା ଦିଆଯାଇଥିଲା। ହେଲେ ବିବାହର କିଛିଦିନ ପରେ ତାଙ୍କ ସ୍ୱାମୀ ବିନୋଦ ଅନ୍ୟଜଣେ ଝିଅ ସହ ସମ୍ପର୍କ ରଖିଥିବା ପ୍ରିୟଙ୍କା ଜାଣିବାକୁ ପାଇଥିଲେ। ଏନେଇ ସେ ସ୍ୱାମୀଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଏପଟେ ବିନୋଦଙ୍କ ସହ ତାଙ୍କ ପରିବାର ଲୋକେ ପ୍ରିୟଙ୍କାଙ୍କୁ ଅଧିକ ଯୌତୁକ ଆଣିବାକୁ କହିଥିଲେ। ପ୍ରିୟଙ୍କା ବିରୋଧ କରିବାରୁ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। ଏନେଇ ପ୍ରିୟଙ୍କା ନିଜ ବାପ ଘର ଲୋକଙ୍କୁ ଜଣାଇଥିଲେ। ଏପରିକି ତାଙ୍କୁ ଘରକୁ ନେଇ ଯିବାକୁ ସେ ବାପଘର ଲୋକଙ୍କୁ ମଧ୍ୟ ଅନୁରୋଧ କରିଥିଲେ। ବାପଘର ଲୋକେ ମଧ୍ୟ ପ୍ରିୟଙ୍କାଙ୍କୁ ନିଜ ଘରକୁ ନେଇଯିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଏହା ପୂର୍ବରୁ ପ୍ରିୟଙ୍କା ସବୁଦିନ ପାଇଁ ଦୁନିଆରୁ ଚାଲି ଯାଇଥିଲେ। ଗତ ୧୩ ତାରିଖରେ ପ୍ରିୟଙ୍କା ଆତ୍ମହତ୍ୟା କରିଥିବା ନେଇ ତାଙ୍କ ସ୍ୱାମୀ ଫୋନ ଯୋଗେ ବାପଘର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ପ୍ରିୟଙ୍କାଙ୍କ ଭାଇ ରଞ୍ଜିତ ବିଷୋୟୀ ଓ ବାପଘର ଲୋକେ ଅଲାରିଗଡ଼ରେ ପହଞ୍ଚିବା ପରେ ପ୍ରିୟଙ୍କାଙ୍କୁ ହତ୍ୟା କରାଯାଇଥିବା ଜାଣିବାକୁ ପାଇଥିଲେ। ଯୌତୁକ ଦାବିରେ ହତ୍ୟା କରାଯାଇଥିବା ନେଇ ପ୍ରିୟଙ୍କାଙ୍କ ଭାଇ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୨୨୫/୨୫) ରୁଜୁ କରି ପ୍ରିୟଙ୍କା ଶବ ଜବତ କରି ବ୍ୟବଚ୍ଛେଦ ପରେ ବାପଘର ଲୋକଙ୍କୁ ହସ୍ତାନ୍ତର କରିଥିଲା। ବୁଧବାର ପୁଲିସ ପ୍ରିୟଙ୍କାଙ୍କ ସ୍ୱାମୀ ବିନୋଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରିୟଙ୍କାଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି।

## ଟିପିଏସ୍‌ଓଡିଏଲ୍ ଓ ଏମ୍‌କେସିଜି ମେଡିକାଲ କଲେଜ ପକ୍ଷରୁ ରକ୍ତଦାନ ଶିବିର



ବ୍ରହ୍ମପୁର,୧୫।୫(ସମିସ): ବିଶ୍ୱ ରେଡକ୍ରସ ଦିବସ ଅବସରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏମ୍‌କେସିଜି ମେଡିକାଲ କଲେଜଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏମକେସିଜି ହସ୍ପିଟାଲ ଏବଂ ସୋଟ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ ଏହା ଆୟୋଜନ କରାଯାଇଥିଲା। ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ଡିନ୍ ପ୍ରଫେସର ଡାକ୍ତର ସୁଚିତ୍ରା ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରୁ ମୋଟ ୧୧୮ ୟୁନିଟ ରକ୍ତ ସଂଗୃହୀତ ହୋଇଛି। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଟିପିଏସ୍‌ଓଡିଏଲ୍ କର୍ମଚାରୀ, ଡାକ୍ତରୀ ଛାତ୍ର, ଡାକ୍ତର ଏବଂ ସ୍ୱେଚ୍ଛାସେବୀ ନିଃସ୍ୱାର୍ଥପର ଭାବେ ସାମାଜିକ ଦାୟିତ୍ୱବୋଧ ଭାବନା ନେଇ ସାମିଲ ହୋଇଥିଲେ। ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର କହିଛନ୍ତି, ରକ୍ତଦାନ ହେଉଛି ମାନବ ସେବାର ଏକ ଶ୍ରେଷ୍ଠ ନିଦର୍ଶନ। ଆବଶ୍ୟକ ସମୟରେ ପରସ୍ପରକୁ ସହଯୋଗ କରିବା ଆମର ଦାୟିତ୍ୱ। ଟିପିଏସ୍‌ଓଡିଏଲରେ ଆମେ ଲୋକଙ୍କ ଜୀବନ ବଞ୍ଚାଇବା, ସମାଜରେ ସ୍ନେହ ଓ ବନ୍ଧୁତା ମନୋଭାବ ରଖି କାମ କରିବା ଉପରେ ଗୁରୁତ୍ୱ ଦେଉ। ଏମକେସିଜି ଡ଼ିନ ପ୍ରଫେସର ଦାସ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଯୁବପିଢ଼ି ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏପରି କାର୍ଯ୍ୟକ୍ରମ ଜାରି ରଖିବାକୁ ଉତ୍ସାହିତ କରିଥିଲେ।



### ବନ୍ଧୁତା ସ୍ଥାପନ କରି ଠକେଇ

# ଭାଇ-ଭଉଣୀଙ୍କ ଠାରୁ ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ

ବ୍ରହ୍ମପୁର,୧୫।୫(ସମିସ)



- **ଭାଇଙ୍କ ଠାରୁ ନଗଦ ୨୬ଲକ୍ଷ ସମେତ କ୍ରେଡିଟ୍ କାର୍ଡରୁ ୭ଲକ୍ଷରୁ ଉର୍ଦ୍ଧ୍ୱ ହଡ଼ପ**
- **ଭଉଣୀଙ୍କ ଠାରୁ ନେଇଗଲେ ନଗଦ ୧୦ଲକ୍ଷ**
- **ବ୍ୟାଙ୍କ ଋଣ ସୁଝି ସୁଝି ଭାଇ ନୟାନ୍ତ; ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ**

ଠକେଇର ନିଆରା ତରିକା। ପ୍ରଥମେ ବନ୍ଧୁତା ସ୍ଥାପନ ଓ ତାପରେ ବିଶ୍ୱାସରେ ବିଷ ଦେଇ ଠକିବା। ଏଭଳି ଏକ ଠକାମୀର ଶିକାର ହୋଇଛନ୍ତି ବ୍ରହ୍ମପୁରର ଭାଇ ଓ ଭଉଣୀ। ଉଭୟେ ସରକାରୀ ଚାକିରିଆ। ଅଧିକ ଅର୍ଥ ଉପାର୍ଜନର ଲୋଭ ନୁହେଁ ବରଂ ଜଣେ ବନ୍ଧୁଙ୍କୁ ବିଶ୍ୱାସ କରି ଠକାମୀର ଶିକାର ହୋଇଛନ୍ତି ଉଭୟେ। ଏଭଳି ଏକ ଘଟଣା ନଜରକୁ ଆସିଛି ବ୍ରହ୍ମପୁର ସହରରେ। ଭଞ୍ଜନଗର ମୂଳନିବାସୀ ତଥା ଲାଞ୍ଜିପଲ୍ଲୀରେ ରହୁଥିବା ଉଭୟ ସରକାରୀ ଚାକିରିଆ। ଭାଇ ପଞ୍ଚାୟତର ପିଇଓ ଓ ଭଉଣୀ ଶିକ୍ଷୟିତ୍ରୀ। ଭାଇଙ୍କ ଜଣେ ପୁରୁଣା ବନ୍ଧୁ ଶ୍ରୀଧର ସାହୁଙ୍କ ଜରିଆରେ ଧରାକୋଟ ରାଗୁମୁ ଗ୍ରାମର ମୂଳନିବାସୀ ତଥା ସ୍ଥାନୀୟ ଜ୍ୟୋତିନଗର ୩ୟ ଲାଇନରେ ପ୍ରତୀକ୍ଷା ଏଣ୍ଟରପ୍ରାଇଜର୍ସ ଭାବେ ଏକ ଘରୋଇ କମ୍ପାନୀ ଖୋଲିଥିବା ବୀରେନ ସ୍ୱାଇଁଙ୍କ ସହିତ ପରିଚୟ ହୋଇଥିଲା। ଉଭୟଙ୍କ ପରିବାର ମଧ୍ୟରେ ବନ୍ଧୁତା ସ୍ଥାପନ ପରେ ବୀରେନ ଯୋଜନାବଦ୍ଧ ଭାବେ ପ୍ରଥମେ ଭାଇ ଓ ପରେ ଭଉଣୀଙ୍କୁ ଲୁଟିବାକୁ ଯୋଜନା କରିଥିଲା। ନିଜ କମ୍ପାନୀରେ ଅର୍ଥର ଆବଶ୍ୟକତା ଥିବା ଦର୍ଶାଇ ପ୍ରଥମେ ଭାଇଠାରୁ ପର୍ଯ୍ୟାୟ କ୍ରମେ ନଗଦ ୨୬ଲକ୍ଷ ନେବା ପରେ ବିଶ୍ୱାସ ଜନ୍ମାଇବାକୁ କିସ୍ତି କିସ୍ତି କରି କିଛି ଟଙ୍କା ଫେରାଉଥିଲା। ପରେ ତାଙ୍କଠାରୁ ଗୋଟିଏ ପରେ ଗୋଟିଏ ଏହିଭଳି ୫ଟି ବ୍ୟାଙ୍କର ୬ଟି କ୍ରିଡିଟ୍ କାର୍ଡକୁ ମଧ୍ୟ ହାତେଇବାରେ ସଫଳ ହୋଇଥିଲା ବୀରେନ। ସେଥିରୁ ପ୍ରାୟ ୭ରୁ ୮ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଉଠାଣ କରିବା ସହ ପୁଣି କ୍ରେଡିଟ କାର୍ଡ ଉପରେ ଋଣ ନେଇଯାଇଥିଲା ବୀରେନ। ମାତ୍ର ମାସିକ କିଛି କିଛି ଟଙ୍କା ଫେରସ୍ତ କରୁଥିଲା। ପରେ ପୁଣି କିଛି ଅର୍ଥର ଜରୁରୀ ଥିବା ଦର୍ଶାଇ ନିଜ କମ୍ପାନୀର କିଛି କର୍ମଚାରୀଙ୍କ ଜରିଆରେ ଚାପ ସୃଷ୍ଟି କରି ଚିନ୍ମୟଙ୍କ ଦ୍ୱାରା ତାଙ୍କ ଶିକ୍ଷୟିତ୍ରୀ ଭଉଣୀଙ୍କୁ ୧୦ଲକ୍ଷ ଟଙ୍କା ଯୋଗାଡ଼ କରିବାକୁ ମନାଇବାରେ ସଫଳ ହୋଇଥିଲେ ବୀରେନ। ସେ ତାଙ୍କ ବାନ୍ଧବୀଙ୍କ ଠାରୁ ୧୦ଲକ୍ଷ ଟଙ୍କା ହାତ ଉଧାରି ଆଣି ବୀରେନଙ୍କୁ ଦେଇଥିଲେ। ଏଭଳି ଭାବେ ବୀରେନ ଉଭୟଙ୍କ ଠାରୁ ମୋଟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ଏହାର କିଛିଦିନ ପରେ ବୀରେନ ମାସିକିଆ ଫେରାଉଥିବା ଟଙ୍କା ମଧ୍ୟ ଆଉ ଦେଇନଥିଲା। ଫଳରେ ଭାଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ଗତ ଡିସେମ୍ବର ମାସରେ ଥାନାରେ ହାଜର ହୋଇ ବୀରେନ ତାଙ୍କୁ ୨୯ଲକ୍ଷ ଟଙ୍କାର ୩ଟି ପୋଷ୍ଟଡେଟେଡ୍ ଚେକ ଦେଇଥିଲେ ଏବଂ ଥାନାରୁ ୪୧ ଧାରାରେ ମୁକୁଳିଥିବା ଜଣାପଡିଛି। ତେବେ ଚେକ୍ ଗୁଡ଼ିକୁ ବ୍ୟାଙ୍କରେ ଜମା ନକରିବାକୁ ବୀରେନ ପୁଣି ତାଙ୍କ ନିକଟରେ କାକୁତିମିନତି ହୋଇଥିଲା। ଫଳରେ ସେ ଏହାକୁ ବ୍ୟାଙ୍କରେ ଜମା କରିନଥିଲେ। ଇତିମଧ୍ୟରେ ୫ ମାସ ବିତି ଯାଇଥିବା ବୀରେନ ଆଉ ଫୋନ୍ ଉଠାଇ ନଥିଲେ ବରଂ ଉଭୟ ଭାଇ-ଭଉଣୀଙ୍କ ନମ୍ବରକୁ ବ୍ଲକ୍ କରିଦେଇଥିଲେ। ଏଭଳି ସ୍ଥିତିରେ କ୍ରେଡିଟ କାର୍ଡର ଇଏମ୍‌ଆଇ ପରିଶୋଧ ସହିତ ସେଥିରୁ ବୀରେନ ଉଠାଇଥିବା ଋଣ କିସ୍ତି ସୁଝି ସୁଝି ଭାଇ ନୟାନ୍ତ ହୋଇପଡ଼ିଥିବା ବେଳେ ବାନ୍ଧବୀଙ୍କ ଠାରୁ ହାତ ଉଧାରି ଆଣିଥିବା ୧୦ଲକ୍ଷ ଟଙ୍କା ସୁଝିବାକୁ ନେଇ ଭଉଣୀ ମଧ୍ୟ ଚିନ୍ତାରେ। ଠକେଇର ଶିକାର ହୋଇଥିବା ଉଭୟ ଭାଇ ଭଉଣୀ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଭାଇଭଉଣୀଙ୍କୁ ଏସ୍‌ପି ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

ସକାଳ
THE SAKALA

# ସମ୍ପାଦକୀୟ



ସବୁ ସୂଚନା ଜ୍ଞାନବର୍ଦ୍ଧକ ନୁହେଁ।
--ଆଲବର୍ଟ ଆଇନଷ୍ଟାଇନ୍

## ନ୍ୟାୟିକ ସକ୍ରିୟତା

ନାଗରିକଙ୍କ ଦ୍ୱାରା କାର୍ଯ୍ୟକଳାପ କିମ୍ବା ବୈଚାରିକ ସ୍ତରରେ ଦ୍ୱନ୍ଦ୍ୱ, କନ୍ଦଳ, ବିବାଦ, ସଂଘାତ ସୃଷ୍ଟି ହେଲେ ଦେଶର ନୈତିକ ଆଦର୍ଶ ଓ ଭାବମୂର୍ତ୍ତି କ୍ଷୁଣ୍ଣ ହୁଏ ଏବଂ ଆଭ୍ୟନ୍ତରୀଣ ସ୍ଥିତି ଦୁର୍ବଳ ହୋଇପଡ଼େ। ଏହାକୁ ସୁଯୋଗ ରୂପେ ବ୍ୟବହାର କରିବାରେ ଶତ୍ରୁମାନେ ଅବହେଳା କରନ୍ତି ନାହିଁ। ଗଣମନ୍ତବ୍ୟ ଓ ବ୍ୟାଖ୍ୟାନମାନ ଏଭଳି ଆଦର୍ଶ ହନନ ପାଇଁ ଅଧିକାଂଶ ସ୍ତରରେ ଦାୟୀ। ସଂଯମହୀନ ଓ ଅପରିଣାମଦର୍ଶୀ ମତ, ମନ୍ତବ୍ୟ, ବିବୃତି କିମ୍ବା ବ୍ୟାଖ୍ୟାନ ଯଦି କୌଣସି ନୀତିନିର୍ଦ୍ଧାରକ ସ୍ତରର କିମ୍ବା ରାଷ୍ଟ୍ରୀୟସ୍ତରରର ବିଶିଷ୍ଟ ବ୍ୟକ୍ତିଙ୍କ ମୁଖନିସୃତ ହୁଏ କିମ୍ବା ଧର୍ମ ଓ ସାମ୍ପ୍ରଦାୟିକତା ସହିତ ଜଡ଼ିତ ହୋଇଯାଏ ତେବେ ତାହାର ନକାରାତ୍ମକ ପ୍ରଭାବ ସୁଦୂରବିସ୍ତାରୀ ହୋଇଯାଏ। ନିକଟରେ ଏଭଳି ଏକ ଦାୟିତ୍ୱହୀନ ଅଦୂରଦର୍ଶୀ ମନ୍ତବ୍ୟ ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରସଙ୍ଗର ସମ୍ବେଦନଶୀଳତା ଦୃଷ୍ଟିରୁ ନ୍ୟାୟାଳୟ ନିଜ ଆଡୁ(ସୋ ମୋଟୋ) ଏଥିରେ ହସ୍ତକ୍ଷେପ କରିଛନ୍ତି।

ଏକ ଅଭାବନୀୟ ଘଟଣାକ୍ରମେ 'ଅପରେସନ୍ ସିନ୍ଦୂର'ର ସଫଳତାରେ ଅତିମାତ୍ରାରେ ଉତ୍ସାହିତ ମଧ୍ୟପ୍ରଦେଶର ଅନୁସୂଚିତ ଜନଜାତି ବ୍ୟାପାର ମନ୍ତ୍ରୀ ତଥା ବିଜେପି ନେତା କନ୍‌ୱର ବିଜୟ ଶାହା ଏକ ଜନସଭାକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି ଯେ ଆମେ 'ପାକିସ୍ତାନର ଆତଙ୍କବାଦୀମାନଙ୍କୁ ତାଙ୍କ ଭଉଣୀଙ୍କ ଜରିଆରେ ଉଚିତ୍ ଶିକ୍ଷା ଦେଇଛୁ।' ଏଥିରେ ସେ ସିଧାସଳଖ କାହାର ନାଁ ନ ନେଇଥିଲେ ମଧ୍ୟ ତାହା ଯେ ସିଧାସଳଖ କର୍ଣ୍ଣେଲ୍ ସୋଫିଆ କ୍ୟୁରେସିଙ୍କୁ ଇଙ୍ଗିତ କରୁଛି ତାହା ଉଲ୍ଲେଖ ଅନାବଶ୍ୟକ। ଭାରତରେ ଏହାପୂର୍ବରୁ ଯେତେଥର ଜଘନ୍ୟ ଆତଙ୍କବାଦୀ ହତ୍ୟାକାଣ୍ଡମାନ ଘଟିଛି ସେଗୁଡ଼ିକ ଧର୍ମ ଆଧାରିତ ହୋଇନାହିଁ, ଯାହା ପ୍ରଥମ ଥର ପାଇଁ ପହଲଗାମ୍‌ରେ ଘଟିଛି। ଏହାର ନିନ୍ଦାସୂଚକ ପ୍ରତିକ୍ରିୟା ଜାତି-ଧର୍ମ-ବର୍ଣ୍ଣ-ଦଳ ନିର୍ବିଶେଷରେ ସାରା ଦେଶରେ ଦେଖିବାକୁ ମିଳିଥିବା ବେଳେ ମୁସଲମାନ୍ ସମ୍ପ୍ରଦାୟର ହଜାର ହଜାର କାଶ୍ମୀରବାସୀ ସାମ୍ପ୍ରଦାୟିକ ସଦ୍‌ଭାବନା, ଭ୍ରାତୃତ୍ୱ, ଧର୍ମନିରପେକ୍ଷତା ଓ ଭାରତୀୟ ଏକତାର ଅଭୂତପୂର୍ବ ସନ୍ଦେଶ ସାରାବିଶ୍ୱକୁ ଦେଇଛନ୍ତି। ହିନ୍ଦୁ-ମୁସଲିମ୍ ବିଦ୍ୱେଷର ମଞ୍ଜି ବୁଣି ସମ୍ପ୍ରଦାୟ ଆଧାରରେ ଭାରତକୁ ଅଶାନ୍ତ, ଉତ୍ତେଜିତ, ଅସ୍ଥିର ଓ ବିଭାଜିତ କରିବାକୁ ପାକିସ୍ତାନ ଆତଙ୍କବାଦୀଙ୍କ ଜରିଆରେ ଯେଉଁ ମସୁଧା କରିଛି, ତାହାକୁ ଯୋଜନାବଦ୍ଧ ଭାବେ ପ୍ରତିହତ କରିବା ପାଇଁ ଭାରତ ସରକାର 'ଅପରେସନ୍ ସିନ୍ଦୂର'ର ସବିଶେଷ ସୂଚନା, ବିଶ୍ଳେଷଣ ଓ ସଫଳତା ଗଣମାଧ୍ୟମ ସାମ୍ନାରେ ଉପସ୍ଥାପନା ପାଇଁ ଭାରତୀୟ ସେନାର କର୍ଣ୍ଣେଲ୍ ସୋଫିଆ କ୍ୟୁରେସି(ମୁସଲମାନ ମହିଳା)ଙ୍କୁ ଦାୟିତ୍ୱ ଦେଇଥିଲେ। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସହିତ ବିବିଧତା ମଧ୍ୟରେ ଭାରତୀୟ ଏକତା, ଅଖଣ୍ଡତା ଓ ସଂପ୍ରୀତିର ସନ୍ଦେଶ ପାକିସ୍ତାନ ସମେତ ସାରାବିଶ୍ୱକୁ ଦେବା ଥିଲା ଏହାର ମୁଖ୍ୟ ଲକ୍ଷ୍ୟ।

ମନ୍ତ୍ରୀ ଶ୍ରୀଶାହା ଏଭଳି ଏକ ଅରୁଚିକର ଓ ଅବାଞ୍ଛିତ ଟିପ୍ପଣୀ ଦେଇ ପାକିସ୍ତାନ ବଦଳରେ ସିଧାସଳଖ ମୁସ୍‌ଲିମ୍ ଧର୍ମାବଲମ୍ବୀଙ୍କୁ ଆକ୍ଷେପ କରିଛନ୍ତି ଏବଂ ଭାରତୀୟ ସେନାର ଜଣେ ଦାୟିତ୍ୱବାନ ସେନାଧିକାରୀଙ୍କୁ ଏହି ଆଳରେ ଆତଙ୍କବାଦୀଙ୍କ ଭଉଣୀ ହିସାବରେ ଚିତ୍ରିତ କରିଥିବା ତାଙ୍କ ଭାଷଣର ତର୍ଜମାରୁ ଆପାତତଃ ପ୍ରମାଣିତ ହେଉଛି। ଭାରତ ସରକାରଙ୍କ ମହତ୍ ଲକ୍ଷ୍ୟକୁ ସେ କେବଳ ଭଣ୍ଡୁର କରିନାହାନ୍ତି, ବରଂ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ହାତକୁ ଧର୍ମବିଦ୍ୱେଷୀ ଅସ୍ତ୍ରଟିଏ ବଢ଼ାଇ ଦେଇଛନ୍ତି। ବହୁଳ ପ୍ରଚଳିତ ଓଡ଼ିଆ ଲୋକକଥା ଅନୁସାରେ ଭାରତ ସରକାରଙ୍କ ବାର ବର୍ଷର ତପସ୍ୟାକୁ ଶ୍ରୀଶାହା ଶୁଖୁଆ ପୋଡ଼ାରେ ନଷ୍ଟ କରିଦେଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ମନ୍ତବ୍ୟ ସ୍ୱାଭାବିକ ଭାବେ ଜାତୀୟସ୍ତରରେ ରାଜନୈତିକ ଉତ୍ତେଜନା ସୃଷ୍ଟି କରିଛି। ଉଭୟ ମଧ୍ୟପ୍ରଦେଶ ଓ କେନ୍ଦ୍ରରେ ବିଜେପି ଶାସନ ଥିବାରୁ କେନ୍ଦ୍ର ସରକାରଙ୍କ ଉପରେ ମଧ୍ୟ ଚାପ ପଡୁଛି। ତାଙ୍କ ବିରୋଧରେ ଦଳ କି କାର୍ଯ୍ୟାନୁଷ୍ଠାନ ନେବ ସେ ବିଷୟରେ ଆମେ କୌଣସି ମନ୍ତବ୍ୟ ଦେବାକୁ ଉଚିତ ମନେ କରୁନାହୁଁ। କିନ୍ତୁ ଏହି ଘଟଣାରେ ଏକ ଉଲ୍ଲେଖନୀୟ, ସ୍ୱାଗତଯୋଗ୍ୟ ଓ ସର୍ବାଦୌ ପ୍ରଶଂସାଯୋଗ୍ୟ ବିଷୟକୁ ଦୃଷ୍ଟି ଆଣିବାକୁ ଉଚିତ ମନେ କରୁଛୁ। ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ ନିଜ ଆଡୁ ଏହି ଘଟଣାରେ ମାମଲା ରୁଜୁ କରି ଶ୍ରୀଶାହାଙ୍କ ବିରୋଧରେ ଚାରିଘଣ୍ଟା ମଧ୍ୟରେ ମାମଲା ରୁଜୁ କରିବାକୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଚାର ବିଭାଗର ଏହି ନ୍ୟାୟିକ ସକ୍ରିୟତା ଯେ ଠିକ୍ ସମୟରେ ଉଚିତ ପଦକ୍ଷେପ ଏହା ଅନସ୍ୱୀକାର୍ଯ୍ୟ। ଏହାଦ୍ୱାରା ବିଚାର ବିଭାଗ ଉପରେ ଭାରତୀୟ ଗଣତନ୍ତ୍ରର ନିଷ୍ଠା ଓ ଆସ୍ଥା ଆହୁରି ସୁଦୃଢ଼ ହୋଇଛି। ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ କର୍ତ୍ତବ୍ୟ ବା ସକ୍ରିୟତା ଏତିକିରେ ଶେଷ ହୋଇଯାଇନାହିଁ। ଏ ପର୍ଯ୍ୟନ୍ତ ମାମଲା ଓ ତଦନ୍ତର ଅଗ୍ରଗତି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ଆମ ରାଜନୈତିକ ବ୍ୟବସ୍ଥାଚକ୍ରରେ ପ୍ରତିପତ୍ତିଶାଳୀମାନଙ୍କ ବିରୋଧରେ ପ୍ରଶାସନିକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ଓ କୁଣ୍ଠିତ ଏହା ସର୍ବଜନବିଦିତ, ଯାହା ଶ୍ରୀଶାହାଙ୍କ ମାମଲାରେ ମଧ୍ୟ ଦେଖିବାକୁ ମିଳିଛି। ମଧ୍ୟପ୍ରଦେଶ ପୁଲିସ୍ ପ୍ରସ୍ତୁତ କରିଥିବା ଏଫ୍‌ଆଇଆରରେ ଆଇନର ଛକାପଞ୍ଝା ଖେଳରେ ଶ୍ରୀଶାହାଙ୍କ ପାଇଁ ଖସିଯିବାର ଗଳାବାଟଟିଏ ତିଆରି ହୋଇସାରିଛି। ପୁଲିସ୍ ପ୍ରଶାସନର ଏହି ତୋଷଣନୀତିକୁ ଠଉରାଇ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ତଦନ୍ତର ଅଗ୍ରଗତି ତଦାରଖ କରିବାର ନିଷ୍ପତ୍ତି ନେଇଛନ୍ତି। ଦେଶର ସର୍ବୋଚ୍ଚ ଅଦାଲତ ମଧ୍ୟ ଶ୍ରୀଶାହାଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ଭର୍ତ୍ସନା କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦପଦବୀରେ ଥିବା ଜଣେ ବ୍ୟକ୍ତିଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଶୋଭନୀୟ ଓ ଗ୍ରହଣୀୟ ନୁହେଁ ବୋଲି ପ୍ରଧାନ ବିଚାରପତି ବି ଆର ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ବୋଚ୍ଚ ନ୍ୟାୟାଳଙ୍କ ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି। ଏଫ୍‌ଆଇଆର ଆଧାରରେ ସମ୍ଭାବ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଏଡ଼ାଇବା ପାଇଁ ଶ୍ରୀଶାହା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଖଣ୍ଡପୀଠ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଆମ ସମ୍ବିଧାନିକ ବିଧିବ୍ୟବସ୍ଥା ରାଷ୍ଟ୍ର ଓ ଦେଶର ଜନତାଙ୍କ ବୃହତ୍ତର ସ୍ୱାର୍ଥ ପାଇଁ କେତେକ ବିଶେଷ କ୍ଷେତ୍ରରେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବା ପାଇଁ ନ୍ୟାୟପାଳିକାକୁ ଅଧିକାର ଦେଇଛି। ସେଥିମଧ୍ୟରୁ ଗୋଟିଏ ହେଉଛି 'ନିଜ ଆଡୁ ମାମଲା(ସୋ ମୋଟୋ)' ରୁଜୁ କରିବାର କ୍ଷମତା ବା ଅଧିକାର। ଆମ ବିଚାର ବ୍ୟବସ୍ଥାର ଏହି ତତ୍ପରତା ଓ ବିଶେଷ ଅଧିକାର ବଳରେ ବୃହତ୍ତର ଜନସ୍ୱାର୍ଥ ସମ୍ବଳିତ ଅନେକ ସ୍ପର୍ଶକାତର ମାମଲାରେ ଉପଯୁକ୍ତ ଓ ସମୟୋପଯୋଗୀ ତର୍ଜମା ହୋଇ ଉଚିତ ନ୍ୟାୟ ମିଳିପାରିଛି। ଶ୍ରୀଶାହାଙ୍କ ମାମଲାରେ ମଧ୍ୟ ଦେଶବାସୀ ନ୍ୟାୟପାଳିକାଠାରୁ ଏଭଳି ତ୍ୱରିତ ନ୍ୟାୟ ଆଶା କରୁଛନ୍ତି। ●

## ଇତିହାସ ଆମ ଓଡ଼ିଶା ଉଚ୍ଚ ନ୍ୟାୟାଳୟର

ପ୍ରହଲାଦ କୁମାର ସିଂହ

ଆଇନ୍‌ର ଶାସନ ବ୍ୟବସ୍ଥାକୁ ଶୃଙ୍ଖଳିତ ରଖିବା ସହିତ ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷା ଓ ସମ୍ବିଧାନ ପ୍ରଦତ୍ତ ଅଧିକାରକୁ ସୁନିଶ୍ଚିତ କରିଥାଏ ନ୍ୟାୟପାଳିକା। ଆମ ସାମ୍ବିଧାନିକ ବ୍ୟବସ୍ଥାରେ ତ୍ରିସ୍ତରୀୟ ନ୍ୟାୟପାଳିକା ରହିଛି। ସାରା ଦେଶ ପାଇଁ ଥିବା ସର୍ବୋଚ୍ଚ ନ୍ୟାୟାଳୟ ଗଠନ, ପରିଚାଳନା, କ୍ଷମତା ଆଦି ସମ୍ବିଧାନର ୧୨୪ରୁ ୧୪୭ ଧାରାରେ ଲିପିବଦ୍ଧ ଥିବା ବେଳେ ବିଭିନ୍ନ ରାଜ୍ୟ ପାଇଁ ଥିବା ଉଚ୍ଚ ନ୍ୟାୟାଳୟ କିଭଳି ଚାଲିବ ସେକଥା ସମ୍ବିଧାନର ୨୧୪ରୁ ୨୩୨ ପର୍ଯ୍ୟନ୍ତ ବିଭିନ୍ନ ଧାରାରେ ରହିଛି। କ୍ଷେତ୍ରସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଆଇନ୍ ଅଦାଲତଗୁଡ଼ିକ କିଭଳି କାମ କରିବେ ସେ ସଂକ୍ରାନ୍ତରେ ଆମ ସମ୍ବିଧାନର ୨୩୩ରୁ ୨୩୭ ପର୍ଯ୍ୟନ୍ତ ଧାରାରେ ଉଲ୍ଲେଖ ରହିଛି। ୧୯୫୦ ଜାନୁଆରୀ ୨୬ରେ ଆମ ସମ୍ବିଧାନ ଲାଗୁ ହେବା ପୂର୍ବରୁ ଭାରତରେ ବିଚାର ବ୍ୟବସ୍ଥା ରହିଥିଲା। ତେବେ ସେତେବେଳ ଓ ବର୍ତ୍ତମାନର ଆଇନ ଅଦାଲତ ମଧ୍ୟରେ ରହିଛି ଢେର ପ୍ରଭେଦ।

୧୮୫୭ର ସିପାହୀ ବିଦ୍ରୋହ ପରେ ବ୍ରିଟିଶ ସରକାର ଅନେକ ଆଇନ୍ ପ୍ରଣୟନ କରିଥିଲେ। ଏଗୁଡ଼ିକ ମଧ୍ୟରେ 'ଦି ଇଣ୍ଡିଆନ୍ ହାଇକୋର୍ଟର୍ସ ଆକ୍ଟ' ୧୮୬୧ ଅଗଷ୍ଟ ୬ ତାରିଖରୁ ଲାଗୁ ହୋଇଥିଲା। ସେହି ସମୟରେ ଭାରତୀୟ ପିଙ୍ଗଳ କୋଡ୍, ପୁଲିସ ଆଇନ୍ ଆଦି ବିଭିନ୍ନ ପ୍ରକାରର ବିଧି ମଧ୍ୟ ପ୍ରଚଳିତ ହେଲା। ୧୮୬୧ ବେଳକୁ ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇ ସାରିଥାଏ। ଏ ପରିପ୍ରେକ୍ଷୀରେ ୧୮୬୨ରେ କଲିକତା, ବମ୍ବେ ଓ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ଜନ୍ମଲାଭ କଲା। ସେତେବେଳେ ଆମ ରାଜ୍ୟର ଦକ୍ଷିଣାଞ୍ଚଳ ମାଡ୍ରାସ୍ ପ୍ରେସିଡେନ୍ସି ଅଧୀନରେ ଥିବାରୁ ତାହା ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟଙ୍କ କ୍ଷମତା ପରିସର ମଧ୍ୟରେ ରହିଥିବା ବେଳେ ଅନ୍ୟ ଅଞ୍ଚଳ ସବୁ ରହିଥିଲା କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଅଧୀନରେ। ପୁରୀ ଶ୍ରୀମନ୍ଦିର ସୁରକ୍ଷା ପାଇଁ ରାଜମାତା ସୂର୍ଯ୍ୟମଣି ପାଟ୍ଟମହାଦେଈଙ୍କ ଅନୁରୋଧକ୍ରମେ ଉତ୍କଳଗୌରବ ମଧୁସୂଦନ ଦାସ କଲିକତା ଉଚ୍ଚ ନ୍ୟାୟାଳୟରେ ମାମଲା ଲଢ଼ି ଶ୍ରୀମନ୍ଦିରରେ ଗଜପତି ପରମ୍ପରାକୁ ସୁରକ୍ଷିତ ରଖିବାର ଇତିହାସ ରଚିଥିଲେ। ୧୯୧୨ ମାର୍ଚ୍ଚ ୨୨ରେ ଆମ ଅଞ୍ଚଳକୁ ରଖାଯାଇଥିଲା କଲିକତା ଉଚ୍ଚ ନ୍ୟାୟାଳୟ ନିୟନ୍ତ୍ରଣରେ। ୧୯୧୬ ଫେବୃଆରୀ ୯ ତାରିଖରେ ଏହା ପାଟନା ଉଚ୍ଚ ନ୍ୟାୟାଳୟ ପରିସରଭୁକ୍ତ ହୋଇଥିଲା। ୧୯୨୨ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମାମଲାରେ ଖୋରଧାର ଅଦାଲତ ଦେଇଥିବା ରାୟ ବିରୋଧରେ ବ୍ରିଟିଶ ସରକାର ଯାଇଥିଲେ ପାଟନା ଉଚ୍ଚ ନ୍ୟାୟାଳୟକୁ। ରଘୁ-ଦିବାକରଙ୍କ ଫାଶୀ ଦଣ୍ଡାଦେଶଠାରୁ ଲକ୍ଷ୍ମଣ ନାୟକଙ୍କ ଫାଶୀ ପର୍ଯ୍ୟନ୍ତ ମାମଲାଗୁଡ଼ିକର ଅପିଲ ହୋଇଥିଲା ପାଟନା ଉଚ୍ଚ ନ୍ୟାୟାଳୟରେ। ଏହି ପାଟନା ଉଚ୍ଚ ନ୍ୟାୟାଳୟରେ ମଧୁବାବୁ ତାଙ୍କ ପାଳିତା କନ୍ୟା ଶୈଳବାଳାଙ୍କ ସାନଭଉଣୀ ସୁଧାଂଶୁବାଳାଙ୍କୁ ଓକିଲାତି କରିବାର ସୁଯୋଗ ଦେବା ପାଇଁ ମାମଲା ରୁଜୁ କରାଇଥିଲେ। ଏହି ମାମଲାରେ ମହିଳାମାନଙ୍କୁ ଓକିଲାତି ଲାଇସେନ୍ସ ଦିଆଯିବା ଥିଲା ପ୍ରଶ୍ନ। ମଧୁବାବୁଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ପ୍ରାୟ ୧୦୦ ବର୍ଷ ତଳେ ଭାରତରେ ମହିଳାମାନଙ୍କୁ ଓକିଲାତି କରିବା ପାଇଁ ଆଇନ୍‌ଗତ ବ୍ୟବସ୍ଥା ହୋଇଥିଲା, ଯାହାର ଫଳସ୍ୱରୂପ ଏବେ ଆମ ଦେଶରେ ବହୁସଂଖ୍ୟକ ମହିଳା ଓକିଲାତି କରୁଥିବା ବେଳେ ବିଭିନ୍ନ ଅଦାଲତରେ ମହିଳା ବିଚାରପତିମାନଙ୍କୁ ଦେଖିବାକୁ ମିଳୁଛି।

ଓଡ଼ିଶା ଇତିହାସରେ ୧୯୧୬ ମଇ ୧୮ ତାରିଖ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ସେଦିନ କଟକରେ ପାଟନା ଉଚ୍ଚ ନ୍ୟାୟାଳୟର ସର୍କିଟ୍ ବେଞ୍ଚ୍ ବସିଥିଲା। ସେତେବେଳେ ମଧୁବାବୁ ଥିଲେ କଟକ ବାର୍ ଆସୋସିଏସନ୍‌ର ସଭାପତି। ଏହି ଅବସରରେ ଆୟୋଜିତ ଉତ୍ସବରେ ସ୍ୱାଗତ ଭାଷଣ ଦେଇ ମଧୁବାବୁ କଟକରେ ଉଚ୍ଚ ନ୍ୟାୟାଳୟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ପାଇଁ ଦାବି ଉଠାଇଥିଲେ। ବିଭିନ୍ନ ସମୟରେ ସମ୍ବଲପୁର ଓ ପାଟନା ଗଡ଼ଜାତରେ ବି ପାଟନା ଉଚ୍ଚ ନ୍ୟାୟାଳୟର ସର୍କିଟ୍ ବେଞ୍ଚ ବସୁଥିଲା। ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଯେଉଁ କେତେଜଣ ଓଡ଼ିଆ ସଂକଳ୍ପବଦ୍ଧ ଉଦ୍ୟମ କରୁଥିଲେ ସେମାନଙ୍କ ମଧ୍ୟରେ କେନ୍ଦ୍ରବିନ୍ଦୁ ଥିଲେ ମଧୁବାବୁ। ଦୀର୍ଘବର୍ଷର ଉଦ୍ୟମକ୍ରମେ ୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସୃଷ୍ଟି ହେଲା। କିନ୍ତୁ ଏହାର ୧୨ବର୍ଷ ପରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ହେଲା ସେତେବେଳର ରାଜ୍ୟ ରାଜଧାନୀ କଟକରେ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ଓଡ଼ିଶା ପାଇଁ ଉଚ୍ଚ ନ୍ୟାୟାଳୟ ଦାବି ଜୋର ଧରିଥିଲା। ଉଚ୍ଚ ନ୍ୟାୟାଳୟ ଗଠନ ପ୍ରସଙ୍ଗରେ ୧୯୪୨ ଅଗଷ୍ଟ ୧୫ରେ ସେତେବେଳର ଆଡଭୋକେଟ୍ ଜେନେରାଲ ବୀରକିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଚିନ୍ତାମଣି ଆଚାର୍ଯ୍ୟ, ବିଚିତ୍ରାନନ୍ଦ ଦାସ, ନରସିଂହମ୍ ପ୍ରମୁଖ ସଦସ୍ୟ ଥିଲେ। ଏହି କମିଟି ୧୯୪୩ ଡିସେମ୍ବର ୨୩ ତାରିଖରେ ଓଡ଼ିଶା ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହା ଆଧାରରେ ଓଡ଼ିଶା ବିଧାନସଭାରେ ୧୯୪୮ ମାର୍ଚ୍ଚ ୩ ତାରିଖରେ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ଘେନି ବିଧିବଦ୍ଧ ପ୍ରସ୍ତାବ ଗ୍ରହଣ କରାଯିବା ପରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ସମସ୍ତ ଦିଗକୁ ବିଚାର କରି ସେତେବେଳର ଗଭର୍ଣ୍ଣର ଜେନେରାଲ ଲର୍ଡ ମାଉଣ୍ଟବ୍ୟାଟେନ୍ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ-୧୯୩୫ ଆଧାରରେ ସେହି ବର୍ଷ ଏପ୍ରିଲ ୩୦ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ସଂପର୍କିତ ବିଜ୍ଞପ୍ତି ଜାରି କରିଥିଲେ। ତଦନୁଯାୟୀ ୧୯୪୮ ଜୁଲାଇ ୨୬ ତାରିଖ ସକାଳ ୯ଟା ବେଳେ କଟକରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହୋଇଥିଲା। ଏହି ଉତ୍ସବରେ ସେତେବେଳର ଫେଡେରାଲ କୋର୍ଟ ଅଫ୍ ଇଣ୍ଡିଆର ମୁଖ୍ୟ ବିଚାରପତି ସାର୍ ହୀରାଲାଲ ଜୟକିଶନ ଦାସ କେନିୟା, ଓଡ଼ିଶାର ରାଜ୍ୟପାଳ ଆସଫ୍ ଅଲ୍ଲୀ, ବଙ୍ଗଳାର ରାଜ୍ୟପାଳ କୈଳାସ ନାଥ କାଟ୍‌ଜୁ, ପାଟନା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ସି.ଏମ୍. ଅଗ୍ରୱାଲ୍, ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ପ୍ରମୁଖ ଯୋଗ ଦେଇଥିଲେ। ସେବେଠାରୁ କଟକରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ କାର୍ଯ୍ୟ କରୁଛି। ଇତିମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉଚ୍ଚ ନ୍ୟାୟାଳୟ ବେଞ୍ଚ୍ ପ୍ରତିଷ୍ଠା ଲାଗି ସ୍ୱର ଉଠିଆସୁଛି। ଏ ପ୍ରସଂଗରେ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସରକାର ଜଷ୍ଟିସ୍ ସି.ଆର୍. ପାଲ୍ ଆୟୋଗ ଗଠନ କରିଥିଲେ ମଧ୍ୟ ଏହି ଆୟୋଗଙ୍କ ରିପୋର୍ଟ ଏଯାବତ୍ ସୂର୍ଯ୍ୟାଲୋକ ଦେଖିନାହିଁ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ବୀରକିଶୋର ରାୟ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ସମୟରେ ଲିଙ୍ଗରାଜ ପାଣିଗ୍ରାହୀ, ଆର.ଏଲ୍. ନରସିଂହମ୍ ଓ ବି. ଜଗନ୍ନାଥ ଦାସ ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ କାମ କରୁଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପାଇଁ ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ସଂଖ୍ୟା ୪ରୁ ବଢ଼ିବଢ଼ି ୩୩ରେ ପହଞ୍ଚିଛି। ଅବଶ୍ୟ ଏଥିରୁ ଏବେ ପ୍ରାୟ ଅଧା ଖାଲି ପଡ଼ିଛି। ଇତିମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ୩୫ଜଣ ମୁଖ୍ୟ ବିଚାରପତି କାର୍ଯ୍ୟ କଲେଣି। ସେମାନଙ୍କ ମଧ୍ୟରୁ ଅନ୍ୟୁନ ୧୨ଜଣ ବିଭିନ୍ନ ସମୟରେ ସୁପ୍ରିମକୋର୍ଟର ବିଚାରପତି ହୋଇଛନ୍ତି। ରଙ୍ଗନାଥ ମିଶ୍ର, ଗୋପାଳ ବଲ୍ଲଭ ପଟ୍ଟନାୟକ, ଦୀପକ ମିଶ୍ରଙ୍କ ଭଳି ବିଚାରପତିମାନେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଆସନ ଅଳଙ୍କୃତ କରିଛନ୍ତି। ଅନେକ ବିଚାରପତି ବିଭିନ୍ନ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ବିଚାରପତି ଭାବେ ଦକ୍ଷତାର ସହ କାର୍ଯ୍ୟ କରିଆସିଛନ୍ତି। କିନ୍ତୁ ବର୍ତ୍ତମାନ ସୁପ୍ରିମକୋର୍ଟରେ କୌଣସି ଓଡ଼ିଆ ବିଚାରପତି ନାହାନ୍ତି। ଦୀର୍ଘ ୭୭ବର୍ଷ ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାତ୍ର ୩ଜଣ ମହିଳା ବିଚାରପତି ପଦବୀ ଅଳଙ୍କୃତ କରିଛନ୍ତି। ଏମାନେ ହେଲେ ଅମୀୟ କୁମାରୀ ପାଢ଼ୀ, କୁମାରୀ ସଞ୍ଜୁ ପଣ୍ଡା ଓ ବର୍ତ୍ତମାନର କାର୍ଯ୍ୟରତ ବିଚାରପତି ସାବିତ୍ରୀ ରଥ। ଆଶା କରାଯାଏ ଆଗାମୀ ଦିନରେ ଅଧିକରୁ ଅଧିକ ଓଡ଼ିଆ ଝିଅ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସମେତ ଦେଶର ବିଭିନ୍ନ ଉଚ୍ଚ ନ୍ୟାୟାଳୟ ଓ ସୁପ୍ରିମକୋର୍ଟର ବିଚାରପତି ହେବେ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ମାମଲା ସଂଖ୍ୟା ୩୦.୦୪.୨୦୨୫ ସୁଦ୍ଧା ୧, ୫୦, ୪୦୪ ରହିଥିବା ଜଣାପଡ଼ିଛି। ଏଥିମଧ୍ୟରୁ ରିଟ୍ ପିଟିସନ୍ ସଂଖ୍ୟା ୬୮ ହଜାରରୁ ଅଧିକ ଥିବାବେଳେ ଅଦାଲତ ଅବମାନନା ମାମଲା ସଂଖ୍ୟା ୧୦, ୩୭୯। ଆମ ଉଚ୍ଚ ନ୍ୟାୟାଳୟରେ ୩୦ ହଜାରରୁ ଅଧିକ ଆପରାଧିକ ମାମଲା ଏବେ ବିଚାର ପ୍ରତୀକ୍ଷାରେ ରହିଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନିଜସ୍ୱ ଏକ ସଂଗ୍ରହାଳୟ ରହିଛି। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବହୁ ପୁରୁଣା ବିରଳ ତଥ୍ୟ ଦେଖିବାକୁ ମିଳେ। ୨୦୧୧ ମସିହାରେ ସଂସଦରେ ପାରିତ ବିଲ୍ ମୁତାବକ ସମ୍ବିଧାନ ସଂଶୋଧନ କରାଯାଇ ସ୍ୱତନ୍ତ୍ର ଆଇନ୍ ବଳରେ ଆମ ରାଜ୍ୟର ନାମ 'ଓରିଶା'ରୁ 'ଓଡ଼ିଶା' ଏବଂ ମାତୃଭାଷାର ନାମ 'ଓରିଆ'ରୁ 'ଓଡ଼ିଆ' ହେଲା। ଏହାପରେ ସବୁ ଦପ୍ତର ଓ ଅନୁଷ୍ଠାନରେ ନାମ ସଂଶୋଧିତ ହୋଇଥିଲେ ମଧ୍ୟ ଏଯାବତ୍ ଆମ ଉଚ୍ଚ ନ୍ୟାୟାଳୟଙ୍କ ନାମରେ ପୂର୍ବବତ୍ 'ଓରିଶା' ଲେଖାଯାଉଛି। ୧୪ବର୍ଷ ଧରି ଏହା 'ଓଡ଼ିଶା'କୁ ସଂଶୋଧିତ ହୋଇପାରି ନାହିଁ। ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ହସର ପ୍ରକାରଭେଦ

ଡ. ସୀତାକାନ୍ତ ତ୍ରିପାଠୀ

କାନ୍ଦିବା ହେଉଛି ମଣିଷର ସହଜାତ ପ୍ରବୃତ୍ତି। ଶିଶୁଟିଏ ଜନ୍ମ ହେଉହେଉ କାନ୍ଦିବା ଆରମ୍ଭ କରିଥାଏ। ଆଉ ଯଦି କୌଣସି କାରଣରୁ ଶିଶୁଟି କାନ୍ଦି ନଥାଏ, ତେବେ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ପରାମର୍ଶ କରିବା ପାଇଁ କୁହାଯାଇଥାଏ। ଆଧ୍ୟାତ୍ମବାଦୀଙ୍କ ମତରେ ସଂସାର ଦୁଃଖମୟ। ତେଣୁ ଏହି ଦୁଃଖମୟ ସଂସାରରେ ଅବତରଣ କରୁକରୁ ଶିଶୁ କାନ୍ଦିଥାଏ। ଧୀରେ ଧୀରେ ଶିଶୁଟିର ଆତ୍ମଜ୍ଞାନ କମି ସାଂସାରିକ ଜ୍ଞାନ ବଢ଼ି ବଢ଼ି ଚାଲେ। ମା', ବାପା, ପରିବାର, ଆତ୍ମୀୟସ୍ୱଜନଙ୍କ ସ୍ନେହ ଶ୍ରଦ୍ଧାରେ ବାନ୍ଧି ହୋଇଯାଇ ସେମାନଙ୍କୁ ଦେଖିଲେ କିମ୍ବା ସେମାନଙ୍କ କଥା ଶୁଣିଲେ ହସି ପକାଏ। ଅଧିକାଂଶ କ୍ଷେତ୍ରରେ ସେତେବେଳକୁ ଶିଶୁଟିର ଦାନ୍ତ ଉଠିନଥାଏ। ଶିଶୁର ଦରୋଟି ହସ ଦେଖିଲେ ସମସ୍ତଙ୍କର ପେଟ ପୂରିଯାଏ। ତାକୁ କୋଳାଗ୍ରତ କରି ତା' ମୁହଁରେ ହସ ଦେଖିବାକୁ ସଭିଏଁ ଚାହିଁ ଥା'ନ୍ତି।

ତେବେ ନିଷ୍ପାପ ଶିଶୁର ହସ ଧୀରେ ଧୀରେ କାର୍ଯ୍ୟ-କାରଣ ସମ୍ପର୍କିତ ହୋଇଯାଏ, ଯାହା ବୟସକ୍ରମେ ସ୍ଥାନ, କାଳ ଓ ପାତ୍ରର ହିସାବ କରାଯାଇ ମାପଚୁପ କରାଯାଏ। କେଉଁଠି ହସିବ, କେତେବେଳେ ଆଉ କେତେ ସମୟ ହସିବ, କେମିତି ହସିବ ତା'ର ବିଚାର କରାଯାଏ। ଯେଉଁମାନେ ଏହାର ଉପଯୁକ୍ତ ବିଚାର କରିପାରନ୍ତି ନାହିଁ ସେମାନଙ୍କୁ ଆମେ ପାଗଳ, ଅହଂକାରୀ, ମାୟାବୀ, ଚୁପ୍ ସଇତାନ ଆଦି ବିଭିନ୍ନ ନାମରେ ନାମିତ କରିଥାଉ। ହସର ସ୍ୱର-ଶବ୍ଦ ଶୁଣି ଆମେଏହାକୁ ବିଭିନ୍ନ ନାମ ଦେଇ ବର୍ଣ୍ଣନା କରିଥାଉ ଯଥା; ଅଟ୍ଟହାସ୍ୟ, ବିଦ୍ରୂପ ହସ, ଘୋଡ଼ାହସ, ସ୍ମିତହାସ୍ୟ, ଶୁଖିଲା ହସ, କୃତଜ୍ଞତା ହସ, ଦେଖାଣିଆ ହସ ଇତ୍ୟାଦି। ଦେଖା ହସର ଅର୍ଥ ହେଉଛି ଅନ୍ୟ ଜଣେ ହସୁଥିବାର ଦେଖି କିଛି ନ ବୁଝିଶୁଝି ହସିଦେବା କିମ୍ବା ଅନ୍ୟଜଣେ କାଳେ ଖୁସି ହେବ ସେଥିପାଇଁ ମଧ୍ୟ ନିଜର ଅନ୍ତରର ଦୁଃଖ ଓ କୋହକୁ ଚାପି ଅନ୍ୟ ଆଗରେ ଖୁସି ହେବାର ଅଭିନୟ କରି ହସିବା। ତେବେ ଅନ୍ୟମାନଙ୍କର ହସ ଦେଖି ତା'ର ତାତ୍ପର୍ଯ୍ୟ ନ ବୁଝି ହସିବା ବୋକାମୀ।

ମହାଭାରତରେ ବର୍ଣ୍ଣିତ କାହାଣୀ ଅନୁଯାୟୀ ଥରେ ମହାମାନୀ ଦୁର୍ଯ୍ୟୋଧନ ପରିଶ୍ରା କରିସାରି ଆସିବା ବେଳକୁ ହସିଲେ। ଯାହାକୁ ଦେଖି ତାଙ୍କର ଅମାତ୍ୟ ଜଣକ ମଧ୍ୟ ହସିଲା। ଏକଥା ଦେଖି ଦୁର୍ଯ୍ୟୋଧନ ରାଗିଯାଇ ହସର କାରଣ ପଚାରିଲେ। କିନ୍ତୁ ଅମାତ୍ୟ ଜଣକ ଏହାର ସଠିକ ଉତ୍ତର ଦେଇ ନପାରିବାରୁ ତାକୁ ଉତ୍ତର ଦେବା ପାଇଁ ସାତ ଦିନର କଣ୍ଟ ଦେଇଥିଲେ ଦୁର୍ଯ୍ୟୋଧନ। ତେବେ ବନ୍ଦୀ ଅବସ୍ଥାରେ ଥିବା ଶକୁନି ଉକ୍ତ ଅମାତ୍ୟକୁ ଡାକି ସଠିକ୍ ଉତ୍ତର ଦେଇ କହିଲେ 'ବରଗଛ ଏତେବଡ଼ ହୋଇଥିଲେ ମଧ୍ୟ ତା'ର ଫଳ ଆପଣଙ୍କ ପରିସ୍ରାରେ ଭାସିଯିବାର ଦେଖି ଆପଣ ହସୁଥିଲେ।' ଏକଥା ଶୁଣି ଦୁର୍ଯ୍ୟୋଧନ ତାଜୁବ ହେଲେ ଏବଂ ଏ ବୁଦ୍ଧି ଅମାତ୍ୟକୁ କିଏ ଦେଲା ବୋଲି ଜାଣିବାକୁ ଚାହିଁଲେ। ଶେଷରେ ଉକ୍ତ ପ୍ରଶ୍ନର ସଠିକ ଉତ୍ତରଦାତା ଶକୁନି ବୋଲି ଜାଣିବା ପରେ ତାଙ୍କୁ ସିଏ ନିଜର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତ କରିଥିଲେ, ଯାହା ତାଙ୍କର ବଂଶବିନାଶର ମୁଖ୍ୟ କାରଣ ଥିଲା। କାରଣ ନଥାଇ ହସିବା କିମ୍ବା ହସର କାରଣ ଖୋଜି ହେବା ଉଭୟ ମଣିଷ ପାଇଁ ଦୁଃଖଦାୟକ ହୋଇଥାଏ।

ତେବେ ଅନ୍ୟକୁ ବ୍ୟଙ୍ଗ କରି ହସିବା ଦ୍ୱାରା ତାହା ପ୍ରାଣଘାତକ ହୋଇଥାଏ। କାରଣ ଯାହାକୁ ଲକ୍ଷ୍ୟ କରି କିମ୍ବା ବିଦ୍ରୂପ କରି ମଣିଷ ହସିଥାଏ ସିଏ ପ୍ରତିହିଂସାର ବହ୍ନିରେ ହସିଥିବା ବ୍ୟକ୍ତିକୁ ଜାଳିପୋଡ଼ି ଦେଇଥାଏ। ଥରେ ମହାମାନୀ ଦୁର୍ଯ୍ୟୋଧନ ରାଜପ୍ରାସାଦ ମଧ୍ୟରେ ଚାଲୁଚାଲୁ ତାଙ୍କ ପାଦ ଖସିଗଲା, ଯାହାକୁ ଦେଖି ରାଣୀ ଦ୍ରୌପଦୀ ହସି ଦେଲେ ଆଉ ତାଙ୍କ ପାଟିରୁ ବାହାରି ଗଲା 'ଅନ୍ଧ ପୁତ୍ର ଅନ୍ଧ'। ଯେଉଁଥିପାଇଁ ତାଙ୍କୁ ଭବିଷ୍ୟତରେ ବହୁମୂଲ୍ୟ ଦେବାକୁ ପଡ଼ିଥିଲା।

ଅନ୍ୟପକ୍ଷରେ ଅନେକ ସମୟରେ ଆମକୁ ଶୁଖିଲା ହସ ହସିବାକୁ ପଡ଼ିଥାଏ। କେଉଁଠି ନିଜର ଦୁଃଖକୁ ଚାପି ଅନ୍ୟ ଆଗରେ ନିଜକୁ ଖୁସି ପ୍ରମାଣିତ କରିବା ପାଇଁ ହେଉ କିମ୍ବା ନିଜର ଉପରିସ୍ଥ କର୍ମଚାରୀ ଏବଂ ଉଚ୍ଚପଦସ୍ଥ ବ୍ୟକ୍ତିବିଶେଷକୁ ଖୁସି କରିବା ପାଇଁ ତାଙ୍କ ହସରେ ତାଳ ଦେଇ ହସିବା ପାଇଁ ଅନେକ ଲୋକ ଉଚିତ ମଣିଥା'ନ୍ତି। ଏହାକୁ ନିଜ ଇଚ୍ଛା ବିରୁଦ୍ଧରେ ହସିବା ଭାବେ ଉଲ୍ଲେଖ କରାଯାଇ ଥାଏ। ସବୁଠୁ ବଡ଼ କଷ୍ଟ ହେଉଛି ମାୟାବୀ ହସ, ଯାହାର ଅର୍ଥ ହେଉଛି ଅନ୍ୟମାନଙ୍କ ଖୁସିରେ ଖୁସିହୋଇ ହସି ଖେଳି ସେମାନଙ୍କ ପାଖରୁ ଉକ୍ତ ସୁଖର କାରଣ ଖୋଜିବା। ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତିବିଶେଷଙ୍କୁ ଦୁଃଖୀ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିବା। ଏହାକୁ ସରଳ ଭାବରେ କୁହାଯାଏ 'ଉପରେ ହସି ଭିତରେ ଅସି'। ଅର୍ଥାତ୍ ହସହସ ମୁହଁ ପ୍ରଚ୍ଛଦରେ ଥାଏ ଖଣ୍ଡା, ଯାହାଦ୍ୱାରା ଅନ୍ୟର ସୁଖ ସ୍ୱାଚ୍ଛନ୍ଦ୍ୟକୁ ସିଏ ବିନଷ୍ଟ କରିବା ପାଇଁ ପ୍ରୟାସ କରୁଥାଏ। ତେଣୁ ହସ ଯଦି ନିଜର ଖୁସି ସହିତ ଅନ୍ୟମାନଙ୍କ ଖୁସିର ସନ୍ତକ ହୋଇ ପାରିବ, ତା'ହେଲେ ଏହାର ମହତ୍ତ୍ୱ ବହୁଗୁଣିତ ହୋଇ ପାରିବ। ତେବେ ଅନ୍ୟ ଦୁଃଖରେ ହସିବା କିମ୍ବା ହସିବା ଛଳରେ ଅନ୍ୟକୁ ବିଦ୍ରୂପ କରିବା କିମ୍ବା ହସରେ ସାମିଲ ହୋଇ ପରଛିଦ୍ର ଖୋଜିବା ଶାସ୍ତ୍ରାନୁଯାୟୀ ବର୍ଜନୀୟ। ଯେମିତି କାନ୍ଦିଲେ ମଣିଷର ଅନେକ ଦୁଃଖ ଯନ୍ତ୍ରଣା ପରିପ୍ରକାଶ ହେବା ସହିତ ତାହା ଉପଶମ ହୋଇଯାଏ, ସେହିଭଳି ହସିଲେ ମଣିଷର ଆୟୁ ବହୁଗୁଣିତ ହୋଇଯାଏ ବୋଲି ଚିକିତ୍ସାବିଜ୍ଞାନୀମାନଙ୍କର ମତ। ହସହସ ମୁହଁ ମଧ୍ୟ ଅନ୍ୟମାନଙ୍କୁ ଆକୃଷ୍ଟ କରିବାର ବଳିଷ୍ଠ ମାଧ୍ୟମ। କଂସର ଅଟ୍ଟହାସ୍ୟ ଆଗରେ ଶ୍ରୀକୃଷ୍ଣଙ୍କ ସ୍ମିତହାସ୍ୟ କାଳଜୟୀ ତଥା ଭୟକୁ ସାମ୍ନା କରିବାର ପ୍ରତୀକ ମାତ୍ର। ତେଣୁ ଶଠେଶାଠ୍ୟଂ ସମୁହ୍ୟତେ ନ୍ୟାୟରେ ଅପରର ହସକୁ ମଧ୍ୟ ନିଜର ହସ ମାଧ୍ୟମରେ ସାମ୍ନା କରିବା ବଳିଷ୍ଠ ବ୍ୟକ୍ତିର ନମୁନା ମାତ୍ର। ●

ଭଦ୍ରକ, ୯୭୭୮୭୬୪୩୯୪

## ନଖ କାମୁଡ଼ିବା ଅଶୁଭ ନା ବିକାର?

ବେଦ-ବିଜ୍ଞାନ

ଓଜସ୍ୱିନୀ

ଆମର ବିଭିନ୍ନ ପୁରାଣ ଓ ନୀତି ଶାସ୍ତ୍ରରେ କନ୍ୟାସନ୍ତାନମାନଙ୍କ ପାଇଁ ଉଦ୍ଦିଷ୍ଟ ଅନେକ ନୀତିନିୟମ ଭିତରେ କେଶ ଓ ନଖ କାଟିବା ଭଳି ଦିନଚର୍ଯ୍ୟା ସାମିଲ୍ ଅଛି। କେଉଁ ଦିନ, କେଉଁ ସମୟରେ ନଖ କଟାଯିବ, ନଖ କାଟିବା ପରେ କେଉଁଠି ପକାଯିବ ଇତ୍ୟାଦି ଇତ୍ୟାଦି। ସେହିଭଳି ଦାନ୍ତରେ ନଖ କାମୁଡ଼ିବା ବଦଭ୍ୟାସକୁ ମଧ୍ୟ ବାରଣ କରାଯାଇଛି। ଏହି କଟକଣା ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଲାଗୁ ହୋଇଥାଏ। ଜ୍ୟୋତିଷଶାସ୍ତ୍ର ଅନୁସାରେ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରେ ନିର୍ଦ୍ଦିଷ୍ଟ ଭାବେ ଦେବଦେବୀଙ୍କ ବାସ ରହିଛି। ଏହା ସହିତ ଗ୍ରହଗୁଡ଼ିକ ମଧ୍ୟ ଶରୀର ସହିତ ଜଡ଼ିତ। ନଖ ସହିତ ମା' ଲକ୍ଷ୍ମୀ ଓ ଶନିଗ୍ରହଙ୍କୁ ଯୋଡ଼ା ଯାଇଛି। ତେଣୁ ଗୁରୁବାର ଓ ଶନିବାର ନଖ କାଟିବାକୁ ବାରଣ କରାଯାଇଛି।

ବିଶେଷଭାବେ ତର୍ଜନୀ ଆଙ୍ଗୁଠିର ନଖ ଭାଙ୍ଗିଯିବା ଅଶୁଭ ବୋଲି କୁହାଯାଏ। ତେଣୁ ବାରମ୍ବାର ଏହି ନଖ ଭାଙ୍ଗିବା, ଶନିବାର ଦିନ ନଖ କାଟିବା କିମ୍ବା ଦାନ୍ତରେ କାମୁଡ଼ିବା ଦ୍ୱାରା ଜାତକରେ ଶନିଗ୍ରହର ସ୍ଥିତି ଦୁର୍ବଳ ହୋଇଥାଏ। ଏହା ଯୋଗୁଁ ବ୍ୟକ୍ତି ସମସ୍ୟାଘେରକୁ ଆସିଥାଏ ଏବଂ ସାମାଜିକ କ୍ଷେତ୍ରରେ ଉନ୍ନତି ବାଧାପ୍ରାପ୍ତ ହୋଇଥାଏ। ମଧ୍ୟମା ଆଙ୍ଗୁଠି ଆମର ମାନସିକ ସ୍ୱାସ୍ଥ୍ୟକୁ ସୂଚାଉଥିବା ବେଳେ ଅନାମିକା ଆଙ୍ଗୁଠି ଆମର ଭାବନାକୁ ଦର୍ଶାଇଥାଏ। ତେଣୁ ଏସବୁ ଆଙ୍ଗୁଠିର ନଖକୁ ସବୁବେଳେ କାମୁଡ଼ିବା ଦ୍ୱାରା ମାନସିକ ସ୍ଥିତି ଓ ଭାବନାତ୍ମକ ଦିଗ ପ୍ରଭାବିତ ହୁଏ, ଯାହାର ସିଧାସଳଖ ପ୍ରଭାବ ଆଧ୍ୟାତ୍ମ ଚେତନା ଉପରେ ପଡ଼େ। ଏହା ଯୋଗୁଁ ବ୍ୟକ୍ତି ଧୀରେ ଧୀରେ ନକାରାତ୍ମକ ଶକ୍ତି ଦ୍ୱାରା ଘେରି ହୋଇଯାଏ। ସେହିପରି କନିଷ୍ଠ ଆଙ୍ଗୁଠିର ନଖ କାମୁଡୁଥିବା ବ୍ୟକ୍ତିର ଦାମ୍ପତ୍ୟ ଜୀବନ ସମସ୍ୟାବହୁଳ ହୋଇଥାଏ ବୋଲି ଜ୍ୟୋତିଷଶାସ୍ତ୍ରର ମତ ରହିଛି। ଏସବୁବ୍ୟତୀତ ଦାନ୍ତରେ ନଖ କାମୁଡ଼ି ଘରର ଏଣେତେଣେ ପକାଇବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୋପଦୃଷ୍ଟି ପଡ଼େ। ଘରେ ଦରିଦ୍ରତା ବାସ କରେ। ଏହି କାରଣରୁ ଏଭଳି କାର୍ଯ୍ୟ ଆଧ୍ୟାତ୍ମ ଦୃଷ୍ଟିରୁ ଅଶୁଭ ବୋଲି କୁହାଯାଏ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ନଖ କାମୁଡ଼ିବା ଉଚିତ ନୁହେଁ। ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଏ ସମ୍ପର୍କିତ ଅନେକ ଗବେଷଣା ପରେ ଜାଣିବାକୁ ପାଇଛନ୍ତି ଯେ, ଏହା ହେଉଛି ଶାରୀରିକ ଓ ମାନସିକ ଅସୁସ୍ଥତାର ପରିଚାୟକ। ଏଙ୍ଗଜାଇଟି ଓ ଅବସାଦ ସମୟରେ ନଖ କାମୁଡ଼ିବାକୁ ପ୍ରବଳ ଇଚ୍ଛା ହୋଇଥାଏ। ଏହାକୁ ମଧ୍ୟ 'ଫ୍ରଷ୍ଟ୍ରେସନ୍ ଫିଲିଙ୍ଗ୍‌ସ' କୁହାଯାଏ। ଏଭଳି କରିବା ଦ୍ୱାରା କିଛିସମୟ ପାଇଁ ବ୍ୟକ୍ତି ଶାନ୍ତି ଅନୁଭବ କରିଥାଏ। ନଖ କାମୁଡ଼ିବାର ଆଉ ଏକ କାରଣ ହେଉଛି ଫରଫେକ୍ଟନିଜିମ୍। ଯେଉଁ ବ୍ୟକ୍ତି ପ୍ରତ୍ୟେକ କାମକୁ ପରଫେକ୍ଟ ବା ସର୍ବୋତ୍ତମ କରିବାକୁ ଚାହାନ୍ତି, ସେମାନେ ତୁଳନାତ୍ମକ ଭାବେ ଅଧିକ ନଖ କାମୁଡ଼ିଥା'ନ୍ତି। ଆଉ କେତେଜଣ ବ୍ୟକ୍ତିଙ୍କ କ୍ଷେତ୍ରରେ ଏଡିଏଚ୍‌ଡି, ସେପାରେସନ୍, ଚିନ୍ତା, ଟରିଣ୍ଟ ସିଣ୍ଡ୍ରୋମ୍ ଭଳି ମାନସିକ ବିକାରରେ ନଖ କାମୁଡ଼ିବା ପ୍ରବୃତ୍ତି ଦେଖାଯାଏ। ଜର୍ଣ୍ଣାଲ୍ ଅଫ୍ ବିହେଭିୟର୍ ଥେରାପି ଆଣ୍ଡ ଏକ୍ସପରିମେଣ୍ଟାଲ୍ ସଲେକିୟାଟ୍ରି ପକ୍ଷରୁ କରାଯାଇଥିବା ଗୋଟିଏ ଅଧ୍ୟୟନରୁ ଜଣାପଡ଼ିଛି ଯେ କେତେକ ବ୍ୟକ୍ତି କୌଣସି ସମସ୍ୟାର ସମାଧାନ ନ କରିପାରି ନିଜକୁ ଅସହାୟ ମନେ କରନ୍ତି ଏବଂ ସେହି ମାନସିକ ଅବସ୍ଥାରୁ ଉଦ୍ଧାର ପାଇଁ ନଖ କାମୁଡ଼ିଥା'ନ୍ତି। ଏହାଦ୍ୱାରା ସେମାନେ ମାନସିକ ବିଶ୍ରାମ ପାଉଥିବା ଏବଂ ଭାବନାଗୁଡ଼ିକୁ ନିୟନ୍ତ୍ରଣ କରିପାରୁଛନ୍ତି ବୋଲି ଭାବୁଥିବା ମନୋବିଜ୍ଞାନୀମାନେ ମତ ଦିଅନ୍ତି। ଏହିଭଳି ଭାବେ ବାରମ୍ବାର ନଖ କାମୁଡ଼ିବା ଏକ ଅଭ୍ୟାସରେ ପରିଣତ ହୋଇଯାଏ। ବିଶେଷକରି, ପିଲାମାନଙ୍କ କ୍ଷେତ୍ରରେ ବିଦ୍ୟାଳୟରେ ଏହା ଅଧିକ ଦେଖାଯାଏ।

ବାରମ୍ବାର ନଖ କାମୁଡ଼ିବା ଦ୍ୱାରା ଅନେକ ଶାରୀରିକ ଅସୁସ୍ଥତା ମଧ୍ୟ ଦେଖାଦେଇଥାଏ। ଆମେରିକାନ୍ ଡେଣ୍ଟାଲ୍ ଆସୋସିଏସନ୍‌ର ତଥ୍ୟ ଅନୁସାରେ ବାରମ୍ବାର ନଖ କାମୁଡ଼ିବା ଦ୍ୱାରା ସଂକ୍ରମିତ ହୋଇ ଦାନ୍ତର ଏମାନେଲ୍ କ୍ଷୟ ହୁଏ, ମାଢ଼ି ସଂକ୍ରମିତ ହୋଇ ପାଇରିଆ ଭଳି ସମସ୍ୟା ହୋଇଥାଏ। ନଖରେ ଥିବା ଜୀବାଣୁ ପେଟ ଭିତରକୁ ଯିବା ଦ୍ୱାରା ବିଭିନ୍ନ ପ୍ରକାର ପେଟସମସ୍ୟା ହୋଇଥାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ନଖ କାମୁଡୁଥିବା ଅଧିକାଂଶ ବ୍ୟକ୍ତିଙ୍କଠାରେ ବ୍ରୁକ୍ସିଜିମ୍(ଶୋଇବା ସମୟରେ ଦାନ୍ତ ରଗଡ଼ିବା) ନାମକ ଏକ ରୋଗ ହୋଇଥାଏ। କାରଣ ଏହି ବଦଭ୍ୟାସ ଅବଚେତନ ମନରେ ମଧ୍ୟ ସୃଷ୍ଟି ହେଉଥିବାରୁ ନିଦରେ ଶୋଇଥିବା ବେଳେ ସେମାନେ ନଖ କାମୁଡୁଛନ୍ତି ବୋଲି ମନେ କରନ୍ତି। ବ୍ରୁକ୍ସିଜିମ୍ ଉଭୟ ମାନସିକ ଓ ଶାରୀରିକ ଅସୁସ୍ଥତାକୁ ସୂଚିତ କରେ। ଏଣୁ ଶୈଶବରୁ ଏଥିରୁ ନିବୃତି ପାଇଁ ପିତାମାତା ଯତ୍ନଶୀଳ ହେବା ଉଚିତ। ●

ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଭଲ ପାଇବାର ଦେଲା ଏମିତି ମୂଲ...

# ପ୍ରେମିକ ସହ ମିଶି ପାଳିତ ମା'ଙ୍କୁ ହତ୍ୟା

ପାରଳାଖେମୁଣ୍ଡି, ୧୫।୫ (ସମିସ): ଜନ୍ମ ହେବାର ମାତ୍ର ୬ କି' ୭ ଦିନ ହୋଇଥିବ। ଲୋକଲଜ୍ଜା ଭୟରେ ରାସ୍ତାକଡ଼ରେ ଛାଡ଼ି ପଳାଇଥିଲା ଜନ୍ମ କଲା ମା'। ସେଦିନ ସେଇ ଛୁଆର ବିକଳ ରଡ଼ି ଶୁଣି ତାକୁ ଘରକୁ ନେଇ ଆସିବା ସହ ପାଳିପୋଷି ବଡ଼ କରିଥିଲେ ପାଳିତ ମା'। କିନ୍ତୁ ସେଇ ଛୁଆ ବଡ଼ ହେବା ପରେ ପ୍ରେମିକ ସହ ମିଶି ଯେ ତାଙ୍କୁ ହତ୍ୟା କରିବ; ଏକଥା ସେ କଳ୍ପନା ସୁଦ୍ଧା କରିନଥିଲେ। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ୍ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଥିବା ବେଳେ ନାବାଳିକାକୁ ଅଟକ ରଖିଛି। ଏହାସହ ଆଜି ପୁଲିସ୍ ଦୁହିଁଙ୍କୁ ଧରି ସିନ୍-ରିକ୍ରିଏସନ୍ କରାଇଛି। ଆସନ୍ତାକାଲି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ପୁଲିସ୍ ବିସ୍ତୃତ ସୂଚନା ଦେବ ବୋଲି କହିଛି।

ମା' ଓ ନାବାଳିକା ଝିଅ ଭୁବନେଶ୍ୱରରେ ଏକ ଭଡ଼ାଘରେ ରହୁଥିଲେ। ନାବାଳିକାଜଣଙ୍କ ଏକ କଲେଜରେ ପଢୁଥିଲେ। ତେବେ ଜଣେ ଯୁବକ ସହ ଝିଅର ଅନୈତିକ ସମ୍ପର୍କ ଦେଖି ମା' ଏହାର ପ୍ରତିବାଦ କରିବାରୁ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ଦୁହେଁ ଷଡ଼୍ଯନ୍ତ୍ର ରଚିଥିଲେ। ଖାଦ୍ୟରେ ନିଶା ବଟିକା ଦେଇ ସେମାନେ ମହିଳାଙ୍କୁ ଅଚେତ କରିବା ପରେ ଜଣେ ସହଯୋଗୀ ସହ ମିଶି ପ୍ରେମିକ ମହିଳାଙ୍କ ମୁହଁରେ ତକିଆ ଦେଇ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଜଣାପଡ଼ିଛି। ତେବେ ଏହି ହତ୍ୟାକାଣ୍ଡକୁ ହୃଦ୍‌ଘାତଜନିତ ମୃତ୍ୟୁ ଦର୍ଶାଇବା ପାଇଁ ଦୁହେଁ ତାଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରୁ ମୃତ ଶରୀରକୁ ଭୁବନେଶ୍ୱର ନେଇ ପରିବାର, ସମ୍ପର୍କୀୟଙ୍କ ସହଯୋଗରେ ଶେଷକୃତ୍ୟ ସମ୍ପନ୍ନ କରାଇଥିଲା ନାବାଳିକା ଝିଅ। ତେବେ, ପରବର୍ତ୍ତୀ ସମୟରେ ବିଭିନ୍ନ ମାଧ୍ୟମରେ ଉଭୟ ଯୋଗାଯୋଗରେ ରହିଥିବା ବେଳେ ଝିଅ ଓ ପ୍ରେମିକ ବାର୍ତ୍ତାଳାପରୁ ପରିବାରଲୋକଙ୍କ ସନ୍ଦେହ ଉପୁଜିଥିଲା। ଉଭୟଙ୍କ ସୋସିଆଲ ମିଡିଆ ଚାଟ୍‌ରୁ ପରିବାରଲୋକଙ୍କ ସନ୍ଦେହ ଘନୀଭୂତ ହେବାରୁ ସେମାନେ ଏହାର ତଦନ୍ତ ପାଇଁ ପୁଲିସକୁ ଅନୁରୋଧ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଉଭୟଙ୍କୁ ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଛି। ଅଧିକ ତଦନ୍ତ ପାଇଁ ହତ୍ୟାକାଣ୍ଡ ଘଟାଇଥିବା ଘରକୁ ନେଇ ପୁଲିସ ଘଟଣାର ସିନ ରିକ୍ରିଏସନ କରାଇଛି।

■ ଚାକିରି କରାଇ ଦେବା ନାଁରେ ଠକେଇ

## ପୂର୍ବତନ ବିଧାୟକଙ୍କ ପୁଅ ଗିରଫ

ଦେଓଗାଁ,୧୫।୫(ସମିସ): ଠକେଇ ଅଭିଯୋଗରେ ବଲାଙ୍ଗିର ଜିଲ୍ଲା ଦେଓଗାଁ ପୁଲିସ ପୂର୍ବତନ ବିଧାୟକ ପଞ୍ଚାନନ ମିଶ୍ରଙ୍କ ପୁଅ ଅମିତ ବିକ୍ରମ ମିଶ୍ର(୨୯)ଙ୍କୁ ଗିରଫ କରିଛି। ତାଙ୍କ ଘର ସୋନପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ବିନିକା ପାଲିପଡ଼ାରେ। ପୁଲିସ୍ ସୂଚନାନୁସାରେ, ବଲାଙ୍ଗିର ସିଡିଏମ୍‌ଓ ଅଫିସ୍‌ରେ ଚାକିରି କରାଇଦେବା ନାଁରେ ଅମିତ ଦେଓଗାଁ ଥାନା ବହଲି ଗ୍ରାମର ଦିନେଶ ପଟେଲଙ୍କଠାରୁ ୮୯ହଜାର ୨୦୦ଶହ ଟଙ୍କା ନେଇଥିଲେ। ଏପରିକି, ତାଙ୍କୁ ଏକ ଜାଲ୍ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଅଭିଯୁକ୍ତଙ୍କୁ ବିନିକା ଥାନା ଅଞ୍ଚଳରୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

# ନିଶ୍ଚିନ୍ତକୋଇଲି ବ୍ଲକ ଅନାସ୍ଥା ନିର୍ବାଚନ ସ୍ଥଗିତ ରଖିବା ଅଗଣତାନ୍ତ୍ରିକ: ବିଜେଡି

ଭୁବନେଶ୍ୱର,୧୫।୫(ସମିସ): ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭୋଟ ସ୍ଥଗିତ ରଖିବା ଅଗଣତାନ୍ତ୍ରିକ ବୋଲି ବିଜେଡି ଅଭିଯୋଗ କରିଛି। ଗତ ମେ' ୧୩ ତାରିଖରେ ଅନାସ୍ଥା ଭୋଟ ପାଇଁ ତାରିଖ ସ୍ଥିର ହୋଇଥିଲା। ମାତ୍ର ଯେଉଁଭଳି ଭାବେ ଅନାସ୍ଥା ଭୋଟର ପୂର୍ବଦିନ ଅନାସ୍ଥା ଦାବି କରିଥିବା ପିଆର୍‌ଆଇ ସଦସ୍ୟମାନେ ଅଚାନକ ଅସୁସ୍ଥ ହୋଇଗଲେ ଓ ନାଟକୀୟ ଢଙ୍ଗରେ ନିର୍ବାଚନ ଅଧିକାରୀ ଛୁଟିରେ ରହିଲେ, ଏହା ସମ୍ବିଧାନ ଓ ଗଣତନ୍ତ୍ର ପ୍ରତି କୁଠାରଘାତ ଅଟେ। ଏହାସହ ବ୍ଲକ ଅଧ୍ୟକ୍ଷ ଓ ତାଙ୍କ ସମର୍ଥକ ପିଆର୍‌ଆଇ ସଦସ୍ୟମାନଙ୍କୁ ମାହାଙ୍ଗା ବିଧାୟକଙ୍କ ସମର୍ଥକ ଅସାମାଜିକ ବ୍ୟକ୍ତିମାନଙ୍କ ଦ୍ୱାରା ଅଶ୍ଳୀଳ ଭାଷାରେ ଗାଳିଗୁଲଜକୁ ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି।



ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ମାହାଙ୍ଗା ବିଧାୟକ ଶ୍ରୀ ସାରଦା ପ୍ରଧାନଙ୍କ ପ୍ରରୋଚନାରେ ତାଙ୍କର କିଛି ସମର୍ଥକ ପିଆରଆଇ ସଦସ୍ୟ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ଏବଂ ଅନାସ୍ଥା ଭୋଟ ପାଇଁ ମେ' ୧୩ ତାରିଖ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଅଚାନକ ଅତ୍ୟନ୍ତ ସନ୍ଦେହଜନକ ଭାବେ ମେ'

**■ ସମର୍ଥନ ଜୁଟାଇ ନ ପାରିବା ପରେ ଅସୁସ୍ଥତାର ନାଟକ**
**■ ପ୍ରଶାସନ ସାଜିଛି ସରକାରୀ ଦଳର ହାତବାରିସୀ**
**■ ବାରମ୍ବାର ନିର୍ବାଚନ ତାରିଖ ଘୁଞ୍ଚାଇବା ଅସାମ୍ବିଧାନିକ**

୧୨ ତାରିଖ ଦିନ ଅନାସ୍ଥା ଆଣିଥିବା ପିଆରଆଇ ସଦସ୍ୟମାନେ ଅସୁସ୍ଥ ହୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଗଲେ। ଅନାସ୍ଥା ଆଣିଥିବା ପିଆରଆଇ ସଦସ୍ୟମାନେ ପ୍ରକୃତରେ ଅନାସ୍ଥା ଭୋଟରେ ଆବଶ୍ୟକ ସମର୍ଥନ ଜୁଟାଇ ପାରିବାରେ ବିଫଳ ହେବା ପରେ ଅସୁସ୍ଥତାର ନାଟକ କରିଥିଲେ ବୋଲି ସ୍ପଷ୍ଟ ଜଣାପଡୁଥିଲେ। ଏହାସତ୍ତ୍ୱେ ପ୍ରଶାସନ ସରକାରୀ ଦଳର ହାତବାରିସୀ ହୋଇ କାମ କରିବା ଅଗଣତାନ୍ତ୍ରିକ ଓ ନିନ୍ଦନୀୟ। ଆଶ୍ଚର୍ଯ୍ୟର ବିଷୟ ଯେ ଏହି ଅନାସ୍ଥା ଭୋଟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ନିର୍ବାଚନ ଅଧିକାରୀ ଜଣେ ଡେପୁଟୀ କଲେକ୍ଟର, ଅଚାନକ ଛୁଟିରେ ଚାଲି ଯାଇଥିଲେ। ନିର୍ବାଚନ ଅଧିକାରୀ ଅଚାନକ ଛୁଟିରେ ଚାଲିଯିବା ଘଟଣାକୁ ଅଧିକ ସନ୍ଦେହ ଘେରକୁ ଆଣିଛି ଓ ପ୍ରଶାସନ ସରକାରୀ ଦଳର ହାତବାରିସୀ ଭାବେ କାମ କରୁଥିବା ସ୍ପଷ୍ଟ ହୋଇଛି। ସ୍ୱାଧୀନ ବିଧାୟକଙ୍କ ଇଙ୍ଗିତରେ ଏହି ସବୁ କାର୍ଯ୍ୟ ହେଉଥିବା ବେଳେ, ପ୍ରଶାସନ ଅଗଣତାନ୍ତ୍ରିକ କାର୍ଯ୍ୟରେ ସହାୟତା କରୁଛି ବୋଲି ଡଃ ସାମନ୍ତସିଂହାର ଅଭିଯୋଗ କରିଥିଲେ।

ସେ ଆହୁରି କହିଥିଲେ ଯେ ପିଆରଆଇ ସଦସ୍ୟମାନେ ଯେପରି ଅନାସ୍ଥା ସପକ୍ଷରେ ଭୋଟ ଦେବେ, ସେହି ଉଦ୍ଦେଶ୍ୟ ରଖି ଅନାସ୍ଥା ନିର୍ବାଚନକୁ ଘୁଞ୍ଚାଯାଇ ସେମାନଙ୍କ ଉପରେ ଚାପ ପ୍ରୟୋଗ କରାଯାଉଛି। ନିର୍ବାଚନ ବ୍ୟବସ୍ଥା ଅନୁଯାୟୀ ଅନାସ୍ଥା ଭୋଟ ତାରିଖକୁ ବାରମ୍ବାର ଘୁଞ୍ଚାଇବା ନିୟମ ନ ଥିଲେ ମଧ୍ୟ ଏହାକୁ ଜୋର୍‌ଜବରଦସ୍ତି କରାଯାଉଛି, ଯାହା ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକରେ ଦେଖିବାକୁ ମିଳିଛି। ସରକାରୀ ଦଳ ଦ୍ୱାରା ରାଜ୍ୟରେ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟ ଜାରି ରହିଛି। ତେଣୁ ସମଗ୍ର ଘଟଣାକ୍ରମର ନିରପେକ୍ଷ ତଦନ୍ତ ହେବାର ଆବଶ୍ୟକତା ରହିଛି ବାଲି ଡଃ ସାମନ୍ତସିଂହାର କହିଛନ୍ତି।

# ଅବଶିଷ୍ଟାଂଶ

## ଆଜିଠୁ ବଢ଼ିବ...

ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨-୩ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇଛି। ତେବେ ଶୁକ୍ରବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ନୟାଗଡ଼, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ଝଟକା ପବନର ବେଗ ୪୦-୫୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ଏହାସହିତ ନୂଆପଡା, ବଲାଙ୍ଗୀର, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, ସୋନପୁର, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ଝଟକା ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ଯାହାକୁ ନେଇ ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅନ୍ୟପଟେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର ଦକ୍ଷିଣ-ପୂର୍ବ ଆରବ ସାଗରର କିଛି ଅଂଶ, ମାଳଦ୍ୱୀପ ଏବଂ କୋମୋରିନ୍ କ୍ଷେତ୍ର ଏବଂ ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ, ଆଣ୍ଡାମାନ ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରରେ ଆହୁରି ଅଗ୍ରସର ହୋଇଛି। ଆଗାମୀ ୩-୪ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଦକ୍ଷିଣ ଆରବ ସାଗରର କିଛି ଅଂଶ, ମାଳଦ୍ୱୀପ ଏବଂ କୋମୋରିନ୍ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରର ଅବଶିଷ୍ଟ ଅଂଶ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରର କିଛି ଅଂଶ ଉପରେ ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ ରହିଛି। ସୂଚନାଥାଉ କି ଗୁରୁବାର ରାଜ୍ୟର ୧୩ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଅଧିକ ରେକର୍ଡ ହୋଇଥିବା ବେଳେ ୪୨.୨ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି।

## ରାଷ୍ଟ୍ରମୁଖ୍ୟ-ନ୍ୟାୟମୁଖ୍ୟ...

ଏହା ଉପରେ ବିଚାର ପାଇଁ ତାଙ୍କୁ ଏବେ ସମ୍ବିଧାନ ବେଞ୍ଚ ଗଠନ କରିବାକୁ ପଡ଼ିବ। ଏହି ବେଞ୍ଚରେ ଅତିକମରେ ୫ କିମ୍ବା ତାଠାରୁ ଅଧିକ ବିଚାରପତି ରହିବେ।

ସୂଚନାଯୋଗ୍ୟ ଯେ ତାମିଲନାଡୁ ରାଜ୍ୟପାଳ ମାମଲାରେ ସୁପ୍ରିମ କୋର୍ଟ ବିଧାନସଭରେ ଗୃହୀତ ବିଲକୁ ଅନୁମୋଦନ ଦେବାପାଇଁ ଉଭୟ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିଥିଲେ। ବିଲ୍ ଅନୁମୋଦନ ସଂକ୍ରାନ୍ତ ସମ୍ବିଧାନର ଧାରା ୨୦୦ରେ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇନାହିଁ। ତେବେ ସୁପ୍ରିମକୋର୍ଟ ଧାରା ୧୪୨ର ପ୍ରୟୋଗ କରି ସମୟସୀମା ଧାର୍ଯ୍ୟ କରିଥିଲେ। ବିଶେଷ ପରିସ୍ଥିତିରେ ଏଭଳି ନିର୍ଦ୍ଦେଶ ଦେବାଲାଗି ୧୪୨ ଧାରା ସୁପ୍ରିମ କୋର୍ଟଙ୍କୁ ସ୍ୱତନ୍ତ୍ର କ୍ଷମତା ଦେଇଛି। ରାଜ୍ୟ ବିଲ୍ ଉପରେ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାଲାଗି ସର୍ବୋଚ୍ଚ ଅଦାଲତ ରାଷ୍ଟ୍ରପତିଙ୍କ ପାଇଁ ସମୟ ଧାର୍ଯ୍ୟ କରିଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ରାଷ୍ଟ୍ରପତି/ରାଜ୍ୟପାଳଙ୍କ ପାଖରେ ପଡ଼ିରହିଥିବା ତାମିଲନାଡୁ ସରକାରଙ୍କ ଅନେକ ବିଲ ଆଇନରେ ପରିଣତ ହୋଇଥିଲା। ଭାରତୀୟ ସମ୍ବିଧାନ ଇତିହାସରେ ଏହା ଏକ ବିରଳ ଘଟଣା ଥିଲା, ଯେଉଁଠି ରାଷ୍ଟ୍ରପତି/ରାଜ୍ୟପାଳଙ୍କ ବିନା ସ୍ୱୀକୃତିରେ ବିଲ ଆଇନରେ ପରିଣତ ହୋଇଥିଲା। ଏହାକୁ ନେଇ ଜାତୀୟ ସ୍ତରରେ ବିତର୍କ ଆରମ୍ଭ ହୋଇଥିଲା। ଉପରାଷ୍ଟ୍ରପତି ଧନଖଡ଼ ସୁପ୍ରିମ କୋର୍ଟଙ୍କ ଏହି ରାୟର ତୀବ୍ର ସମାଲୋଚନା କରି କହିଥିଲେ ଯେ ସର୍ବୋଚ୍ଚ ଅଦାଲତ ସୁପ୍ରିମ ପାର୍ଲାମେଣ୍ଟ ଭଳି ବ୍ୟବହାର କରୁଛି। ସୁପ୍ରିମ କୋର୍ଟଙ୍କୁ ସ୍ୱତନ୍ତ୍ର କ୍ଷମତା ଦେଇଥିବା ସମ୍ବିଧାନର ଏହି ଧାରା ୧୪୨କୁ ଉପରାଷ୍ଟ୍ରପତି ପରମାଣୁ କ୍ଷେପଣାସ୍ତ୍ର ସହ ତୁଳନା କରିଥିଲେ। ସୁପ୍ରିମ କୋର୍ଟଙ୍କ ଏଭଳି ରାୟ ନେଇ ସେ ଅନେ ପ୍ରଶ୍ନ ଉଠାଇଥିବା ବେଳେ କେନ୍ଦ୍ର ସରକାର କିନ୍ତୁ କୌଣସି ପ୍ରତିକ୍ରିୟା ଦେଇନଥିଲେ। ତେବେ ଗତ ୧୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମ କୋର୍ଟଙ୍କୁ ପତ୍ର ଲେଖି ୧୪ଟି ପ୍ରଶ୍ନ ପଚାରିବା ପରେ ନ୍ୟାୟ ବ୍ୟବସ୍ଥା ମୁଖ୍ୟ ଏବଂ ସାମ୍ବିଧାନିକ ବ୍ୟବସ୍ଥା ମୁଖ୍ୟଙ୍କ ମଧ୍ୟରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଛି। ରାଷ୍ଟ୍ରପତି ୧୪ଟି ପ୍ରଶ୍ନ କରିବା ସହିତ ଏହା ଉପରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିଛନ୍ତି।

## ବନ୍ଧୁ ପାଲଟିଲା...

ଯେପରି ଖୋଲାଖୋଲି ବାହାରିଛନ୍ତି ଓ ଆପଲ୍ କମ୍ପାନୀକୁ ଭାରତରେ କାରଖାନା ସ୍ଥାପନରୁ ରୋକିଛନ୍ତି; ସେଥିରୁ ଭାରତର ଅଗ୍ରଗତି ଓ ଆନ୍ତର୍ଜାତୀୟ ପ୍ରାଧାନ୍ୟକୁ ଆମେରିକା ସହ୍ୟ କରିବାକୁ ପ୍ରସ୍ତୁତ ନୁହେଁ ବୋଲି ସ୍ପଷ୍ଟ ହୋଇ ଯାଇଛି।

ବ୍ଲୁମ୍‌ବର୍ଗର ଏକ ରିପୋର୍ଟ ଅନୁଯାୟୀ କାତାର ରାଜଧାନୀ ଦୋହାରେ ଅନୁଷ୍ଠିତ ବ୍ୟବସାୟିକ ସମ୍ମିଳନୀରେ ଟ୍ରମ୍ପ ଆପଲ୍ ସିଇଓ ଟିମ୍ କୁକ୍‌ଙ୍କୁ ଭାରତରେ ଆଇଫୋନ୍ ୟୁନିଟ୍ ସ୍ଥାପନରୁ ଓହରିବାକୁ ଟ୍ରମ୍ପ ଖୋଲାଖୋଲି ଧମକ ଦେଇଛନ୍ତି। ଏହା ସହ ଭାରତ ପରିବର୍ତ୍ତେ ଆମେରିକାରେ ଉତ୍ପାଦନ ବୃଦ୍ଧି ଉପରେ ସେ ପରାମର୍ଶ ଦେଇଛନ୍ତି।

କେବଳ ସେତିକି ନୁହେଁ; ଭାରତ ନିଜ କଥା ନିଜେ ବୁଝିପାରିବ ବୋଲି ଟିପ୍ପଣୀ ଦେଇ ଟ୍ରମ୍ପ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କ ଓ ଭାରତର 'ମେକ୍ ଇନ୍ ଇଣ୍ଡିଆ' ଆଭିମୁଖ୍ୟକୁ ପରୋକ୍ଷରେ ଆଘାତ ଦେଇଛନ୍ତି। ଅପରପକ୍ଷରେ ଭାରତକୁ ଟ୍ରମ୍ପ 'ଶୁଳ୍କ ରାଜା' ବୋଲି କଟାକ୍ଷ କରିଛନ୍ତି ଟ୍ରମ୍ପ। ସେ କହିଛନ୍ତି ଯେ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବାକୁ କିମ୍ବା 'ଶୂନ୍ୟ ଶୁଳ୍କ' ବାଣିଜ୍ୟ ଚୁକ୍ତି ନିମନ୍ତେ ଭାରତ ପ୍ରସ୍ତାବ ଦେଇଛି। ମାତ୍ର ଟ୍ରମ୍ପଙ୍କ ଏହି ଦାବିର ସତ୍ୟତା ସ୍ପଷ୍ଟ ହୋଇ ନାହିଁ।

ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ପଦ ଗ୍ରହଣ କରିବା ପରଠାରୁ 'ଆମେରିକା ଫାଷ୍ଟ' ନୀତିର ସମର୍ଥକ ହୋଇଆସୁଛନ୍ତି। ସେ ଆପଲ୍ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକୁ ଅନ୍ୟ ଦେଶ ବଦଳରେ ଆମେରିକାକୁ ଉତ୍ପାଦନ ସ୍ଥାନାନ୍ତର କରିବାକୁ କହିଛନ୍ତି, ଯାହାଦ୍ୱାରା ଏଠାରେ ଅଧିକରୁ ଅଧିକ ଲୋକ ଚାକିରି ପାଇପାରିବେ ଏବଂ ଆମେରିକୀୟ ଅର୍ଥନୀତିର ଅଭିବୃଦ୍ଧି ଘଟିବ। ଏହା ପ୍ରଥମ ଥର ନୁହେଁ ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବିରୋଧରେ ବୟାନ ଦେଇଛନ୍ତି, ଏହା ପୂର୍ବରୁ ମଧ୍ୟ ସେ ଭାରତକୁ ଏକ ଶୁଳ୍କ ରାଜା ବୋଲି କହିସାରିଛନ୍ତି।

ବର୍ତ୍ତମାନ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଶୁଳ୍କକୁ ନେଇ ଆଲୋଚନା ଚାଲିଛି। ପୂର୍ବରୁ ଆମେରିକା ଦ୍ୱାରା ଇସ୍ପାତ ଏବଂ ଆଲୁମିନିୟମ ଉତ୍ପାଦ ଉପରେ ଲାଗୁ କରାଯାଉଥିବା ଶୁଳ୍କ ବିରୁଦ୍ଧରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିବା ପାଇଁ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ) ନିକଟରେ ଭାରତ ଅନୁମତି ପାଇଁ ଆବେଦନ କରିସାରିଛି। ସେ ପୂର୍ବରୁ କହିଥିଲେ ଯେ ଭାରତ ବିଦେଶୀ ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଲାଗୁ କରୁଥିବା ଦେଶମାନଙ୍କ ମଧ୍ୟରେ ଅନ୍ୟତମ। ଭାରତର ଉଚ୍ଚ ଶୁଳ୍କ ଯୋଗୁଁ ଆମେରିକୀୟ ଉତ୍ପାଦଗୁଡ଼ିକ ଭାରତୀୟ ବଜାରରେ ତିଷ୍ଠି ରହିବା କଷ୍ଟକର ହୋଇପଡୁଛି। ଆମେରିକା ଦ୍ୱାରା ଚୀନ୍ ଉପରେ ଅଧିକ ଶୁଳ୍କ ଲାଗୁ ହୋଇଥିବାରୁ ଆପଲ୍ ଭଳି ଅନେକ କମ୍ପାନୀ ଭାରତକୁ ଉତ୍ପାଦନ ୟୁନିଟ ସ୍ଥାନାନ୍ତର କରିବାକୁ ରାଜି ହୋଇଥିଲେ। ଏବେ ଚୀନ୍ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ହୋଇଛି ଏବଂ ଶୁଳ୍କ ହାର ହ୍ରାସ ହୋଇଛି। ଏଭଳି ସ୍ଥଳେ ଆପଲ୍ ସମେତ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ସେମାନଙ୍କର ପ୍ଲାଣ୍ଟ ସ୍ଥାପନ ଯୋଜନା ପରିବର୍ତ୍ତନ କରିପାରନ୍ତି। ମାତ୍ର ଭାରତର ବିଶାଳ ବଜାର ଓ ଆବଶ୍ୟକତାକୁ ଦେଖି ଆପଲ୍ ଓ ଅନ୍ୟ କମ୍ପାନୀଗୁଡ଼ିକ ଟ୍ରମ୍ପଙ୍କ ନିର୍ଦ୍ଦେଶ ମାନିବେ କି ନାହିଁ ତାହା ଭବିଷ୍ୟତ ହିଁ କହିବ।

## ସରକାର ଅସହାୟ...

ଏପରି ପରିସ୍ଥିତିରେ କେହି କ୍ଷମା ଦେବେନାହିଁ, ମୁଁ ବି ଦେବିନାହିଁ। ମୋ ଭିତରେ ବହୁ ସରଳତା ରହିଛ;ମାତ୍ର ସରଳତା ମୋ ଦୁର୍ବଳତା ନୁହେଁ। ମୁଁ ହାର୍ଡ ନିଷ୍ପତ୍ତି ବି ନେଇପାରେ ବୋଲି ବିଡିଓମାନଙ୍କୁ ସିଧାସିଧା ଶୁଣାଇଛନ୍ତି ମୋହନ। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ଟିପ୍ପଣୀକୁ ନେଇ ଏବେ ସାଧାରଣରେ ଆଲୋଚନା ଜୋର୍ ଧରିଛି। ବ୍ଲକ ପ୍ରଶାସନଠାରୁ ରାଜ୍ୟ ପ୍ରଶାସନ ଯାଏଁ ମୁଖ୍ୟମନ୍ତ୍ରୀ ହେଉଛନ୍ତି ସର୍ବେସର୍ବା। ଅତଏବ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ବେଳେ ସାଧାରଣ ବିଡିଓମାନେ କିପରି ତାଙ୍କ ଭାଷଣ କାଟିଦେବାକୁ ସାହସ ପ୍ରଦର୍ଶନ କରୁଛନ୍ତି, ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଯଦି ବିଡିଓମାନେ ଏପରି ଆଚରଣ ପ୍ରଦର୍ଶନ କରୁଛନ୍ତି, ତାହେଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ଏପରି ମନ୍ତବ୍ୟ ରଖିବା ଅର୍ଥ କ'ଣ ତାହା ବି ଅସ୍ପଷ୍ଟ। କାହା ନିର୍ଦ୍ଦେଶରେ ବିଡିଓମାନେ ଏପରି ଦୁଃସାହସ ପ୍ରଦର୍ଶନ କରୁଛନ୍ତି ଯାହାପାଇଁ ମୁଖ୍ୟମନ୍ତ୍ରୀ ଶେଷରେ ଚରମବାଣୀ ଶୁଣାଇବାକୁ ବାଧହେଲେ ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ତଥ୍ୟାଭିଜ୍ଞ ମହଲ। ରାଜ୍ୟରେ ବିଜେପି ସରକାର ରହିଛି; ମାତ୍ର ବିନା ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଭିନ୍ନ ଦିଗକୁ ଅଙ୍ଗୁଳିନିର୍ଦ୍ଦେଶ କରିଛି। ସରକାରୀ ଅଧିକାରୀମାନେ ବିଜେପି ନେତାଙ୍କ ଚାପର ବଶବର୍ତ୍ତୀ ହୋଇଥିବା ମୁଖ୍ୟମନ୍ତ୍ରୀ ପରୋକ୍ଷରେ ସ୍ୱୀକାର କରିଥିବା ସ୍ପଷ୍ଟ ହୋଇଛି। ତୃଣମୂଳ ସ୍ତରରେ ପ୍ରଶାସନିକ ଅଧିକାରୀଙ୍କ ଉପରେ ଦଳୀୟ କର୍ମୀ ହାକିମାତି ଦେଖାଉଥିବା ନେଇ ବହୁ ଅଭିଯୋଗ ଆସୁଛି। ବେଳେ ସରକାରୀ ନିଷ୍ପତ୍ତି, କାର୍ଯ୍ୟକ୍ରମରେ ଦଳୀୟ ନେତାଙ୍କ ଅନାବଶ୍ୟକ ହସ୍ତକ୍ଷେପ ବଢୁଥିବାରୁ ଏହା ପ୍ରଶାସନିକ କଳକୁ ବିଭିନ୍ନ ସମୟରେ ଅଡୁଆରେ ପକାଉଛି। ଯାହା ସେମାନଙ୍କୁ ଏକପ୍ରକାର ଅଣନିଶ୍ୱାସୀ କରି ପକାଇଲାଣି। ଯାହାଫଳରେ ତୃଣମୂଳ ସ୍ତରରେ ଉନ୍ନୟନମୂଳକ କାମ ଏକପ୍ରକାର ଠପ୍ ହୋଇ ପଡ଼ିଲାଣି। ଗତକାଲି ବାଲେଶ୍ୱର ଜିଲ୍ଲା ପୁଲିସର ଜଣେ ଏସଡିପିଓ ପରି ବରିଷ୍ଠ ଅଧିକାରୀ ତାଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ଆଣିବା ସହ ଆତ୍ମହତ୍ୟା କରିବାକୁ ଧମକ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏସବୁ ଜାଣି ମଧ୍ୟ ଏହାର ଉଚିତ୍ ପ୍ରତିକାର ନକରି ବିଡିଓମାନଙ୍କୁ କେବଳଚେତାବନୀ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏପରି ଉକ୍ତି ତୃଣମୂଳ ସ୍ତରର ଏହି ପ୍ରଶାସନିକ ଅଧିକାରୀଙ୍କୁ ଉତ୍ସାହିତ ବଦଳରେ ନିରୁତ୍ସାହିତ କରିପାରେ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact
**GADHWAL GROUP**
**M.: 9437015112**

**The Berhampore Co-operative Central Bank Ltd.**
Head Office At/Po-Town Hall Road, Brahmapur-760001, District-Ganjam, Odisha
Phone No-0680-2222028, Bank Mail Id-cocenbank@rediffmail.com

Ref No: BCCB/Stock Sec./ 527 /2025-26 Date: 15/05/2025

**QUOTATION CALL NOTICE**

Sealed Quotations are invited from authorised suppliers / dealers / registered firms up to date GST clearance and PAN for purchase of 8 nos. of **VOLTAS 1.5-ton Split AC (3 Star)** for four nos. of Branches and one **VOLTAS 2-ton Split AC** for Head Office of the Berhampur Cooperative Central Bank Ltd, Berhampur, Ganjam.

The sealed Quotations should be reached to the undersigned on or before Dt: 23.05.2025 by 2 PM. The Quotations will be opened on same date i.e., 23.05.2025 at 4.00 PM in the presence of procurement committee of the bank. Parties of their authorised representatives may be present at the time of opening of Quotations.

For detailed information visit our website:
**https://berhampurccb.com/tender.html**

Sd/- Chief Executive Officer

**ODISHA HYDRO POWER CORPORATION LIMITED.** CAD-413
OHPC
OFFICE OF THE SENIOR GENERAL MANAGER (ELECTRICAL), BHEP
E mail- unit.head_balimela@yahoo.com/bhep.balimela@gmail.com

**SECTION-I**
**TENDER CALL NOTICE**
**NOTICE INVITING TENDER No. BHEP/11/2025-26, Dated-14.05.2025**

Sealed Tenders are invited in **two parts (i.e. Part-A: Technical bid & Part-B: Price bid) & in percentage** bid basis from the Electrical Contractors/Firms/Agencies having experience in the execution of similar electrical work under State/Central Govt/PSU of Govt of India/PSU of Govt. of Odisha & having **valid Electrical Contractor license (MV)** & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Approx. Estimated Cost in Rs. | E.M.D in Rs. | Cost of bid documents in Rs. |
|---|---|---|---|---|
| 1 | Supply & Erection of LT line using AB cable (3x95+1x70+1x16) in the existing Over Head LT line (AAAC) in adding with extra intermediate 8 Mtr. RS Joist Pole having average span length of 40/30 Mtr. at Surge Shaft Feeder from Valve House Sub-station of BHEP, Balimela | Rs. 2,33,482.00 | Rs. 2,500.00 | Rs. 2,000.00 + (GST @ 18%) Rs. 360.00 =Rs. 2,360.00 |

Availability of bid document: **From 11:00 Hrs of 20.05.2025 to 13:00 Hrs of 03.06.2025**
Last date & time of submission of bid: **Up to 13:00 Hrs of 03.06.2025**
The date & Time of opening of the bid: **12:00 Hrs onwards of 04.06.2025** (Only Technical bid)

*For details of the tender documents, terms & conditions, please visit our website* www.ohpcltd.com

C & P Head
BHEP, Balimela

OIPR-04019/11/0087/2526

**AFFIDAVIT**

By virtue of an affidavit no. 422, dtd. 08.05.2025 sworn before the Notary Public, Bhubaneswar, I, Aparajita Mohapatra have changed my name from Aparajita Acharya to Aparajita Mohapatra. Henceforth I shall be known as Aparajita Mohapatra for all purposes.
**Sd/- Aparajita Mohapatra**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on 08.05.2025, I, Jyoti Ranjan Swain have changed my father's name from Panchanan swain to Panchu Swain. Henceforth he will be known as Panchu Swain for all purposes.
**Sd/- Jyoti Ranjan Swain**

**AFFIDAVIT**

By virtue of an affidavit no. 5461/2025, dtd. 28.04.2025 sworn before the Notary Public, Malkangiri, I, Deepali Bala have changed my name from Dipurani Bala to Deepali Bala. Henceforth I shall be known as Deepali Bala instead of Dipurani Bala for all purposes.
**Sd/- Deepali Bala**

**AFFIDAVIT**

By virtue of an affidavit no. 436/25, dtd. 14.05.2025 sworn before the Notary Public, Bhubaneswar, I, Srutishree Das have changed my name from Manas Kumar Das to Srutishree Das. Henceforth I shall be known as Srutishree Das for all purposes.
**Sd/- Srutishree Das**

**AFFIDAVIT**

By virtue of an affidavit no. 437/25, dtd. 14.05.2025 sworn before the Notary Public, Bhubaneswar, I, Ruksana Begum have changed my minor son's name from Rajaya Mustafa to Mir Raja E Mustafa. Henceforth I shall be known as Mir Raja E Mustafa. for all purposes.
**Sd/- Ruksana Begum**

**AFFIDAVIT**

By virtue of an affidavit no. 438/25, dtd. 14.05.2025 sworn before the Notary Public, Bhubaneswar, I, Malati Malik have changed my minor son's name from Pritam Mallick to Ishwan Malik. Henceforth I shall be known as Ishwan Malik for all purposes.
**Sd/- Malati Malik**

**AFFIDAVIT**

I, Priyatrma Kar, W/o- Asit Kumar Kar, Resident of At-Kusunpur, P.O.- Nishinta-koili, P.S.- Derabish, Dist-Kendrapara, Pin- 754207, Odisha declare by this Affidavit No. 2505, Dated 28.11.2024, that now onwards I shall be known as **PRIYATAMA KAR** for all future purposes.

**AFFIDAVIT**

**By virtue of an affidavit sworn before the Executive Magistrate, Astaranga, Dist: Puri CF No: 919 dated 14/05/2025, I Jhuna Biswal, W/o Maheswar Biswal resident of Village At - Malada, Po- Namaro, Ps- Astaranga, Dist-Puri, Odisha, Pin- 752109 declare that I have changed my minor daughter name from JYOTSNA BISWAL to JYOSHNA BISWAL. Henceforth, she shall be known as JYOSHNA BISWAL for all purposes.**
**Sd- Jhuna Biswal**

**AFFIDAVIT**

By virtue of an affidavit No-4004 before the Executive Magistrate, Chandbali dt. 13/05/2025 have changed my name from Manoj Nayak to Balaram Nayak. Henceforth, I shall be known as **BALARAM NAYAK**, S/o- Chintamani Nayak, resident of Vill-Kaudiapal, P.O-Bentalpur, P.S-Chandbali, Dist- Bhadrak, Odisha for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhawanipatna. I, Biswajit Negi, resident of Ramanagar Pada, Po/Ps- Bhawanipatna, Dist.-Kalahandi do hereby declare that my daughter's actual name is Disha Negi as per her Birth Certificate but wrongly mentioned as Bidisha Negi in her Aadhar Card. That Disha Negi & Bidisha Negi is one and the same person. Henceforth she shall be known as Disha Negi for all purposes.
**Sd/- Biswajit Negi**

**AFFIDAVIT**

By virtue of an affidavit no. 589, dtd. 21.03.2025 sworn before the Notary Public, Bhubaneswar, I, Uma Sankar Patnaik have changed my name from Uma Sankar Pattnaik to Uma Sankar Patnaik. Henceforth I shall be known as Uma Sankar Patnaik for all purposes.
**Sd/- Uma Sankar Patnaik**

**AFFIDAVIT**

I, Subhransu Sekhar Nathsharma, S/o- Kunanda Chandra Nathsharma, resident of at- Qtr. No-57/A, Pristine Greens, Pokhariput, Near Kokila Resort, Aerodrome Area, PS-Air Field, Dist-Khordha, Odisha -751020 declare by this affidavit No.97, dated 18.12.2024 that now I want change the name of my daughter from **Anyuta** to **ANWITA SUBHRANSUSEKH-AR NATHSHARMA** for all future purposes.

**AFFIDAVIT**

I, Trilochan Sahu, S/o- Jagannath Sahoo, resident of At- Pratap Sasan, PO- Balakati, PS- Balianta, Dist-Khurda, PIN- 752100, Odisha declared by this affidavit No. 993, dtd-13/05/2025 that now onwards I shall be known as **TRILOCHAN SAHOO** for all future purposes.

**AFFIDAVIT**

Babita Kumari Jena, W/o- Manoj Kumar Mohanty, resident of Padma Bazar Town Planning, PO-Dhenkanal, PS- Town, Dist- Dhenkanal, PIN-759001, Odisha declared by this affidavit No. 8869, dtd-14/10/2024 that now onwards I shall be known as **BABITA JENA** for all future purposes.

**AFFIDAVIT**

I, Rifat Najneen, W/o-Saddam Housain Khan, resident of At- Akhund Mohalla, Sayayedpur, PS- Binjharpur, Dist-Jajpur, PIN- 755004, Odisha declared by this affidavit No. 991, dtd-13/05/2025 that now onwards I shall be known as **RIFFAT NAZNEEN** for all future purposes.

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated 13/05/2025. I, **Nilambar Sahu,** aged about 39 years, S/o. Madhuka Sahu, permanent resident of At/P.O. Patrapali, P.S. Muribahal, Dist-Bolangir, (Odisha) now residing at the same place affirm that I have changed my minor Son / Daughter / Ward name from **Kunti Sahu To Babli Sahu.** Henceforth in all records, deeds and writing in all proceeding, dealing and transaction private as well as public and upon all occasion he / she will be known as **Babli Sahu.**
**(Nilambar Sahu)**

**AFFIDAVIT**

I, Geeta Potnuru, W/o-Venkat Rao Potnuru, resident of At- Patelmarg (Shankaracharjya), PO/PS/Dist: Nabar-angapur, PIN- 764059, Odisha declared by this affidavit No. 992, dtd-13/05/2025 that now onwards I shall be known as **GITA POTNURU** for all future purposes.

**AFFIDAVIT**

By virtue of an affidavit No.6092, Dtd.14.05.2025 sworn before the Executive Magistrate, Balasore. I, Sonali Mishra, W/o. Chandan Kumar Mishra, At./Po. Palasia, Ps. Bhogarai, Dist. Balasore, Odisha, PIN. 756038 now. Previously called as Sonali Kar, D/o. Ajit Kumar Kar, At- 1079-B, Flat no. T1, Pragati appt., Ward no.1, Mehrauli, Delhi, PIN. 110030, declare that since the day of my marriage with Chandan Kumar Mishra I wholly renounce the use of my former surname KAR and in place thereof do assumed the Surname of MISHRA, and accordingly known as SONALI MISHRA. Henceforth, I shall be known as Sonali Mishra for all purposes.

● ଓଡିଶା-ଆନ୍ଧ୍ର ଅବକାରୀ ଓ ପୁଲିସର ମିଳିତ ଚଢ଼ଉ

## ବିପୁଳ ପରିମାଣର ଦେଶୀମଦ ଓ ପୋଚ ନଷ୍ଟ



ପାରଳାଖେମୁଣ୍ଡି,୧୫।୫(ସମିସ): ଗଜପତି ଜିଲ୍ଲାରେ ଓଡିଶା-ଆନ୍ଧ୍ର ଅବକାରୀ ବିଭାଗ ତରଫରୁ ମିଳିତ ଚଢଉ କରାଯାଇ ବିପୁଳ ପରିମାଣର ରନ୍ଧା ଦେଶୀ ମଦ ଓ ପୋଚ ନଷ୍ଟ କରାଯାଇଛି। ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ସିଙ୍ଗିପୁର ଓ ଗାରାବନ୍ଧ ଥାନା ଅନ୍ତର୍ଗତ ବଡବୁରୁଝୋଲି, ସାନବୁରୁଝୋଲି, ମାରିଙ୍ଗି, ସୌରା ତାଳସିଂ ଓ ଗୋଠେଇରେ ଚଢଉ କରାଯାଇଥିଲା। ଏଥିରେ ମୋଟ ୧୨ହଜାର ୩ଶହ ଲିଟର ପୋଚ ସହ୧୩୩୦ ଲିଟର ଚୋରା ଦେଶୀ ରନ୍ଧାମଦ ଜବତ କରାଯାଇ ନଷ୍ଟ କରାଯାଇଥିଲା। ଏଥିରେ ଉଭୟ ରାଜ୍ୟର ଅବକାରୀ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଉଭୟ ରାଜ୍ୟର ସୀମାନ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

# ସମରକୋର୍ସ ବେଳେ କେରଳରେ ଖଟୁଛନ୍ତି ଯୁବବର୍ଗ

ଅବହେଳିତ କନ୍ଧମାଳ

ଜି.ଉଦୟଗିରି,୧୫।୫(ସମିସ)





ପ୍ରାକୃତିକ ସୌନ୍ଦର୍ଯ୍ୟଭରା କନ୍ଧମାଳ ଜିଲ୍ଲାରେ ମାଳମାଳ ପର୍ଯ୍ୟଟନସ୍ଥଳ ରହିଥିବା ବେଳେ ସରକାରଙ୍କ ଆନ୍ତରିକତାର ଅଭାବରୁ ଦୃଷ୍ଟି ଆଢୁଆଳରେ ରହି ଯାଉଛି। ପର୍ଯ୍ୟଟନସ୍ଥଳ ବିକାଶରେ ହିଁ କନ୍ଧମାଳର ଆର୍ଥିକ ବିକାଶ ଯୋଡି ହୋଇ ରହିଥିବା ବେଳେ ଗୁରୁତ୍ୱ ଦେଉନି ପର୍ଯ୍ୟଟନ ବିଭାଗ। ଏଥିଯୋଗୁ ଯୁବପିଢି କାମଧନ୍ଦା ନ ପାଇ ଅନ୍ୟ ରାଜ୍ୟ ଦାଦନ ଘଟିବାକୁ ବାଧ ହେଉଛି। ଏବେ ଦଶମ ପରୀକ୍ଷା ଦେଇ ସାରି କୌଣସି କଲେଜରେ ସମର କୋର୍ସ କରିବା ସ୍ଥାନରେ ପେଟ ପାଇଁ କେରଳରେ ଖଟୁଛନ୍ତି। ଶତାଧିକ ଛାତ୍ରଛାତ୍ରୀ ଏବେ କେରଳରେ। ପ୍ରତି ସପ୍ତାହରେ କେରଳକୁ ଗାଡି ଯାଉଥିବା ବେଳେ ଯୁବକ ଶୂନ୍ୟ ହେଲାଣି କନ୍ଧମାଳ। ଆର୍ଥିକ ସ୍ୱଚ୍ଛଳ ଥିବା ପରିବାର ପୁଅ ଝିଅ ଭଲ କଲେଜରେ ସମର କୋର୍ସ କରୁଥିବା ବେଳେ ଗରୀବ, ଆଦିବାସୀ ଆର୍ଥିକ ଅନଟନରେ ଗତି କରିଥିବା ପରିବାର ପିଲାଏ ନିଜ ଇଚ୍ଛା ମୁତାବକ ପାଠ ମଧ ପଢି ପାରୁନାହାନ୍ତି। କାରଣ ପେଟକୁ ଦାନ ଯୋଗାଡ କରିବାରେ ଭାଗ୍ୟ ଭବିଷ୍ୟତ ସବୁ ବଦଳି ଯାଉଛି। ହାତରେ ବହି ରହିବା ସ୍ଥାନରେ ବିପଦସଂକୁଳ କାମ କରୁଛନ୍ତି ନାବାଳକ ଛାତ୍ରଛାତ୍ରୀ। ବହୁ ସ୍ଥାନରେ ନିର୍ଯାତନାର ଶିକାର ହେଉଥିବା ବେଳେ ଦଲାଲ ଲାଭବାନ ହେବାରେ ଲାଗିଛନ୍ତି। ସେମାନେ କେମିତି ଯାଉଛନ୍ତି, କେଉଁଆଡେ ଯାଉଛନ୍ତି, କଣ ପାଇଁ ଯାଉଛନ୍ତି, କେତେ ସୁରକ୍ଷିତ ଯାଉଛନ୍ତି ବୁଝିବାକୁ କେହି ନାହାଁନ୍ତି। ଛାତ୍ରଛାତ୍ରୀ ପାଠ ପଢିବା ସମୟରେ କେରଳରେ ପେଟ ପାଇଁ କାମ କରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ସରକାର ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସମାଜସେବୀ ମହମ୍ମଦ ଜିଆଉଦିନ ଅନୁରୋଧ କରିଛନ୍ତି। କନ୍ଧମାଳ ଜିଲ୍ଲାର ପ୍ରକୃତରେ ବିକାଶ କରିବାକୁ ଓ ଦାଦନ ସମସ୍ୟା ରୋକିବାକୁ ହେଲେ ସରକାର ପର୍ଯ୍ୟଟନ ସ୍ଥଳର ବିକାଶ ପ୍ରତି ଦୃଷ୍ଟି ଦେଲେ ସମ୍ଭବପର ହୋଇପାରିବ ବୋଲି ସେ କହିଛନ୍ତି।

## କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି,୧୫।୫(ସମିସ): ଦାରିଙ୍ଗବାଡ଼ି ସ୍ଥିତ ସନାମାହା ସାହିର ଶିଶିର ସାହୁଙ୍କ ଘର ଅଗଣାରେ ଥିବା କୂଅରେ ପଡ଼ି ଭଣଜା ଦେବାଶିଷ ସାହୁ(୨୪)ଙ୍କ ମୃତ୍ୟୁ ହୋଇଛି। ଶିଶିର ସାହୁଙ୍କ ଘରେ ନିଜ ଭଉଣୀ, ଭିଣେଇ ଚିତ୍ତରଞ୍ଜନ ସାହୁ ଓ ଭଣଜା ଦେବାଶିଷ ୨୦ ବର୍ଷ ହେବ ରହିଆସୁଥିଲେ। ହେଲେ ତିନିଦିନ ହେବ ଦେବାଶିଷ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକ ଖୋଜାଖୋଜି କରି ପାଇନଥିଲେ। ଆଜି ସକାଳେ ପରିବାରର ଲୋକେ ଘରର ଅଗଣାରେ ଥିବା କୂଅ ଭିତରେ ଭାସୁଥିବା ଅବସ୍ଥାରେ ମୃତଦେହ ଦେଖିବାକୁ ପାଇଥିଲେ। ଦାରିଙ୍ଗବାଡ଼ି ପୁଲିସକୁ ଏସମ୍ପର୍କରେ ପରିବାର ଲୋକ ଜଣାଇଥିଲେ। ଦାରିଙ୍ଗବାଡ଼ି ଅଗ୍ନିଶମ ବାହିନୀଙ୍କ ସହାୟତାରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଏହାର ଅଧିକ ତଦନ୍ତ କରୁଛି।

## ଯୁବ ସମାଜସେବୀଙ୍କ ଅକାଳ ବିୟୋଗ

 କାଶୀନଗର,୧୫।୫(ସମିସ): ଗଜପତି ଜିଲ୍ଲା କାଶୀନଗରର ଯୁବ ସମାଜସେବୀ ୱାଇ.ପାର୍ଥସାରଥୀ(୪୦) ପରଲୋକ



ହୋଇଛି। ତାଙ୍କ ବିୟୋଗରେ କାଶୀନଗର ସହରରେ ଶୋକର ଛାୟା ଖେଳିଯାଇଛି। ବୁଧବାର ଅପରାହ୍ନରେ କୌଣସି କାରଣରୁ ସେ ପାରଳାଖେମୁଣ୍ଡି ସହରକୁ ଯାଇ ଘରକୁ ଫେରିବା ପରେ ହଠାତ ଯନ୍ତ୍ରଣା ଅନୁଭବ କରିବା ସହ ପଡି ଯାଇଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ପତ୍ନୀ ଓ ପରିବାର ବର୍ଗ ପାଖରେ ଥିଲେ। ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ , କାଶୀନଗର ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷା ଏମ.ସୁଧାରାଣୀ ମୃତକଙ୍କ ଘରେ ପହଞ୍ଚି ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ଗୁରୁବାର ଦିନ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। କାଶୀନଗର ନାଗରିକ ମହାସଭା , ପ୍ରେସ୍ କ୍ଲବ୍, ଫ୍ରେଣ୍ଡସ କ୍ରିକେଟ କ୍ଲବ ଅନୁଷ୍ଠାନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ବଜ୍ରପାତରେ ଦୁଇ ଯାଆ ଗୁରୁତର

ମୋହନା,୧୫।୫(ସମିସ): ବଜ୍ରପାତରେ ଗୋଟିଏ ପରିବାରର ଦୁଇ ଯାଆ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ଅଡବା ଥାନା ଡକରପଙ୍କା ଗାଁରେ। ଗୁରୁତର ଦୁଇ ଯାଆ ହେଲେ ମାଜିନି ରଇତ ଓ ଅନାମି ରଇତ। ସେମାନଙ୍କୁ ପରିବାର ଲୋକେ ପ୍ରଥମେ ବିରିକୋଟି ପରେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସନ୍ଧ୍ୟାରେ ପବନ ସହ ବର୍ଷା ହୋଇଥିଲା। ଏହି ସମୟରେ ଡକରପଙ୍କା ଗାଁର ଗୋଟିଏ ପରିବାରର ଦୁଇ ଯାଆ ମଧ୍ୟରୁ ମାଜିନି ଦୋକାନରେ ଥିଲେ ଓ ଅନାମି ବାରିପଟେ ଥିବାବେଳେ ବଜ୍ରପାତ ହୋଇଥିଲା।

## ଠାକୁର ଦର୍ଶନ ବେଳେ ବିନ୍ଧିଲା ମହୁମାଛି; ୪ ଗୁରୁତର

ମୋହନା,୧୫।୫(ସମିସ): ମନ୍ଦିର ଦର୍ଶନ ବେଳେ ବିନ୍ଧିଲା ବାଘୁଆ ମହୁମାଛି। ଏଥିରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଶିବ ମନ୍ଦିରରେ। ଆହତମାନେ ହେଲେ ଲବାର୍ସିଂ ଗ୍ରାମର କିରଣ ଦଳାଇ, ସୁଶୀଳା ଦଳାଇ, ପାଡ଼ୀଆଁର ସତ୍ୟ ଶବର ଓ ନୀଳକଣ୍ଠ ଗୌଡ। ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ବୃଷ ସଂକ୍ରାନ୍ତି ଥିବା ବେଳେ ସ୍ଥାନୀୟ ଲୋକ ଠାକୁର ଦର୍ଶନ ପାଇଁ ଚନ୍ଦ୍ରଗିରି ସ୍ଥିତ ଶିବମନ୍ଦିରକୁ ଯାଇଥିଲେ। ହଠାତ ମହୁମାଛି ଆକ୍ରମଣ କରିଥିଲେ। ମନ୍ଦିରକୁ ଆସିଥିବା ସମସ୍ତ ଭକ୍ତ ପ୍ରାଣ ବିକଳରେ ଏଣେ ତେଣେ ଦୌଡ଼ିଥିଲେ। ମହୁମାଛି ଆକ୍ରମଣରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି।

## ଗଞ୍ଜେଇ ଜବତ, ୩ ମହିଳା ଗିରଫ

ଜି.ଉଦୟଗିରି,୧୫।୫(ସମିସ): ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ପୁଲିସ ତିନି ଜଣ ମହିଳାଙ୍କୁ ଜବେଡି ପାଖ ବିଶ୍ରାମଗାର ନିକଟରୁ ଗିରଫ କରିଛି। ସେମାନଙ୍କ ଠାରୁ ୧୬.୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଜି.ଉଦୟଗିରି ଥାନାରେ ଏକ ମାମଲା ରୁଜୁ ହୋଇଛି। ତିନି ଗିରଫ ତିନି ରାଇକିଆ, ଖଜୁରିପଡା ଓ ଫିରିଙ୍ଗିଆ ଅଞ୍ଚଳର ବୋଲି ଜଣାପଡିଛି। ଏ ନେଇ ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଝିଅ ଓ ପୁଅ ପରେ ବାପାଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୧୫।୫ (ସମିସ): ପାରିବାରିକ କଳହରୁ ପିଶାଚ ପାଲଟିଲା ବାପା। ଦୁଇ ସନ୍ତାନକୁ ବିଷ ଦେଇ ନିଜେ ବିଷ ପିଇଥିଲା। ଏଭଳି ଏକ ଘଟଣା ବୁଧବାର ଦିନ ଘଟିଥିଲା। ଗତକାଲି ହିଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ଚିକିତ୍ସାଳୟରେ ୮ ବର୍ଷିୟ ପୁଅଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ବ୍ରହ୍ମପୁର ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟରେ ଗତକାଲି ରାତିରେ ଝିଅର ମୃତ୍ୟୁ ଘଟିଥିବା ବେଳେ ଆଜି ସକାଳେ ସେହି ଭେଷଜ ମହାବିଦ୍ୟାଳୟରେ ବାପାର ମଧ୍ୟ ମୃତ୍ୟୁ ଘଟିଛି। ଏହାକୁ ନେଇ ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳିଯାଇଛି। ଦୁଇ ସନ୍ତାନକୁ ବିଷ ଦେଇ ନିଜେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ପାରଳାଖେମୁଣ୍ଡି ଓଡ଼ିଆ ପାରଳା ସାହିର ଗୁରୁତର ସୁଭାଶିଷ ପାଣିଗ୍ରାହୀ ଏବଂ ପୁଅ ବିଜୟାନନ୍ଦ ଓ ଝିଅ ପ୍ରିୟଦର୍ଶିନୀଙ୍କୁ ପରିବାର ତଥା ସମ୍ପର୍କୀୟ ଉଦ୍ଧାର କରି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ପୁଅ ବିଜୟାନନ୍ଦର ମୃତ୍ୟୁ ହୋଇଥିଲା।

ଉଭୟ ବାପା ଓ ଝିଅର ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଉଭୟ ଝିଅ ଓ ବାପାଙ୍କ ମୃତ୍ୟୁ ହୋଇଛି। ଆଜି ପାରଳାଖେମୁଣ୍ଡି ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରିବାରର ସମସ୍ତ ସଦସ୍ୟଙ୍କ ମୃତ୍ୟୁ ଘଟିଛି କିନ୍ତୁ କେହି ଆତ୍ମୀୟଙ୍କ ଦେଖା ମିଳୁନି। ଘର ଖାଲି ପଡ଼ିଛି। ପୁଲିସ ତଦନ୍ତରେ ନା ଆତ୍ମୀୟ ନା ସାହି ପଡ଼ିଶା କେହି ସହଯୋଗ କରୁନଥିବା ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି କହିଛନ୍ତି।

ସୂଚନାଯୋଗ୍ୟ ଯେ ମୃତ ଶୁଭାଶିଷଙ୍କ ସ୍ତ୍ରୀ ଶ୍ୱେତା ମଞ୍ଜୁରୀଙ୍କ ମଧ ବିଷ ପ୍ରକ୍ରିୟାରେ ମାର୍ଚ୍ଚ୨୧ ତାରିଖରେ ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ସେତେବେଳେ ମଧ ଆତ୍ମୀୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନଥିଲା। ପରିବାର ମଧ୍ୟରେ ସମ୍ପତ୍ତି ବିବାଦ ଓ ଅନ୍ୟାନ୍ୟ କାରଣକୁ ନେଇ ଶୁଭାଶିଷ ସବୁବେଳେ ଅଶାନ୍ତିରେ ରହି ଗଣ୍ଡଗୋଳ କରୁଥିଲେ ବୋଲି ଜଣାପଡିଛି।

## ବିଧାୟକଙ୍କ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ



ଫିରିଙ୍ଗିଆ,୧୫।୫(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ଆୟୁଷ୍ମାନ ସ୍ୱାସ୍ଥ୍ୟମନ୍ଦିରକୁ ଫୁଲବାଣୀ ବିଧାୟକ ଉମାଚାରଣ ମଲ୍ଲିକ ପରିଦର୍ଶନ କରିବା ସହ ନିଜର ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ବିଧାୟକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସକାଳ ଦଶଟାରେ ପହଞ୍ଚିବା ସହ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।

ରୋଗୀଙ୍କୁ କିଭଳି ଭାବରେ ଚିକିତ୍ସା ଯୋଗାଇ ଦିଆଯାଉଛି ଓ ତୃଣମୂଳସ୍ତରରୁ କେନ୍ଦ୍ର ଦ୍ୱାରା ରୋଗୀଙ୍କୁ କିଭଳି ଭାବରେ ସଚେତନତା କରାଯାଉଛି ସେନେଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ କିଭଳି ଭାବରେ ଏହି କେନ୍ଦ୍ର ତରଫରୁ ଅଞ୍ଚଳର ଜନସାଧାରଣଙ୍କୁ ସୁବିଧାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ ସେନେଇ ସ୍ଥାନୀୟ ଲୋକଙ୍କ ସହ କେନ୍ଦ୍ରର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।

## ଗଛ ପଡ଼ି ଭାଙ୍ଗିଲା ବିଦ୍ୟାଳୟ ଗେଟ୍ ଓ ପାଚେରି

ଫିରିଙ୍ଗିଆ,୧୫।୫(ସମିସ): ଫିରିଙ୍ଗିଆ ବ୍ଲକ କୁଏରମାଣ୍ଡୁ ଗାଁରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ବର୍ଷା ହେବା ଫଳରେ ଗଛ ପଡ଼ି ବିଦ୍ୟାଳୟ ପାଚେରି ଓ ଗେଟ ଭାଙ୍ଗି ଯାଇଛି। ଗୁରୁବାର ଅପରାହ୍ନ ୫ଟାରୁ ୬ଟା ମଧ୍ୟରେ କୁଏରମାଣ୍ଡୁ ଅଞ୍ଚଳରେ ଜୋରରେ ପବନ ବର୍ଷା ଓ ବଜ୍ରପାତ ହୋଇଥିଲା। କୁଏର ମାଣ୍ଡୁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବିରାଟ କୃଷ୍ଣଚୁଡା ଗଛ ପଡ଼ିଯିବାରୁ ବିଦ୍ୟାଳୟ ପାଚେରି ଓ ଗେଟ ଭାଙ୍ଗି ଯାଇଛି। ଅଧିକାଂଶ ଜାଗାରେ ତାର ଛିଣ୍ଡି ବିଦ୍ୟୁତ ସରୋବରହ ବନ୍ଦ ରହିଛି। ଦମକଳ ବାହିନୀ ପହଞ୍ଚି ଗଛ କାଟି ସଫା କରିଛି।

## କାଳବୈଶାଖୀରେ ପ୍ରଭାବିତ ପରିବାରକୁ ଭେଟିଲେ ବିଧାୟକଙ୍କ ପ୍ରତିନିଧି

ଖଜୁରୀପଡ଼ା,୧୫।୫(ସମିସ): ଖଜୁରୀପଡ଼ା ବ୍ଲକ ଅରାପାଜୁ ପଞ୍ଚାୟତ ଦରଡା ଗ୍ରାମରେ କାଳବୈଶାଖୀରେ କିଛି ଲୋକଙ୍କର ଘର ଓ ଅଙ୍ଗନବାଡ଼ି କେନ୍ଦ୍ର ଛପର ଉଡ଼ି ଯାଇଥିଲା। ଖଜୁରୀପଡ଼ା ବ୍ଲକ ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ଭେଟି ତଥ୍ୟ ସଂଗ୍ରହ କରି ବିଭିନ୍ନ ସରକାରୀ ସୁବିଧା ପାଇଁ ଖଜୁରୀପଡ଼ା ରାଜସ୍ୱ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭ ଦତ୍ତାତ୍ରେୟ ବାହୀନିପତିଙ୍କ ସହ ଆଲୋଚନା କରିଥିଲେ। ସେ ଫୁଲବାଣୀ ବିଧାୟକ ଉମାଚରଣ ମାଲିକଙ୍କୁ ଏସମ୍ପର୍କରେ ଜଣାଇଛନ୍ତି।

## ବେଆଇନ ବାଣ ଦୋକାନ ଉପରେ ଚଢଉ



ପାରଳାଖେମୁଣ୍ଡି,୧୫।୫(ସମିସ): ପାରଳାଖେମୁଣ୍ଡି ସମେତ ଏହାର ଆଖପାଖ ଅଞ୍ଚଳରେ ବେଆଇନ ବାଣ ଦୋକାନ ଖୋଲାଯାଇଥିବା ନେଇ ବାରମ୍ବାର ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲା। କିନ୍ତୁ ଗତ କିଛିଦିନ ହେଲା ଜିଲ୍ଲା ପ୍ରଶାସନ ବେଆଇନ ବାଣ ଦୋକାନ ଗୁଡିକ ଉପରେ ଚଢଉ ଆରମ୍ଭ କରିଛି। ଗୁରୁବାର ସନ୍ଧ୍ୟାରେ ପାରଳାଖେମୁଣ୍ଡି-ରାଣୀପେଣ୍ଠ ରାସ୍ତାରେ ଥିବା ଲାଡି ଏକ ବାଣ ଦୋକାନ ଖୋଲି ବିକ୍ରୟ କରୁଥିଲା। ଏହି ସମୟରେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଦୋକାନ ଖୋଲାଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚିଲା ପରେ ବାଣ ଦୋକାନରେ ପହଞ୍ଚିଥିଲା। ସେହି ସମୟରେ ଦୋକାନୀ ଜଣକ କୌଶଳକ୍ରମେ ତାଲାପକାଇ ପଳାୟନ କରିଥିଲେ। ଏହା ଦେଖି ତହସିଲଦାର ଏବଂ ପୁଲିସ୍ କ୍ଷୁବ୍ଧ ହୋଇ ବାଣ ଦୋକାନୀକୁ ଫୋନ୍ ଯୋଗେ ଡକାଇଥିଲେ। କିନ୍ତୁ ସେ ବହୁ ସମୟ ପରେ ପହଞ୍ଚିଥିଲେ। ତାପରେ ତାଙ୍କ ଉପସ୍ଥିତିରେ ଦୋକାନକୁ ସିଲ୍ କରାଯାଇଥିଲା।

## ଆଇନସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ




ପାରଳାଖେମୁଣ୍ଡି,୧୫।୫(ସମିସ): ଆଜି ଗଜପତି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୋଷାଣି ବ୍ଲକ ଅନ୍ତର୍ଗତ କତଲକଇଠ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଚେତନତା ବିଷୟବସ୍ତୁ ମଧ୍ୟରେ ସାଧାରଣ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ (ପିଏଲଏ) ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା ଏବଂ ଗ୍ରହଣ କରାଯାଇଥିବା ବିବାଦର ପ୍ରକୃତି, ପିଏଲଏ ଦ୍ୱାରା ବିଚାର ଏବଂ ଆଇନ ସେବା ପ୍ରାଧିକରଣ ଆଇନ, ପୋକ୍ସୋ ଆଇନ, ବାଲ୍ୟ ବିବାହ ସହ ଅନ୍ୟ ଆଇନ ବିଷୟରେ ସଚେତନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳ ଏଥିରେ ଅଧ୍ୟକ୍ଷତା ସହ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠି, ଜିଲ୍ଲାପରିଷଦ ସଭ୍ୟ ଏସ. ବାଲାରାଜୁ, କତଲକଇଠା ସରପଞ୍ଚ ଏସ. ଲିଙ୍ଗରାଜୁ ଓ ପୁଲିସ ଏସ୍ଆଇ ଜି. ପ୍ରଧାନ ଯୋଗ ଦେଇ ବିଭିନ୍ନ ସରକାରୀ ଯୋଜନା ବିଷୟରେ ସଚେତନତା କରାଇଥିଲେ। ଆଇନସେବା ପ୍ରାଧିକରଣର କର୍ମଚାରୀଙ୍କ ସମେତ ଅଧିକାରୀ ମିତ୍ର ଚନ୍ଦ୍ରଶେଖର ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

## ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବ ନେଇ ଆଲୋଚନା



ଫୁଲବାଣୀ,୧୫।୫(ସମିସ): କନ୍ଧମାଳ ଜିଲ୍ଲା ରାଜ୍ୟରେ ଆକାଂକ୍ଷା ଜିଲ୍ଲା ଭାବରେ ପରିଗଣିତ ହେଉଥିବା ବେଳେ ସ୍ୱାସ୍ଥ୍ୟକ୍ଷେତ୍ରରେ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ସେଥି ମଧ୍ୟରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟରେ ଅଧିକରୁ ଅଧିକ ଉନ୍ନତି ପାଇଁ ଚେଷ୍ଟା କରାଯାଉଛି। ସରକାରଙ୍କ ଚେଷ୍ଟା ଓ ସହାୟତା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକର ସହଯୋଗ କାର୍ଯ୍ୟକ୍ରମ ଗୁଡିକୁ ସଫଳ କରି ଜିଲ୍ଲାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବକୁ ତ୍ୱରାନ୍ୱିତ କରିପାରିଛି। ଏହି ପରିପ୍ରେକ୍ଷୀରେ ସାରଙ୍ଗଗଡ ସ୍ଥିତ ସଲାଗୁଡା ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଦ୍ୱାରା ସୁରକ୍ଷିତ ମାତୃତ୍ୱ ଓ ଆନୁଷ୍ଠାନିକ ପ୍ରସବ କୁ ସୁନିଶ୍ଚିତ କରାଇବାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ମାତୃ ଓ ଶିଶୁ ମୃତ୍ୟୁ ହାରା ସୁଧୁରୁଥିବା ବେଳେ ଅଧିକ ଜନ ସଚେତନତା ଦ୍ୱାରା ଏହାକୁ ଆହୁରି କମ ଯାଇପାରିବ ବୋଲି ଆନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ କହିଛନ୍ତି। ସ୍ଥାନୀୟ ଆଶାକର୍ମୀ ଆରତୀ ପ୍ରଧାନ, ଅଙ୍ଗନବାଡି କର୍ମୀ ମୌସୁମୀ ପ୍ରଧାନ ଓ ଲିଲିମା ପ୍ରଧାନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଦିଆଯାଉଥିବା ସେବା ବିଷୟରେ ଅବଗତ କରାଇଥିଲେ।

ଅଜଣା ରୋଗରେ ପୀଡ଼ିତ ୨୨ବର୍ଷର ଯୁବକ

# ବିଛଣାରେ ଜୀଉରାମ; ସହାୟତା ପାଇଁ ନିବେଦନ

ଗୁମ୍ମା,୧୪।୫(ସମିସ): ଘରେ ପୁତ୍ର ସନ୍ତାନ ଜନ୍ମ ହେଲେ ପରିବାରରେ ଆନନ୍ଦ ଖେଳିଯାଏ। ପୁଅ ବଡ ହେବ ଆମର ସାହାରା ପାଲଟିବ। କିନ୍ତୁ ଏସବୁ ଆଶା ଓ ସ୍ୱପ୍ନ ପୂରଣ ହେବା ନେଇ ଏବେ ଆଶଙ୍କାରେ ପରିବାର। କୋଳରେ ପୁଅ ଜନ୍ମ ହେଲା ନିଶ୍ଚୟ କିନ୍ତୁ ସେ ଅକ୍ଷମ। ବାପା ମା'ଙ୍କ ପାଇଁ ରୋଜଗାର କରିବା ବୟସରେ ମାଆଙ୍କ କୋଳରେ ଶୋଇଛି ଜୀଉରାମ। ପରିଣତ ବୟସରେ ଯେ ଅଜଣା ରୋଗର ପୀଡ଼ିତ ଯୁବକ ପରିବାର ପାଇଁ ବୋଝ ହୋଇଯାଇଛି। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା କୁତାମ ଗ୍ରାମର ଜୀଉରାମ ଶବର(୨୨)ଙ୍କ ବାମ ବାହୁରେ ରକ୍ତ ଜମାଟ ହୋଇ ପିଣ୍ଡୁଳା



ଆକୃତିର ରୋଗ ସଂକ୍ରମିତ ହୋଇଛି। ପିଣ୍ଡୁଳା ବର୍ତ୍ତମାନ ବଢ଼ିବାରେ ଲାଗିଛି। ଯାହାଫଳରେ ଜୀଉରାମଙ୍କ ଚଳାବୁଲା ବନ୍ଦ ହୋଇଯାଇଛି। ଜୀଉରାମଙ୍କ ପରିବାର କହିଲେ ବାପା ଜହଁନ ଶବର ଓ ମା ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ ରୋଗର ଉପଚାର ପାଇଁ ଧାର ଉଧାର କରି ବିଭିନ୍ନ ଡାକ୍ତରଖାନାରୁ ନିରାଶ ହୋଇଛନ୍ତି। ଏପରି ଖବର ଜାଣିବା ପରେ ଗୁମ୍ମା ଆଦିବାସୀ ମହାସଂଘର ସଦସ୍ୟ ଓ ସ୍ୱେଚ୍ଛାସେବୀ ଏଭିଜନ ମଣ୍ଡଳ, ମସୁଲନ ରଇତ, ଅଭଦୀୟ ଗମାଙ୍ଗ, ଜନୀ ଶବର, ପ୍ରୀତମ କୁମାର ପାଳ, ଶୁଭାଶିଷ ଏଡ଼ଲା, କୁମାର ପାଣି ଓ ଅଜୟ ବଡ଼ନାୟକ ଜିଲ୍ଲାପାଳଙ୍କ ଅଭିଯୋଗରେ ଜୀଉରାମ ଶବରଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ଜଣାଇଥିଲେ।

ଏନେଇ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପାର୍ଥ ପଣ୍ଡା ଜୀଉରାମଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ତାଙ୍କୁ ଭୁବନେଶ୍ୱର ଏମ୍ସ କିମ୍ବା ଆପୋଲ ଚିକିତ୍ସାଳୟରେ ଏହାର ଚିକିତ୍ସା କରିବା ଆବଶ୍ୟକ ରହିଛି ବୋଲି କହିଛନ୍ତି। ରୋଗୀର ତୁରନ୍ତ ରିପୋର୍ଟ ପ୍ରସ୍ତୁତ କରି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଏକ ସ୍ୱତନ୍ତ୍ର ଟିମ କରାଯିବ ବୋଲି ମଧ୍ୟ ଡା. ପଣ୍ଡା କହିଛନ୍ତି।

## ସନ୍ଦେହଘେରରେ ବନ୍ଧଗଡ଼ ପଞ୍ଚାୟତ ପିଅନଙ୍କ ଆତ୍ମହତ୍ୟା

ଫିରିଙ୍ଗିଆ,୧୫।୫(ସମିସ): ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ) ଭାବରେ କାର୍ଯ୍ୟରତ ସୁରଥ ଭୁକ୍ତାଙ୍କ ଝୁଲନ୍ତା ମୃତଦେହ କାର୍ଯ୍ୟାଳୟ ପଛପଟେ ଥିବା ରୋଷେଇ ଘରୁ ଉଦ୍ଧାର ହୋଇଛି। ମୃତଦେହ ପାଖରୁ ଏକ ସୁସାଇଡ ନୋଟ ମଧ ପୁଲିସ ଜବତ କରିଛି। ଏହି ନୋଟରେ ମୃତ କର୍ମଚାରୀ ଜଣକ କିଛି ଲୋକଙ୍କ ଠାରୁ କିଛି ଟଙ୍କା ଧାରକରଜ କରିଥିଲେ ଓ ତାହା ସେ ପରିଶୋଧ ପାରୁନଥିବାରୁ ମାନସିକ ଚାପରେ ରହିଥିଲେ ବୋଲି ଲେଖାଯାଇଥିବା ପୁଲିସ ସୂଚନା ଦେଇଛି। ସବୁଦିନ ପରି ବୁଧବାର ସକାଳୁ ମଧ କର୍ମଚାରୀ ଜଣକ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ସଫାସୁତୁରା କରିବା ସହ ସମସ୍ତ କାମ କରିସାରି ଘରକୁ ଫେରିନଥିଲେ। ବିଳମ୍ବ ହେବାରୁ ବଡ଼ପୁଅ ତାଙ୍କୁ ଖୋଜିବାକୁ ଆସି କାର୍ଯ୍ୟାଳୟ ପଛପଟେ ଥିବା ରୋଷେଇ ଘରର କବାଟ ଭିତରପଟୁ ବନ୍ଦ ରହିଥିବା ଦେଖି ପୁଅର ସନ୍ଦେହ ହୋଇଥିଲା। ସେ କବାଟ ଭାଙ୍ଗି ଭିତରକୁ ଗଲାବେଳେ ବାପାଙ୍କ ମୃତଦେହ ଘରଭିତରେ ଝୁଲୁଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ସହ ବିଡ଼ିଓ ଅନୁପ ଅଭିଷେକ ବେହେରା, ତହସିଲଦାର ପୃଥୀରାଜ ମହାନନ୍ଦିଆ ଓ ଅନ୍ୟ କର୍ମଚାରୀ ପହଞ୍ଚି ଥିଲେ। ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦିଆଯାଇଥିଲା। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

## ଡାକ୍ତରଙ୍କୁ ମାଡ଼ ଅଭିଯୋଗ

**ପାତ୍ରପୁର,୧୫।୫(ସମିସ):** ଜରଡା ଥାନା ଅଧିନ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ରାତିରେ କାର୍ଯ୍ୟରତ ଡାକ୍ତରଙ୍କୁ ମାଡ଼ ମରାଯିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବୁଧବାର ରାତିରେ ସୁରଙ୍ଗୀ ପଞ୍ଚାୟତ ଅଧିନ ସୁମାଣ୍ଡି ଗ୍ରାମର ଜଣେ ମହିଳାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମେଡିକାଲର ଗୋଟିଏ ପଟ ଗେଟ୍ ବନ୍ଦ ରହିଥିଲା। ଗେଟ୍ ଖୋଲିବା ପାଇଁ କହିଥିଲେ ମାତ୍ର ଖୋଲି ନଥିଲଶ। ପରବର୍ତ୍ତୀ ସମୟରେ ଅନ୍ୟ ପଟ ଗେଟ୍ ଖୋଲାଥିବା ଜାଣି ରୋଗୀଙ୍କୁ ମେଡିକାଲ ଭିତରକୁ ନେଇଥିବାବେଳେ କାର୍ଯ୍ୟରେ ଥିବା ଡାକ୍ତରଙ୍କ ସହ ରୋଗୀ ସମ୍ପର୍କୀୟମାନେ ଯୁକ୍ତିତର୍କ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଜରଡା ଥାନାରେ ଲିଖିତ ଭାବେ ଡାକ୍ତର ଶ୍ୟାମ ସୁନ୍ଦର ମିଶ୍ର ଅଭିଯୋଗ କରିଛନ୍ତି। ଏନେଇ ଜରଡା ଥାନା ଅଧିକାରୀ ଟୁନା ସାସମଲଙ୍କ ସହ ଯୋଗାଯୋଗ କରିବାରୁ ଜଣେ ମେଡିକାଲ ପିଅନ୍ ଆଣି ଅଭିଯୋଗ ପତ୍ର ଦେଇଛନ୍ତି। ଡାକ୍ତରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରୁଥିବା ବେଳେ ଫୋନ ବନ୍ଦ ଥିବାରୁ ଯୋଗାଯୋଗ ହୋଇନାହିଁ। ତେବେ ଉଭୟ ପକ୍ଷରୁ ବୁଝାମଣା ହୋଇଥିବା ଶୁଣିବାକୁ ମିଳିଛି। ଡାକ୍ତର ପ୍ରତିକ୍ରିୟା ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସାସମଲ ସୂଚନା ଦେଇଛନ୍ତି।

## ବ୍ରାଉନ୍‌ସୁଗର ଜବତ; ୩ ଗିରଫ

**ଛତ୍ରପୁର,୧୫।୫(ସମିସ):** ଛତ୍ରପୁର ଆରକେ ଢ଼ାବା ନିକଟ ଆମ୍ର ମାର୍କେଟରୁ ବ୍ରାଉନ ସୁଗାର କାରବାର କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ଛତ୍ରପୁର ଥାନା ପୁଲିସ। ଗିରଫ ୩ ଜଣଙ୍କ ମଧ୍ୟରୁ ଦୁଇ ଜଣ ଛତ୍ରପୁର ଓ ଜଣେ ଖୋର୍ଦ୍ଧା ଜିଲ୍ଲା ଜଟଣି ଅଞ୍ଚଳର। ଗିରଫ ଅଭିଯୁକ୍ତ ମାନେ ହେଲେ ଛତ୍ରପୁର ଶାନ୍ତି ନଗରର ଦିଲୀପ କୁମାର ନାୟକ ଓରଫ ଲିପୁ(୩୩), ରାମ ନାୟକ ଓରଫ ପାହାଳ(୫୨) ଏବଂ ଖୋର୍ଦ୍ଧା ଜିଲ୍ଲା ଜଟଣି ଥାନା ଅନ୍ତର୍ଗତ ତିରୁମାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓରଫ ଗାଣ୍ଡୁ(୪୪)। ଅଭିଯୁକ୍ତ ମାନଙ୍କଠାରୁ ପୁଲିସ ୬୮.୮୧ ଗ୍ରାମ ବ୍ରାଉନ୍‌ସୁଗାର ସମେତ ୩ଟି ମୋବାଇଲ ଓ ନଗଦ ୯୪୦ ଟଙ୍କା ଜବତ କରିଛି।

ସୂଚନାଯୋଗ୍ୟ ଯେ, ୧୪ ତାରିଖ ଅପରାହ୍ନ ପ୍ରାୟ ୩.୪୦ ମିନିଟ ସମୟରେ ଉପରୋକ୍ତ ୩ ଜଣ ବ୍ୟକ୍ତି ଆରକେ ଢ଼ାବା ନିକଟରେ ଏକାଠି ହୋଇ ବ୍ରାଉନସୁଗାର କାରବାର କରୁଥିବା ନେଇ ୧୧୨ ନମ୍ବରକୁ ଏକ କଲ୍ ଆସିଥିଲା। ସୂଚନା ଆଧାରରେ ଛତ୍ରପୁର ଥାନ ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ନାୟକ ସଦଳବଳ ଘଟଣାସ୍ଥଳରେ ଚଢ଼ଉ କରିଥିଲେ ଏବଂ ଉପରୋକ୍ତ ୩ ଜଣଙ୍କୁ ଗିରଫ କରି ବ୍ରାଉନସୁଗାର ଜବତ କରିଥିଲେ। ଗିରଫ ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା ଓ ବାଇକ୍ ରାଲି

**'ଅପରେସନ ସିନ୍ଦୂର'ର ସଫଳତାକୁ ନେଇ ବିଭିନ୍ନ ସ୍ଥାନରେ ପରାକ୍ରମ ଶୋଭାଯାତ୍ରା ବା ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତ ଏପ୍ରିଲ୍ ୨୨ତାରିଖରେ ଜାମ୍ମୁ କାଶ୍ମୀରର ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଥିବା "ଅପରେସନ ସିନ୍ଦୂର'ର ସଫଳତା ସମ୍ପର୍କରେ ଆଲୋଚନା କରାଯିବା ସହ ୩ ସେନାଙ୍କ ବୀରତ୍ୱର ଗାଥାକୁ ନେଇ ଗର୍ବ କରାଯାଇଥିଲା।**

**ପାରଳାଖେମୁଣ୍ଡି,୧୫।୫(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଦାଶଙ୍କ ସମେତ ସମସ୍ତ ଅଧିକାରୀ, ଶିକ୍ଷକ ଶିକ୍ଷୟତ୍ରୀ, ବନବିଭାଗର କର୍ମଚାରୀଙ୍କ ସହ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ପାରଳାଖେମୁଣ୍ଡି ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ଗୁରୁମାଇ, ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏନଏସି ନିର୍ବାହୀ ଅଧିକାରୀ ଗୋବିନ୍ଦ ତନସେନାଙ୍କ ସଂଯୋଜନାରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ଏସ୍‌ଡିପିଓ ଡ.ଦୀପକକୁମାର ମିଶ୍ର, ଆଇଆଇସି ରାଜେଶକୁମାର ନାୟକ, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ଏବିଡିଓ ନିରାକାର ଜେନା ଓ ଏନଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ଆଛୁଲି ଛକଠାରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାରେ ବାହାରି ପୁରୁଷୋତ୍ତମପୁର ସହର ପରିକ୍ରମା କରିଥିଲେ। ଏଥିରେ ସହରର ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଜନପ୍ରତିନିଧି, ପୁଲିସ କର୍ମଚାରୀ, ତହସିଲ କର୍ମଚାରୀ, ବ୍ଲକ କର୍ମଚାରୀ, ଏନଏସି କର୍ମଚାରୀ ଓ ସାଧାରଣ ନାଗରିକ ମାନେ ଯୋଗ ଦେଇଥିଲେ।

**କୋଦଳା:** କୋଦଳା ଏନଏସି ଓ ବେଗୁନିଆପଡା ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି ଓ ସମାଜସେବି, ଜନସାଧାରଣଙ୍କୁ ନେଇ ''ପରାକ୍ରମ ଶୋଭାଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ଉପାଧ୍ୟକ୍ଷ୍ୟା ରଞ୍ଜିତା ସେଠି, ବହୁ କାଉନସିଲର, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ପଞ୍ଚାୟତ ପ୍ରତିନିଧି, ଏନଏସି କର୍ମକର୍ତ୍ତା, ଛାତ୍ରଛାତ୍ରୀଙ୍କ ସମେତ ଦଳ ମତ ନିର୍ବିଶେଷରେ ବିଭିନ୍ନ ବର୍ଗର ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ବରିଷ୍ଠ ବିଜେପି ନେତା ଚିତ୍ରସେନ ପରିଡା ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ଥିଲେ।

**ଛତ୍ରପୁର:** "ଅପରେସନ୍ ସିନ୍ଦୁର" ସଫଳତା ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ''ପରାକ୍ରମ ଶୋଭାଯାତ୍ରା' ଜିଲ୍ଲା ସଦର ମହକୁମା ଛତ୍ରପୁରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ପୁତିଗୋପାଳପୁର ଛକଠାରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ଜି. ପାପା ରାଓ, ବ୍ରହ୍ମପୁର ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ, ଛତ୍ରପୁର ବ୍ଲକ୍ ଉପାଧ୍ୟକ୍ଷା ଏସ୍. ଶାରଦା ରେଡ୍ଡୀ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ସୂଚନା ଓ ଲୋକସମ୍ପର୍କ ବିଭାଗୀୟ ଉପ ନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ରବି ନାରାୟଣ ବେହେରା, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ଜନ ପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧିଗଣ ପ୍ରମୁଖ ଉପସ୍ଥିତ ରହି ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ।

**ଧରାକୋଟ:** ଧରାକୋଟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲାପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ସ୍ୱାଇଁଙ୍କ ସମେତ ଓ ପୁଲିସ ବାହିନୀର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଏଥି ସହ ଧରାକୋଟ ସରପଞ୍ଚ ପୁନିଆ ଦାସ, ଜାହାଡା ଅଞ୍ଚଳର କାହ୍ନୁ ପ୍ରଧାନ ପ୍ରମୁଖ ଯୋଗଦେଇ ଥିବା ବେଳେ ଅଞ୍ଚଳର ବହୁ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ଉପସ୍ଥିତ ଥିଲେ। ଯୋଗାଣ ସହାୟକ ଗୋପାଳହରି ଗୌଡ଼, ମଦନ ନାୟକଙ୍କ ସମେତ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ପ୍ରଶାସନ ପକ୍ଷରୁ ଏହାର ନେତୃତ୍ୱ ନେଇଥିଲେ କବିସୂର୍ଯ୍ୟନଗର ଏନଏସି ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ। ଅନ୍ୟାନ୍ୟ ମଧ୍ୟରେ ତହସିଲଦାର ରବୀନ ମିଶ୍ର, ଏବିଡ଼ିଓ ନାରାୟଣ ବେହେରା, ଆଇଆଇସି ନିରଞ୍ଜନ ଦାସ ଓ ସମସ୍ତ କାଉନସିଲର ଅଂଶଗ୍ରହଣ କରିଥିଲେ।

**କୁକୁଡାଖଣ୍ଡି:** କୁକୁଡ଼ାଖଣ୍ଡିରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ରାଜକିଶୋର ପଟ୍ଟନାୟକ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ, ବିପିସି ଶ୍ରୀରାମ ପଣ୍ଡା, ସରପଞ୍ଚ ଦେବାଶିଷ ସେଠୀ, ଶେଖର ନାୟକ, ଅନୀଲ ଗୌଡ଼, ସରପଞ୍ଚ ପ୍ରତିନିଧି ଟୁକୁନା ସେଠୀ, ଜିତେନ୍ଦ୍ର ସେଠୀ, ସମିତି ସଭ୍ୟା ପ୍ରତିନିଧି ସନାତନ ସଂଗ୍ରାମ ସିଂ, ଚଣ୍ଡୀ ଚରଣ ସାହୁ, ସମାଜସେବୀ ଉଦୟ ବେହେରା, ପୂର୍ବତନ ଜିଲ୍ଲାପରିଷଦ କୈଳାସ ବିଷୋୟୀ, ସରପଞ୍ଚ ବଶିଷ୍ଠ ଜେନା, ସିଡିପିଓ କୁସୁମା ସାହୁ, ଏଇ ଅନୁରାଗ ରଥଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ, ତହସିଲ କର୍ମଚାରୀ, ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ଓ ସରପଞ୍ଚ ପ୍ରତିନିଧି, ସମିତି ସଭ୍ୟ ଓ ସଭ୍ୟା, ପିଇଓ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।

**ସୋରଡ଼ା:** ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବ୍ଲକ ମିଳିତ ଆନୁକୂଲ୍ୟରେର ପଞ୍ଚାନନ ମନ୍ଦିର ଛକ ଠାରୁ ଜରଉ ହନୁମାନ ଛକ ଯାଏଁ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ସୋରଡ଼ା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଜୀବରାଜ୍ ସେନାପତି, ସୋରଡ଼ା ବିଜେପି ମଣ୍ଡଳ ସଭାପତି ଜଗଦୀଶ ରାଜୁଙ୍କ ସହିତ ଅନେକ ସମାଜସେବୀ ଓ ବୁଦ୍ଧିଜୀବୀ ଯୋଗଦେଇ ଥିଲେ।

**ଭଞ୍ଜନଗର:** ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ତରଫରୁ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବ୍ଲକ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଯୋଗଦେଇ ଏହି ତ୍ରିରଙ୍ଗା ବାଇକ୍ ଯାତ୍ରାକୁ ପତାକା ଦେଖାଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଭାରପ୍ରାପ୍ତ ତହସିଲଦାର ଅବିନାଶ ମାହାର, ଡେପୁଟି କଲେକ୍ଟର ସୁମନ ଘୋଷ, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ ମହାନ୍ତି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥି ଏବଂ ସମସ୍ତ ସାମ୍ବାଦିକ ମାନେ ସାମିଲ ଥିଲେ।

**ଗଞ୍ଜାମ:** ଗଞ୍ଜାମ ବ୍ଲକ, ଏନଏସି ଓ ତହସିଲ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଅପରାହ୍ନରେ ଏହି ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟରୁ ବାହାରି ବଡ଼ ବଜାର ଦେଇ ତ୍ରିବେଣୀ ମଠ ଛକ ଓ ପରେ ଦାମୋଦରପୁର ଗ୍ରାମ ଛକ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଇଓ ଅପର୍ଣ୍ଣା ଡାଙ୍ଗୁଆ, ଏବିଡ଼ିଓ ଭବାନି ଶଙ୍କର ପ୍ରଧାନ, ଏଇଇ ସୁଶୀଲ କୁମାର ପଣ୍ଡା, ଏଇ ଦିଗାମ୍ବର ନାୟକ, ଏମବିକେ ଜଳନ୍ଧର ମହାରଣା ପ୍ରମୁଖଙ୍କ ସହ ତହସିଲ, ଏନଏସି ଓ ବ୍ଲକ କର୍ମଚାରୀ ମାନେ ସାମିଲ ଥିଲେ।

**ପାତ୍ରପୁର:** ଅପରେସନ ସିନ୍ଦୂରର ସଫଳତା ନେଇ ଗୁରୁବାର ସକାଳୁ ପାତ୍ରପୁର ବ୍ଲକ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଶୋଭାଯାତ୍ରାକୁ ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ.ସଂଯୁକ୍ତା ଶୁଭାରମ୍ଭ କରିଥିବା ବେଳେ ଏହି ସମୟରେ ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ତହସିଲଦାର ଅଶୋକ ପଟ୍ଟନାୟକ, ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ସମ୍ବିତ ବେଗରାୟ, ଅତିରିକ୍ତ ତହସିଲଦାର ଦିଲୀପ କୁମାର ଦେହୁରୀ, ପାତ୍ରପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ ପୋଲିସ କର୍ମଚାରୀଙ୍କ ସହ ଉପସ୍ଥିତ ରହି ଉଭୟ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାର ତଦାରଖ କରିଥିଲେ।
















## ମଣିପୁରରେ ଏନକାଉଣ୍ଟର; ୧୦ ଉଗ୍ରବାଦୀ ନିହତ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ମଣିପୁରର ଚନ୍ଦେଲ ଜିଲ୍ଲାରେ ବୁଧବାର ରାତିରେ ସୁରକ୍ଷାବଳ ଏନକାଉଣ୍ଟରରେ ୧୦ ଉଗ୍ରବାଦୀ ନିହତ ହୋଇଛନ୍ତି। ଭାରତ-ବାଂଲାଦେଶ ସୀମା ନିକଟସ୍ଥ ଖେଙ୍ଗଜୟ ତହସିଲ ଅନ୍ତର୍ଗତ ସାମତାଲ ଗ୍ରାମରେ ୧୦ ଉଗ୍ରବାଦୀଙ୍କୁ ଆସାମ ରାଇଫଲ୍ ଏନକାଉଣ୍ଟର କରିଛି। ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡ 'ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଜାରି କରିଛି। ଏହି ଗାଁକୁ କିଛି ସଶସ୍ତ୍ର ଉଗ୍ରବାଦୀ ପ୍ରବେଶ କରିଥିବା ଗୁଇନ୍ଦା ସୂଚନା ମିଳିବା ପରେ ସେନା ପକ୍ଷରୁ ରାତି ଅଧିଆ ସର୍ଚ୍ଚ ଅପରେସନ କରାଯାଇଥିଲା। ଅପରେସନ ଖବର ପାଇ ଉଗ୍ରବାଦୀମାନେ ସଂପୃକ୍ତ ଅଞ୍ଚଳରୁ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲା ବେଳେ ସୁରକ୍ଷାବଳ ପକ୍ଷରୁ ସେମାନଙ୍କୁ ଏନକାଉଣ୍ଟର କରାଯାଇଥିଲା। ସେମାନଙ୍କ ଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଅତ୍ୟାଧୁନିକ ସାମଗ୍ରୀ ଜବତ କରାଯାଇଥିବା ସେନା ପକ୍ଷରୁ କୁହାଯାଇଛି।

## ବିଏସ୍ଏଫ୍ ଯବାନଙ୍କୁ ନିର୍ଯାତନା ଦେଉଥିଲା ପାକିସ୍ତାନ



ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଭୁଲବଶତଃ ସୀମା ପାର୍ କରି ପାକିସ୍ତାନ ପଟକୁ ପଳାଇଥିବା ବିଏସଏଫ କନଷ୍ଟେବଲ ପୂର୍ଣ୍ଣମ କୁମାର ୨୧ ଦିନ ପରେ ଗତକାଲି ପାକିସ୍ତାନ କବଳରୁ ମୁକ୍ତ ହୋଇ ଗତକାଲି ସ୍ୱଦେଶ ଫେରିଥିଲେ। କିନ୍ତୁ ସେ ଫେରିବା ପରେ ପାକିସ୍ତାନରେ ତାଙ୍କୁ କିଭଳି ନିର୍ଯାତନା ଦିଆଯାଉଥିଲା ସେ ସମ୍ପର୍କରେ ବଖାଣିଛନ୍ତି। ସେ ଏପ୍ରିଲ ୨୩ ତାରିଖରେ ପଞ୍ଜାବର ଅନ୍ତର୍ଜାତୀୟ ସୀମାରେ ଗିରଫ ହେବା ପରେ ପାକିସ୍ତାନୀ ରେଞ୍ଜର୍ସ ତାଙ୍କ ଆଖିରେ କଳା ପଟି ବାନ୍ଧି ତାଙ୍କୁ ରଖୁଥିଲା ବୋଲି କହିଛନ୍ତି। ଯେଉଁଥିପାଇଁ ସେ ଶୋଇ ବି ପାରୁନଥିଲେ। ତାଙ୍କୁ ଶୋଇବାକୁ ଦିଆଯାଉ ନଥିଲା ବେଳେ ପାକ୍ ଯବାନମାନେ ଗାଳି ବି ଦେଉଥିଲେ।ଶାରୀରିକ ନିର୍ଯାତନା ଦିଆଯାଇନଥିଲେ ମଧ ସୀମାରେ ବିଏସଏଫ ନିୟୋଜନ ବିଷୟରେ ତାଙ୍କୁ ପଚରାଯାଇଥିଲା। ସବୁଠୁ ଦୁଃଖର କଥା ହେଉଛି ତାଙ୍କୁ ଦାନ୍ତ ଘଷିବାକୁ ମଧ ଅନୁମତି ଦିଆ ଯାଇ ନଥିଲା ବୋଲି ପୂର୍ଣ୍ଣମ କୁମାର କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୩ ଏପ୍ରିଲରେ ପଞ୍ଜାବର ଫିରୋଜପୁର ସେକ୍ଟରରେ ଡ୍ୟୁଟି ସମୟରେ ଭୁଲବଶତଃ ପାକିସ୍ତାନ ଅଞ୍ଚଳ ପାର ହୋଇଯାଇଥିବାରୁ ବିଏସଏଫ କନଷ୍ଟେବଲ ପୂର୍ଣ୍ଣମ କୁମାରଙ୍କୁ ପାକିସ୍ତାନ ରେଞ୍ଜର୍ସ ଗିରଫ କରି ନିଜ କବଜାକୁ ନେଇ ଯାଇଥିଲା।

■ ପାଣି ପାଇଁ ପାକିସ୍ତାନ କାକୁତି ମିନତି

## ଆତଙ୍କାବାଦ ବନ୍ଦ ନ ହେବା ଯାଏ ପାଣି ବନ୍ଦ: ଜୟଶଙ୍କର



ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ଭାରତର ସିନ୍ଦୂର ଅପରେସନରେ ଘାଇଲା ହୋଇପଡ଼ିଥିବା ପାକିସ୍ତାନ ଏବେ ପାଣି ପାଇଁ ଛଟପଟ ହେବା ଆରମ୍ଭ କରିଦେଇଛି। ଅସ୍ତ୍ରବିରତି ପରେ ସିନ୍ଧୁ ନଦୀ ଜଳ ପାକିସ୍ତାନକୁ ଛାଡିବା ଲାଗି ପାକିସ୍ତାନ ସରକାର ଭାରତ ସରକାରଙ୍କ ନିକଟରେ କାକୁତି ମିନତି କରିବା ଆରମ୍ଭ କରିଦେଇଛନ୍ତି। କିନ୍ତୁ ସୀମାପାର ଆତଙ୍କବାଦ ବନ୍ଦ ନ ହେବା ଯାଏ ପାକିସ୍ତାନକୁ ପାଣି ଛାଡିବାର ପ୍ରଶ୍ନ ଉଠୁ ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ସାଂପ୍ରତିକ ସ୍ଥିତିରେ ପାକିସ୍ତାନ ସହିତ କେବଳ ଆତଙ୍କବାଦ ବିଷୟରେ ଆଲୋଚନା କରାଯିବ ଏବଂ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ନେଇ ଭାରତ ସରକାର ନେଇଥିବା ନିଷ୍ପତ୍ତି କାଏମ ରହିବ। ଏଥିନେଇ କୌଣସି ବୁଝାମଣା ହେବ ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଗୁରୁବାର ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ,ତୁରନ୍ତ ସିନ୍ଧୁ ଜଳ ଛାଡିବାକୁ ପାକିସ୍ତାନ ସରକାର ଗତକାଲି ଭାରତକୁ ଗୁହାରି କରିଥିଲେ।ଆଗକୁ ଖିରଫ ଋତୁ ଆସୁଥିବାରୁ ପାକିସ୍ତାନର କୃଷିକ୍ଷେତ୍ର ଭାରୀମାତ୍ରାରେ ପ୍ରଭାବିତ ହେବା ସହିତ ସ୍ଥିତିକୁ ଆହୁରି ଉତ୍କଟ କରିବ ଦର୍ଶାଇ ପାଣି ଛାଡିବାକୁ ପାକିସ୍ତାନ ଜଳ ସମ୍ପଦ ସଚିବ ସୟଦ ଅଲ୍ଲୀ ମୁର୍ତାଜା ଭାରତର ଜଳ ଶକ୍ତି ମନ୍ତ୍ରାଳୟକୁ ଅନୁରୋଧ କରିଥିଲେ। ଭାରତ ପକ୍ଷରୁ ଏଥିନେଇ ତୁରନ୍ତ ପ୍ରତିକ୍ରିୟା ଦିଆଯାଇ ନଥିଲା ବେଳେ ଗୁରୁବାର ଜୟଶଙ୍କର ଏଭଳି ଟିପ୍ପଣୀ ରଖିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବରୁ ସବୁକିଛି ସ୍ପଷ୍ଟ କରିସାରିଛନ୍ତି। ପାକିସ୍ତାନ ସହ କେବଳ ଆତଙ୍କବାଦକୁ ନେଇ କଥାବାର୍ତ୍ତା ସମ୍ଭବ। ଯେଉଁ ଆତଙ୍କବାଦୀଙ୍କୁ ନେଇ ଆମେ ପାକିସ୍ତାନକୁ ତାଲିକା ଦେଇଛୁ ସେମାନଙ୍କୁ ପାକିସ୍ତାନ ପ୍ରଥମେ ଭାରତ ପଠାଉ।ଏହାସହିତ ପାକିସ୍ତାନ ତୁରନ୍ତ ନିଜ ମାଟିରେ ଆତଙ୍କବାଦୀ ଆଡ୍ଡା ହଟାଉ।



## କର୍ଣ୍ଣେଲ ସୋଫିଆଙ୍କୁ କ୍ଷମା ମାଗନ୍ତୁ ମଧ୍ୟପ୍ରଦେଶ ମନ୍ତ୍ରୀ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): କର୍ଣ୍ଣେଲ ସୋଫିଆ କୁରେସୀଙ୍କୁ ନେଇ ଅପମାନଜନକ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହିତ ସେ ସୋଫିଆଙ୍କୁ ତୁରନ୍ତ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଏହି ପ୍ରସଙ୍ଗରେ ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଦେବାକୁ ମନ୍ତ୍ରୀ ବିଜୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଖାରଜ କରି ଦେଇଛନ୍ତି । ବିଜୟ ଶାହଙ୍କ ଆବେଦନ ଉପରେ ଶୁଣାଣି କରି ପ୍ରଧାନବିଚାରପତି ଜଷ୍ଟିସ୍ ବିଆର ଗଭାଇ ମନ୍ତ୍ରୀ ବିଜୟ ଶାହ କି ପ୍ରକାରର ବୟାନ ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସାମ୍ବିଧାନିକ ପଦ ପଦବୀରେ ରହିଥିବା ଜଣେ ମନ୍ତ୍ରୀ କି ପ୍ରକାରର ଭାଷା ବ୍ୟବହାର କରୁଛନ୍ତି ବୋଲି ଜଷ୍ଟିସ୍ ଗଭାଇ ପ୍ରଶ୍ନ କରିବା ସହିତ ଏହା କ'ଣ ଜଣେ ମନ୍ତ୍ରୀଙ୍କ କ୍ଷେତ୍ରରେ ଶୋଭା ପାଏ କି ବୋଲି ପଚାରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିଙ୍କଠାରୁ ଏଭଳି ବୟାନ ଆଶା କରାଯାଏ ନାହିଁ। ଯେତେବେଳେ ଦେଶ ଏକ ଘଡ଼ିସନ୍ଧି ପରିସ୍ଥିତି ଦେଇ ଗତି କରୁଛି, ସେତେବେଳେ ଜଣେ ଦାୟିତ୍ୱବାନ ବ୍ୟକ୍ତିଙ୍କ ଠାରୁ ଏଭଳି ବୟାନ ଆଶା କରାଯାଇ ପାରିବ ନାହିଁ। ସିଜେଆଇଙ୍କ ଏହି ଟିପ୍ପଣୀ ପରେ ମନ୍ତ୍ରୀ ବିଜୟ ଶାହ କ୍ଷମା ମାଗି ସାରିଛନ୍ତି ବୋଲି ତାଙ୍କ ଓକିଲ କହିଥିଲେ। ଏହାଛଡ଼ା ମନ୍ତ୍ରୀଙ୍କ ବୟାନକୁ ଗଣମାଧମ କଦର୍ଥ କରି ପ୍ରସାରଣ କରିଥିବା ଓକିଲ କହିଥିଲେ। ତେବେ ବିଜୟ ଶାହଙ୍କ ବିରୋଧରେ ଏତଲା ଦାଏର ଲାଗି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କର୍ଣ୍ଣେଲ ସୋଫିଆ କୁରେସୀଙ୍କୁ ନେଇ ମଧ୍ୟପ୍ରଦେଶ କ୍ୟାବିନେଟ୍ ମନ୍ତ୍ରୀ ବିଜୟ ଶାହଙ୍କ ବିବାଦୀୟ ବୟାନ ପରେ ମହୁ ତହସିଲ ଅନ୍ତର୍ଗତ ମାନପୁର ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହି ପ୍ରସଙ୍ଗ ମଧ୍ୟପ୍ରଦେଶ ହାଇକୋର୍ଟରେ ପହଞ୍ଚିବା ପରେ ତାଙ୍କ ନିର୍ଦ୍ଦେଶ ଅନୁସାରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି।

# ଲକ୍ଷ୍ୟଭେଦୀ ଥିଲା ଭାରତୀୟ ସେନାର ପ୍ରହାର

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଏପ୍ରିଲ ୨୨ ପହଲଗାମ ଆତଙ୍କୀ ହମଲାର ପ୍ରତିଶୋଧ ସ୍ୱରୂପ ଭାରତ ପାକିସ୍ତାନ ମାଟିରେ ପରିଚାଳିତ ଆତଙ୍କବାଦୀ ଆଡ୍ଡା ଉପରେ କରିଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ପାଶ୍ଚାତ୍ୟ ଜଗତରେ ଜୋରଦାର୍ ଚର୍ଚ୍ଚା ଚାଲିଛି। ଭାରତୀୟ ସେନା ମେ '୭ ମଧରାତ୍ରରେ ପାକିସ୍ତାନ ବିପକ୍ଷରେ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର'ର ସଫଳତାକୁ ନେଇ ନ୍ୟୁୟର୍କ ଟାଇମ୍ସ ଏବଂ ୱାଶିଂଟନ୍ ପୋଷ୍ଟ ଭଳି ବହୁ ପ୍ରମୁଖ ଆନ୍ତର୍ଜାତିକ ସମ୍ବାଦପତ୍ର ସଂସ୍ଥା ଖବର ପ୍ରକାଶ କରିବା ସହିତ ଏହା ଭାରତୀୟ ସେନାର ବଡ଼ ସଫଳତା ବୋଲି ଉଲ୍ଲେଖ କରିଛନ୍ତି। ଖୁବ୍ କମ୍ ସମୟରେ ଏବଂ ମାତ୍ର ତିନି ଦିନର ଅପରେସନରେ ଭାରତୀୟ ସେନା ପାକିସ୍ତାନର ବହୁ ଆତଙ୍କବାଦୀ ଆଡ୍ଡା ଏବଂ ସାମରିକ ଘାଟିଗୁଡିକୁ ଯେଭଳି ଧ୍ୱସ୍ତବିଧ୍ୱସ୍ତ କରିଦେଇଛି ତାହା ଭାରତୀୟ ସେନାର ପରାକ୍ରମ ଏବଂ ଶୌର୍ଯ୍ୟ ପରାକାଷ୍ଠାକୁ ପ୍ରମାଣିତ କରିଥିଲା ବେଳେ ଭାରତ ସାମରିକ କ୍ଷେତ୍ରରେ ଏକ ନୂଆ ଫର୍ଦ୍ଦ ଯୋଡିଛି ବୋଲି କୁହାଯାଇଛି। ବିଶେଷକରି ଭାରତୀୟ ବାୟୁସେନା ନିୟନ୍ତ୍ରଣ ରେଖା ଏବଂ ଆନ୍ତର୍ଜାତିକ ସୀମା ଉଲ୍ଲଙ୍ଘନ ନ କରି ପାକିସ୍ତାନର ଆତଙ୍କବାଦ ଆଡ୍ଡା ଏବଂ ସାମରିକ ଘାଟି ଉପରେ ଆକ୍ରମଣ କରି ଯେଭଳି ବ୍ୟାପକ କ୍ଷତି ଘଟାଇଛି ତାହା ଭାରତ ପାଇଁ ଏକ ବଡ଼ ସଫଳତା ବୋଲି ଏହି ଦୁଇ ଖବରକାଗଜ ଉଲ୍ଲେଖ କରିବା ସହିତ ଏହାକୁ ସ୍ୱୀକୃତି ଦେବାକୁ ବହୁ ପାଶ୍ଚାତ୍ୟ ଗଣମାଧମ ବାଧ ହୋଇଛନ୍ତି ବୋଲି କହିଛନ୍ତି। ଏହାଦ୍ୱାରା ପାକିସ୍ତାନର ସବୁ ମିଛ ଧରାପଡ଼ିଯାଇଛି। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ ପାକିସ୍ତାନ ସରକାର ଏବଂ ସେନା ଏ ବିଷୟରେ ନିଜ ଦେଶବାସୀଙ୍କୁ ଲୁଚାଇବାକୁ ଉଦ୍ୟମ କରିଛନ୍ତି। କିନ୍ତୁ ନ୍ୟୁୟର୍କ ଟାଇମ୍ସ ଏବଂ ୱାଶିଂଟନ୍ ପୋଷ୍ଟ ଭଳି ବିଶ୍ୱର ଦୁଇ ପ୍ରମୁଖ ଦୈନିକ ଖବର କାଗଜରେ ଭାରତୀୟ ସେନାର ସଫଳତା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପାକିସ୍ତାନ ଏକପ୍ରକାର ଜଳକା ହୋଇପଡ଼ିଛି।

ଏପ୍ରିଲ ୨୨ରେ କଶ୍ମୀରର ପହଲଗାମ ଉପତ୍ୟକାରେ ଆତଙ୍କବାଦୀମାନେ ହିନ୍ଦୁ ପର୍ଯ୍ୟଟକମାନଙ୍କୁ ନିଶାଣ କରି ହତ୍ୟା କରିଥିଲେ। ଏଭଳି ବର୍ବର ଘଟଣା ସାରା ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଥିଲା ବେଳେ ବହୁ ଆନ୍ତର୍ଜାତିକ ଗଣମାଧମରେ ଏନେଇ ଖବର ପ୍ରସାରିତ ହୋଇଥିଲା। ହେଲେ ନ୍ୟୁୟର୍କ ଟାଇମ୍ସ ଏବଂ ୱାଶିଂଟନ୍ ପୋଷ୍ଟ ଭଳି କିଛି ଆମେରିକୀୟ ଖବର କାଗଜ ସଂସ୍ଥା ଏହି ଘଟଣାକୁ ଅତି ସାଧାରଣ ଘଟଣା ଭାବେ ଖବର ପ୍ରକାଶ କରିଥିଲେ। ଯାହାକୁ ନେଇ ବିବାଦ ମଧ ଉଠିଥିଲା। ହେଲେ ଏହି ଘଟଣାର କିଛି ଦିନ ପରେ ଭାରତୀୟ ସେନା ପକ୍ଷରୁ ପାକିସ୍ତାନ ବିରୋଧରେ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନର ସଫଳତାକୁ ନେଇ ଏହି ଦୁଇ ଖବରକାଗଜ ସମ୍ବାଦ ପ୍ରକାଶ ନ କରିବାରୁ ବର୍ତ୍ତି ପାରିନାହାନ୍ତି। ବରଂ ସେମାନେ ଭାରତୀୟ ସେନାର ପରାକ୍ରମ ଏବଂ ଦକ୍ଷତାକୁ ସର୍ବ ସମ୍ମୁଖକୁ ଆଣିଛନ୍ତି। ଅପରେସନ ସିନ୍ଦୂରରେ ଭାରତୀୟ ସେନା ପାକିସ୍ତାନର ବହୁ ପ୍ରମୁଖ ସାମରିକ ଘାଟି ଏବଂ ବାୟୁସେନା ଘାଟିକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିବା ନ୍ୟୁୟର୍କ ଟାଇମ୍ସ ପ୍ରକାଶ କରିଥିଲା ବେଳେ ଭାରତ ପାକିସ୍ତାନର ଅତିକମ୍‌ରେ ୬ଟି ଏୟାରବେସ୍ ଉପରେ ଆକ୍ରମଣ କରି ସେଗୁଡିକୁ ବ୍ୟାପକ କ୍ଷତି ପହଞ୍ଚାଇଥିବା କହିଛି। ଭାରତୀୟ ସେନାର ଅପରେସନ ସିନ୍ଦୂରକୁ ଅତ୍ୟନ୍ତ ନିଖୁଣ ଏବଂ ମର୍ମଭେଦୀ ବୋଲି ବର୍ଣ୍ଣନା କରି ଏହା ଦୁଇ ଦେଶ ମଧ୍ୟରେ ଗତ ଦଶନ୍ଧିରେ ହୋଇଥିବା ବିବାଦ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ନ୍ୟୁୟର୍କ ଟାଇମ୍ସ ଏବଂ ୱାଶିଂଟନ୍ ପୋଷ୍ଟ କହିଛନ୍ତି।



■ ୱାଶିଂଟନ୍ ପୋଷ୍ଟ, ନ୍ୟୁୟର୍କ ଟାଇମ୍ସ ରିପୋର୍ଟ

## ଭୟାତୁର ହୋଇ ଅସ୍ତ୍ରବିରତି କରିବାକୁ ବାଧହୋଇଛି ପାକିସ୍ତାନ






ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଭାରତୀୟ ସେନା ପାକିସ୍ତାନର ବହୁ ସାମରିକ ଘାଟିକୁ ନିଶାଣ କରି ଆକ୍ରମଣ କରିବା ଏବଂ ଏଥିରେ ସଫଳତା ହାସଲ କରିବା ଘଟଣା ପ୍ରମାଣିତ ହୋଇସାରିଛି। ଆମେରିକା ସମେତ ବହୁ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଉପଗ୍ରହ ଚିତ୍ରରୁ ଏହାର ପ୍ରମାଣ ହସ୍ତଗତ ହୋଇଥିବାରୁ ଭାରତୀୟ ସେନାର ଲକ୍ଷଭେଦୀ ଆକ୍ରମଣକୁ ନେଇ ବହୁ ପାଶ୍ଚାତ୍ୟ ସାମରିକ ବିଶେଷଜ୍ଞ ଭାରତୀୟ ସେନାକୁ ପରାକ୍ରମ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଅପରେସନ ସିନ୍ଦୂରକୁ ନେଇ ଭାରତ ଉଭୟ ସାମରିକ ଏବଂ କୂଟନୈତିକ ସ୍ତରରେ ବିଜୟ ହାସଲ କରିଛି ବୋଲି ପେଣ୍ଟାଗନର ପୂର୍ବତନ ବରିଷ୍ଠ ଅଧିକାରୀ ଏବଂ ସାମରିକ ବିଶେଷଜ୍ଞ ମାଇକେଲ ରୁବିନ କହିଛନ୍ତି। ଭାରତୀୟ ସେନା ଆକ୍ରଣରେ ପାକିସ୍ତାନର ପ୍ରଭୂତ କ୍ଷତି ଘଟିବା ପରେ ପାକିସ୍ତାନ ସେନା ଅତ୍ୟନ୍ତ ଭୟାତୁର ହୋଇ ଅସ୍ତ୍ରବିରତି ଘୋଷଣା କରିବାକୁ ବାଧ ହୋଇଛି ବୋଲି ସେ କହିଛନ୍ତି। ଏପରିକି ପାକିସ୍ତାନର ସେନାର ଭୟାତୁର ସ୍ଥିତିକୁ ସେ ଏକ ଗଳି କୁକୁର ଲାଞ୍ଜ ଜାକି ପଳାଇବା ସହିତ ତୁଳନା କରିଛନ୍ତି। ଏହାଛଡ଼ା ଆତଙ୍କବାଦ ବିରୋଧରେ ଭାରତ ଆରମ୍ଭ କରିଥିବା ଲଢେଇକୁ ନେଇ ଭାରତ କୂଟନୈତିକ ସ୍ତରରେ ମଧ ବିଜୟୀ ହୋଇଛି ବୋଲି ମାଇକେଲ କହିଛନ୍ତି। ଆତଙ୍କବାଦକୁ ନେଇ ପାକିସ୍ତାନ ବାସ୍ତବତା ଠାରୁ ଦୂରେଇ ପାରିବନି ବୋଲି ସେ କହିଛନ୍ତି। ସେହିପରି ଅନ୍ୟତମ ସାମରିକ ବିଶେଷଜ୍ଞ ଟମ୍ କୁପର ମଧ ଭାରତୀୟ ବାୟୁସେନାର ଦକ୍ଷତାକୁ ପ୍ରଶଂସା କରି ନିଜ ସୀମା ଭିତରେ ରହି ପାକିସ୍ତାନକୁ ଯେଭଳି କ୍ଷତି ପହଞ୍ଚାଇଛି ତାହା ଭାରତୀୟ ବାୟୁ ସେନାର ପରାକ୍ରମକୁ ପ୍ରତିପାଦିତ କରିଛି ବୋଲି କହିଛନ୍ତି। ଏବେ ଅପରେସନ ସିନ୍ଦୂର ସ୍ଥଗିତ ରହିଥିଲା ବେଳେ ସୀମାରେ ଡ୍ରୋନ କିମ୍ବା ପାକିସ୍ତାନ ପଟୁ ଗୁଳିଗୋଳା ବର୍ଷଣ ଆଉ ଶୁଣୁ ନାହିଁ। ଏହାକୁ ନେଇ ସୀମାନ୍ତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବାକୁ ଲାଗିଛି। ଅପରେସନ ସିନ୍ଦୂର ବେଳେ ଭାରତ-ପାକିସ୍ତାନ ସୀମାରେ ଗତ କିଛି ଦିନ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ସହିତ ଜନଜୀବନ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା। ହେଲେ ଏବେ ସ୍କୁଲ, କଲେଜ ଖୋଲିବା ସହିତ ଦୋକାନ ବଜାର ମଧ ସ୍ୱାଭାବିକ ହୋଇଛି। ଲୋକମାନେ ସ୍ୱାଭାବିକ ଭାବେ ଘରୁ ବାହାରି ସେମାନଙ୍କ କାର୍ଯ୍ୟସ୍ଥଳକୁ ଯାଉଥିବା ଦେଖାଯାଇଛି।

## ତୁର୍କୀର ଡ୍ରୋନ ନିର୍ମାଣ ଛବିକୁ ମଳିନ କରିଛି 'ଅପରେସନ ସିନ୍ଦୂର'



ନୂଆଦିଲ୍ଲୀ,୧୫।୫(ଏଜେନ୍ସି):ପାକିସ୍ତାନ ବିରୋଧରେ ଭାରତର ଆତଙ୍କବାଦ ଲଢେଇରେ ତୁର୍କୀ ପାକିସ୍ତାନକୁ ସମର୍ଥନ କରି ଅସ୍ତ୍ରଶସ୍ତ୍ର ଯୋଗାଇବା ଘଟଣା ଭାରତବାସୀଙ୍କୁ କ୍ଷୁବ୍ଧ କରିଛି। ଭାରତ ଉପରେ ଆକ୍ରମଣ କରିବାକୁ ତୁର୍କୀ ପାକିସ୍ତାନକୁ ୩୫୦ରୁ ଅଧିକ ଡ୍ରୋନ ଯୋଗାଇବା ସହିତ ତୁର୍କୀର ସାମରିକ ଅଧିକାରୀ ଏବଂ ବିଶେଷଜ୍ଞମାନେ ମଧ ପାକିସ୍ତାନ ସେନାକୁ ପ୍ରଶିକ୍ଷଣ ଦେଇଥିଲେ। ଭାରତ ଉପରେ କିଭଳି ବିଭିନ୍ନ ସ୍ତରରେ ଆକ୍ରମଣ କରାଯାଇପାରିବ ସେଥିନେଇ ସେମାନେ ରଣନୀତି ପ୍ରସ୍ତୁତ କରିଥିଲେ। ଭାରତ ଉପରେ ଆକ୍ରମଣ କରିବାକୁ ପାକିସ୍ତାନ ତୁର୍କୀର ବେରାକ୍ତାର ଟିବି୨ ଏବଂ ୱାଇଆଇଏଚଏ ଡ୍ରୋନ ବ୍ୟବହାର କରିଥିଲା। ବିଶେଷକରି ସୀମାରେ ଭାରତୀୟ ଯବାନଙ୍କ ଉପରେ ଆକ୍ରମଣ କରିବା ଏବଂ ବିଭିନ୍ନ ସାମରିକ ୟୁନିଟ୍‌କୁ ଯୋଗାଣ ବନ୍ଦ କରିବା ଲକ୍ଷ୍ୟରେ ଆକ୍ରମଣ କରିବାକୁ ଟାର୍ଗେଟ କରାଯାଇଥିଲା। କିନ୍ତୁ ତୁର୍କୀର ଅଧିକାଂଶ ଡ୍ରୋନକୁ ଭାରତୀୟ ସେନା ନିଷ୍କ୍ରିୟ କରି ଖାସାଇ ଦେବା ଘଟଣା ଏବେ ତୁର୍କୀ ପାଇଁ ସମସ୍ୟା ପାଲଟିଛି। ତୁର୍କୀ ପାକିସ୍ତାନକୁ ୫୦୦ରୁ ଅଧିକ ଡ୍ରୋନ ଯୋଗାଣ କରିଥିଲେ ମଧ ଏଥିମଧ୍ୟରୁ ଗୋଟିଏ ବି ଭାରତ ଉପରେ ହମଲା କରିବାକୁ ସକ୍ଷମ ହେବା ଘଟଣା ତୁର୍କୀ ଡ୍ରୋନ ନିର୍ମାଣ କ୍ଷେତ୍ରକୁ ପ୍ରଭାବିତ କରିଛି। ଡ୍ରୋନ ନିର୍ମାଣ କ୍ଷେତ୍ରରେ ତୁର୍କୀର ବିଶେଷତ୍ୱ ରହିଥିବାରୁ ବହୁ ଦେଶ ଏଠାରୁ ଡ୍ରୋନ କିଣିବାକୁ ଆଗ୍ରହୀ ରହିଥାଆନ୍ତି। କିନ୍ତୁ ଭାରତର ଅପରେସନ ସିନ୍ଦୂର ବେଳେ ତୁର୍କୀ ଡ୍ରୋନ କ୍ଷମତାକୁ ନେଇ ଯାହା ଦେଖାଯାଇଛି ତଦ୍ୱାରା ବହୁ ଦେଶ ଏବେ ତୁର୍କୀରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି। ଏହାଛଡ଼ା ଅପରେସନ ସମୟରେ ତୁର୍କୀର ଦୁଇ ସେନଧିକାରୀ ନିହତ ହେବା ଘଟଣା ମଧ ତୁର୍କୀର ସ୍ଥିତିକୁ ଆହୁରି ଖରାପ କରିଛି।

## ଏନକାଉଣ୍ଟର୍‌ରେ ୩ ଜୈସ୍ ଆତଙ୍କୀ ସଫା; ୫୦ ଘଣ୍ଟାରେ ୬ ନିହତ



ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ପହଲଗାମ ଘଟଣା ପରେ କେବଳ ପାକିସ୍ତାନ ନୁହେଁ, ଭାରତୀୟ ସେନା ଜମ୍ମୁ କଶ୍ମୀର ଉପତ୍ୟକାରେ ଆତଙ୍କବାଦ ବିରୋଧୀ ଅଭିଯାନକୁ ଆହୁରି ଜୋରଦାର କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ସୋଫିଆନରେ ସୁରକ୍ଷାବଳ ଏନକାଉଣ୍ଟରରେ ୩ ଲସ୍କର ଆତଙ୍କବାଦୀ ନିହତ ହୋଇଥିଲେ। ଏହାପରେ ଗୁରୁବାର ସକାଳେ ପୁଲୱାମା ଜିଲ୍ଲାରେ ଆଉ ୩ ଜୈସ୍-ଇ-ମହମ୍ମଦ ଆତଙ୍କବାଦୀଙ୍କୁ ଭାରତୀୟ ସେନା ଏନକାଉଣ୍ଟର କରିଛି। ଫଳରେ ଗତ ୫୦ ଘଣ୍ଟା ମଧ୍ୟରେ ଏହି ଦୁଇ ଜିଲ୍ଲାରେ ଏନକାଉଣ୍ଟରରେ ୬ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁରୁବାର ନିହତ ହୋଇଥିବା ଆତଙ୍କବାଦୀ ଆସିଫ୍ ମହମ୍ମଦ ଶେଖ , ଅମିର ନାଜିର ୱାନି ଏବଂ ଅହମ୍ମଦ ଭଟ୍ଟ ବୋଲି ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ଘର ପୁଲୱାମା ଜିଲ୍ଲାରେ ବୋଲି ଜଣାପଡ଼ିଛି। ପହଲଗାମ ଘଟଣା ପରେ ଏବେ ଭାରତୀୟ ସେନା କଶ୍ମୀର ଉପତ୍ୟକାରେ ଆତଙ୍କବାଦୀଙ୍କୁ ଖୋଜି ଖୋଜି ଏନକାଉଣ୍ଟର କରୁଥିବା ବେଳେ ସେମାନଙ୍କ ନିଦ ହଜିଯାଇଛି।

### ସୀମାବର୍ତ୍ତୀ ଅଞ୍ଚଳରେ ସ୍ୱାଭାବିକ ହେଉଛି ସ୍ଥିତି

ଏବେ ଅପରେସନ ସିନ୍ଦୂର ସ୍ଥଗିତ ରହିଥିଲା ବେଳେ ସୀମାରେ ଡ୍ରୋନ କିମ୍ବା ପାକିସ୍ତାନ ପଟୁ ଗୁଳିଗୋଳା ବର୍ଷଣ ଆଉ ଶୁଭୁ ନାହିଁ। ଏହାକୁ ନେଇ ସୀମାନ୍ତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବାକୁ ଲାଗିଛି। ଅପରେସନ ସିନ୍ଦୂର ବେଳେ ଭାରତ-ପାକିସ୍ତାନ ସୀମାରେ ଗତ କିଛି ଦିନ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ସହିତ ଜନଜୀବନ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା। ହେଲେ ଏବେ ସ୍କୁଲ, କଲେଜ ଖୋଲିବା ସହିତ ଦୋକାନ ବଜାର ମଧ ସ୍ୱାଭାବିକ ହୋଇଛି। ଲୋକମାନେ ସ୍ୱାଭାବିକ ଭାବେ ଘରୁ ବାହାରି ସେମାନଙ୍କ କାର୍ଯ୍ୟସ୍ଥଳକୁ ଯାଉଥିବା ଦେଖାଯାଇଛି।

## ତୁର୍କୀୟ ଏଜେନ୍ସି ଲାଇସେନ୍ସ ବାତିଲ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଭାରତ ବିରୋଧରେ ତୁର୍କୀ ପାକିସ୍ତାନକୁ ଶହ ଶହ ଡ୍ରୋନ ଯୋଗାଇବା ଘଟଣାକୁ ଭାରତୀୟମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଯାହାକୁ ନେଇ ଏବେ ଭାରତରେ ' ତୁର୍କୀ ବୟକଟ୍' ଅଭିଯାନ ଜୋରଦାର୍ ହୋଇଛି। ସେପଟେ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଦିଲ୍ଲୀସ୍ଥିତ ଜବାହାରଲାଲ ନେହ୍ରୁ ବିଶ୍ୱବିଦ୍ୟାଳୟ(ଜେଏନୟୁ) ତୁର୍କୀ ସହିତ ସମ୍ପର୍କ ତୁଟାଇଛି।ତୁର୍କୀର ଇନୋନୁ ବିଶ୍ୱବିଦ୍ୟାଳୟ ସହିତ ଜେଏନୟୁ ଶିକ୍ଷା ଏବଂ ପାଠ୍ୟକ୍ରମକୁ ନେଇ ବୁଝାମଣା କରିଥିଲା ବେଳେ ଏବେ ଏହାକୁ ରଦ୍ଦ କରିଛି। ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ତୁର୍କୀର ଏହି ବିଶ୍ୱବିଦ୍ୟାଳୟ ସହିତ ଏକାଡେମୀ ସ୍ତରରେ କୌଣସି କାରବାର କରାଯିବ ନାହିଁ ବୋଲି ଜେଏନୟୁ ପ୍ରଶାସନିକ କର୍ତ୍ତୃପକ୍ଷ ବୁଧବାର 'ଏକ୍ସ'ରେ ପୋଷ୍ଟ କରିଛନ୍ତି।ଜେଏନୟୁ ପରେ ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟ ମଧ ସମାନ ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ଭାରତ ସରକାର ୯ଟି ବିମାନବନ୍ଦରରେ ଗ୍ରାଉଣ୍ଡ ହାଣ୍ଡେଲିଂ କରୁଥିବା ତୁର୍କୀ କମ୍ପାନି ସେଲେବିର ସୁରକ୍ଷା କ୍ଲିୟରାନ୍ସ ବାତିଲ କରି ଦେଇଛନ୍ତି । ଏହି ନିଷ୍ପତ୍ତି ବ୍ୟୁରୋ ଅଫ୍ ସିଭିଲ ଏଭିଏସନ୍ ସିକ୍ୟୁରିଟି ଦ୍ୱାରା ନିଆଯାଇଛି। ଏହି କମ୍ପାନୀ ସହ ତୁର୍କୀ ରାଷ୍ଟ୍ରପତି ଏର୍ଦୋଗାନଙ୍କ ଝିଅ ସୁମେୟିଙ୍କ ସଂପର୍କ ଥିବା କୁହାଯାଇଛି ।

## ସ୍ୱତନ୍ତ୍ର ପକ୍ସୋ ଅଦାଲତ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ସୁପ୍ରିମକୋର୍ଟ ଅଗ୍ରାଧିକାର ଭିତ୍ତିରେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ପ୍ରତିଷ୍ଠା କରିବାକୁ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୋକ୍ସୋ ଅଧିନିୟମ ସହିତ ଜଡ଼ିତ ମାମଲା ଗୁଡ଼ିକର ତ୍ୱରିତ ବିଚାର ପାଇଁ ଚିନ୍ତା ପ୍ରକଟ କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଦେଶରେ ପୋକ୍ସୋ ଅଦାଲତ ଯଥେଷ୍ଟ ନଥିବାରୁ ମାମଲାଗୁଡ଼ିକରେ ଶୁଣାଣି ବିଳମ୍ବ ହେଉଛି। ତେଣୁ ତୁରନ୍ତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ପ୍ରତିଷ୍ଠା କରିବାକୁ ଜଷ୍ଟିସ୍ ବେଲା ଏମ ତ୍ରିବେଦୀ ଓ ଜଷ୍ଟିସ୍ ପିବି ବରାଲେଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ କହିଛନ୍ତି।

## ରାହୁଲଙ୍କ ବିରୋଧରେ ପୁଣି ଦୁଇ ମାମଲା ରୁଜୁ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବିନା ଅନୁମତିରେ ବିହାରର ଦରଭଙ୍ଗାସ୍ଥିତ ଆମ୍ବେଦକର ହଷ୍ଟେଲରେ ପହଞ୍ଚିବା ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ରାହୁଲଙ୍କ ଏଭଳି ଆଚରଣ ପାଇଁ ଦରଭଙ୍ଗା ପୁଲିସ ତାଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ କରିଛି।ରାହୁଲ ଗୁରୁବାର ଆମ୍ବେଦକର ହଷ୍ଟେଲରେ ପହଞ୍ଚି ଏକ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟ ଛାତ୍ରମାନଙ୍କୁ ସମ୍ବୋଧିତ କରିଥିଲେ। କିନ୍ତୁ ଏହାପୂର୍ବରୁ ସେ ସ୍ଥାନୀୟ ପ୍ରଶାସନର ଅନୁମତି ନେଇ ନଥିଲେ। ପ୍ରଶାସନ କୌଣସି ହଷ୍ଟେଲରେ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇ ନ ଥିଲା ବେଳେ ରାହୁଲ ବିନା ଅନୁମତିରେ କିଭଳି ସଭା କଲେ ବୋଲି ପ୍ରଶ୍ନ ଉଠିଥିଲା। ଏହା ସତ୍ତ୍ୱେ ବି ରାହୁଲ ଜୋରଜବରଦସ୍ତି ହଷ୍ଟେଲର ପଛଦ୍ୱାର ଦେଇ ହଷ୍ଟେଲ ଭିତରକୁ ପ୍ରବେଶ କରିଥିଲେ। ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ରାହୁଲଙ୍କ ବିରୋଧରେ ଅଭିଯୋଗ ଅଣାଯିବା ପରେ ଦରଭଙ୍ଗା ପୁଲିସ ଦୁଇଟି ମାମଲା ରୁଜୁ କରିଛି।




## ଟ୍ରମ୍ପଙ୍କ 'ୟୁ-ଟର୍ଣ୍ଣ'; ଯୁଦ୍ଧ ରୋକିନି, ସହାୟତା କରିଛି

ୱାଶିଂଟନ୍,୧୫।୫(ଏଜେନ୍ସି) : ଭାରତ-ପାକିସ୍ତାନ ଅସ୍ତ୍ରବିରତି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଛେପ ଢୋକିଛନ୍ତି। ସେ ଭାରତ - ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ବୁଝାମଣା କିମ୍ବା ମଧ୍ୟସ୍ଥତା କରି ନାହାନ୍ତି, ବରଂ ଉଭୟ ଦେଶକୁ ସହାୟତା କରିଛନ୍ତି ବୋଲି କହିଛନ୍ତି। ଟ୍ରମ୍ପଙ୍କ ଏଭଳି 'ୟୁ-ଟର୍ଣ୍ଣ ଏବେ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଭାରତ-ପାକିସ୍ତାନ ମଧ୍ୟରେ ମେ ' ୭ରୁ ତିନି ଦିନ ଧରି ସଂଘର୍ଷ ଚାଲିଥିଲା ବେଳେ ଅଚାନକ ଭାବେ ୧୦ ତାରିଖରେ ଟ୍ରମ୍ପ ସାମ୍ନାକୁ ଆସି ଉଭୟ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ପ୍ରଥମେ ସୋସିଆଲ ମିଡିଆରେ ଟ୍ୱିଟ୍ କରିଥିଲେ। ସେ କହିଥିଲେ, 'ଆମେରିକା ମଧ୍ୟସ୍ଥତାରେ ସାରା ରାତି ଆଲୋଚନା ପରେ ମୁଁ ଏହା ଘୋଷଣା କରି ଅତ୍ୟନ୍ତ ଖୁସି ଅନୁଭବ କରୁଛି ଯେ ଭାରତ ଓ ପାକିସ୍ତାନ ପୂର୍ଣ୍ଣ ଓ ତତ୍କାଳ ଅସ୍ତ୍ରବିରତି ପାଇଁ ସହମତ ହୋଇଛନ୍ତି । ଏଥିପାଇଁ ସେ ଦୁଇ ଦେଶକୁ ଶୁଭେଚ୍ଛା ଜଣାଉଛନ୍ତି।' ଏହାବ୍ୟତୀତ ଯୁଦ୍ଧବିରତିକୁ ଦୁଇ ଦେଶର ବୁଦ୍ଧିମତାର ପରିଚୟ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ଭାରତ ସରକାର ଟ୍ରମ୍ପଙ୍କ ଏହି ଦାବିକୁ ଖଣ୍ଡନ କରିଥିଲେ । ଏହି ସମୟରେ ଅସ୍ତ୍ରବିରତି ପାଇଁ ଟ୍ରମ୍ପ ଭାରତ ଏବଂ ପାକିସ୍ତାନକୁ ବୁଝାଇବାକୁ ଉଦ୍ୟମ କରିଥିଲେ ଏବଂ କଶ୍ମୀର ପ୍ରସଙ୍ଗରେ ସମାଧାନ ଆଣିବାକୁ ଆବଶ୍ୟକ ସ୍ଥଳେ ଆମେରିକା ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ରହିଥିବା ପରୋକ୍ଷରେ ସୂଚାଇଥିଲେ। ହେଲେ ଟ୍ରମ୍ପଙ୍କ ଟ୍ୱିଟ୍‌କୁ ନେଇ ଭାରତରେ ବିରୋଧ ବଢ଼ିଥିଲା। ଆମେରିକା ରାଷ୍ଟ୍ରପତି ଭାବେ ଟ୍ରମ୍ପ କାହିଁକି ପ୍ରଥମେ ଅସ୍ତ୍ରବିରତି ସୂଚନା ଦେଲେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ଭାରତ ବ୍ୟତୀତ ଆମେରିକାରେ ପ୍ରବାସୀ ଭାରତୀୟ ସମୁଦାୟରେ ମଧ ଏହି ପ୍ରଶ୍ନ ଉଠିବା ଆରମ୍ଭ କରିଥିଲା। ତେବେ ଭାରତ ପ୍ରତି ଟ୍ରମ୍ପଙ୍କ ପରିବର୍ତ୍ତିତ ଆଭିମୁଖ୍ୟକୁ ନେଇ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ପରେ ଟ୍ରମ୍ପ ତାଙ୍କ କଥା ବଦଳାଇଥିବା କୁହାଯାଉଛି।

# ପ୍ଲେ ଅଫ୍ ଖେଳିବେନି ଦକ୍ଷିଣ ଆଫ୍ରିକୀୟ ଖେଳାଳି

## ଶନିବାରଠାରୁ ଆଇପିଏଲ୍ ପୁଣି ଆରମ୍ଭ, ଜୁନ୍ ୩ରେ ଫାଇନାଲ୍



ନୂଆଦିଲ୍ଲୀ,୧୫।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ସ୍ଥଗିତ ରହିଥିବା ଆଇପିଏଲ୍-୧୮ ସଂସ୍କରଣର ଅବଶିଷ୍ଟ ୧୩ଟି ଲିଗ୍ ମ୍ୟାଚ୍ ଆସନ୍ତା ଶନିବାରଠାରୁ ଆରମ୍ଭ ହେବ। ଧର୍ମଶାଳାରେ ମେ' ୮ ତାରିଖରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗସ ମଧ୍ୟରେ ସ୍ଥଗିତ ରହିଥିବା ମ୍ୟାଚ୍‌କୁ ପୁନର୍ବାର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ମ୍ୟାଚ୍‌ଟି ମେ ୨୪ରେ ଖେଳାଯିବ। ଆଇପିଏଲ୍-୧୮ ସ୍ଥଗିତ ରହିବା ପୂର୍ବରୁ ୭୦ଟି ଲିଗ୍ ମ୍ୟାଚ୍ ମଧ୍ୟରୁ ୫୭ଟି ଖେଳାଯାଇଥିଲା। ଅବଶିଷ୍ଟ ୧୩ଟି ଲିଗ୍ ମ୍ୟାଚ୍ ମେ ୧୭ରୁ ଆରମ୍ଭ ହେବ। ପ୍ଲେ ଅଫ୍‌ର ୪ଟି ମୁକାବିଲାକୁ ମିଶାଇ ଚଳିତ ଆଇପିଏଲ୍‌ରେ ଆଉ ୧୭ଟି ମ୍ୟାଚ୍ ଖେଳାଯିବ। ମେ ୨୭ରେ ଲିଗ୍ ମ୍ୟାଚ୍ ଶେଷ ହେବା ପରେ ମେ ୨୯ରେ କ୍ୱାଲିଫାୟର-୧, ୩୦ରେ ଏଲିମିନେଟର, ଜୁନ୍-୧ରେ କ୍ୱାଲିଫାୟର-୨ ଓ ଜୁନ୍ ୩ରେ ଫାଇନାଲ ଖେଳାଯିବ। ପ୍ଲେ ଅଫ ମ୍ୟାଚ୍‌ଗୁଡ଼ିକର ଭେନ୍ୟୁ ପରେ ଘୋଷଣା କରାଯିବ। ଏହା ମଧ୍ୟରୁ ଦୁଇଟି ଡବଲ ହେଡର ମୁକାବିଲା ମେ ୧୮ ଓ ୨୫ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଏହା ମଧ୍ୟରେ ବିଭିନ୍ନ ଦେଶର ଖେଳାଳିମାନେ ସେମାନଙ୍କ ଫ୍ରାଞ୍ଚାଇଜ୍ ସହ ଯୋଗଦେଇଛନ୍ତି। କିନ୍ତୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଥିବା ଦକ୍ଷିଣ ଆଫ୍ରିକାର ଓ ଅଷ୍ଟ୍ରେଲିଆର କିଛି ଖେଳାଳି ପ୍ଲେ ଅଫ୍ ଖେଳିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳରେ ସ୍ଥାନ ପାଇଥିବା ୮ଜଣ ଖେଳାଳି ମେ ୨୭ ଲିଗ୍ ମ୍ୟାଚ୍ ପରେ ସ୍ୱଦେଶ ଫେରିଯିବେ। ଏଣୁ ସେମାନେ ପ୍ଲେ ଅଫ୍‌ରେ ଖେଳିପାରିବେ ନାହିଁ ବୋଲି ଜଣାଯାଇଛି। ଆଇପିଏଲ୍ ଖେଳୁଥିବା କାଗିସୋ ରାବାଡା, ଆଇଡେନ୍ ମାର୍କରାମ, ମାର୍କୋ ଜାନସେନ, ଟ୍ରିଷ୍ଟାନ ଷ୍ଟବ୍ସ, ୱିଆନ୍ ମୁଲ୍ଡର, ଲୁଙ୍ଗି ଏନ୍‌ଗିଡି, ରିୟାନ ରିକେଲଟନ୍ ଓ କର୍ବିନ ବୋଷ୍ଟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପୂର୍ବରୁ ଜିମ୍ବାୱେ ସହ ଜୁନ୍ ୩ରେ ଖେଳାଯିବାକୁ ଥିବା ୱାର୍ମ ଅପ୍ ମ୍ୟାଚ୍‌ରେ ଭାଗ ନେବାକୁ ଏହି ଖେଳାଳିମାନେ ମେ ୩୦ରେ ଲଣ୍ଡନ ଯିବେ। କିନ୍ତୁ ଅନ୍ୟ ଦକ୍ଷିଣ ଆଫ୍ରିକୀୟ ଖେଳାଳିମାନେ ଆଇପିଏଲ୍ ଶେଷଯାଏ ଖେଳିବେ। ଲର୍ଡ୍ସରେ ଜୁନ୍ ୧୧ରୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଖେଳାଯିବ।

## ଜ୍ୟାକ୍ସ ଓ ବଟ୍‌ଲରଙ୍କ ସ୍ଥାନରେ ବେୟାରଷ୍ଟୋ ଓ କୁଶାଲ





ଆଇପିଏଲ୍ ଆରମ୍ଭ ପୂର୍ବରୁ କିଛି ଫ୍ରାଞ୍ଚାଇଜ୍ ଭାଗ୍ୟବାନ ସାବ୍ୟସ୍ତ ହୋଇଥିଲାବେଳେ ଆଉ କିଛି ଟିମ୍ ଶ୍ରେଷ୍ଠ ବିଦେଶୀ ଖେଳାଳିଙ୍କୁ ହରାଇଛି। ଏମାନଙ୍କ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସର ୱିଲ ଜ୍ୟାକ୍ସ ଓ ଗୁଜରାଟ ଜାଏଣ୍ଟସର ଜୋଶ ବଟ୍‌ଲର ଅନ୍ୟତମ। ଇଂଲଣ୍ଡର ଏହି ଦୁଇ ଖେଳାଳି ଭିନ୍ନ ଭିନ୍ନ କାରଣରୁ ଆଇପିଏଲ୍‌ର ବାକିଥିବା ମ୍ୟାଚ୍ ଖେଳିପାରିବେ ନାହିଁ। ଗୁଜରାଟର ବଟ୍‌ଲର ଲିଗ୍ ମ୍ୟାଚ୍ ଖେଳିଲେ ମଧ୍ୟ ପ୍ଲେ ଅଫ୍‌ରେ ଖେଳିପାରିବେ ନାହିଁ। ୱେଷ୍ଟଇଣ୍ଡିଜ୍ ଗସ୍ତଲାଗି ତାଙ୍କୁ ଇଂଲଣ୍ଡ ଦିନିକିଆ ଦଳରେ ସାମିଲ କରାଯାଇଥିବାରୁ ସେ ସ୍ୱଦେଶ ଫେରିଯିବେ। ତାଙ୍କ ସ୍ଥାନରେ ଶ୍ରୀଲଙ୍କାର ୱିକେଟରକ୍ଷକ ବ୍ୟାଟର କୁଶାଲ ମେଣ୍ଡିସ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ପାକିସ୍ତାନ ସୁପର ଲିଗ୍‌ରେ ଭଲ ଫର୍ମରେ ଥିବା କୁଶାଲ ପ୍ରଥମଥର ଲାଗି ଆଇପିଏଲ୍‌ରେ ଭାଗନେବେ।

ଇଂଲଣ୍ଡ ଦିନିକିଆ ଦଳରେ ସ୍ଥାନ ପାଇଥିବାରୁ ଅନ୍ୟତମ ଖେଳାଳି ୱିଲ ଜ୍ୟାକ୍ସ ମଧ୍ୟ ପ୍ଲେ ଅଫ୍‌ରେ ଉପଲବ୍ଧ ହେବେ ନାହିଁ। ମୁମ୍ବାଇ ଯଦି ପ୍ଲେ ଅଫ୍‌କୁ ଉନ୍ନୀତ ହୁଏ, ତେବେ ଇଂଲଣ୍ଡର ଅନ୍ୟତମ ଖେଳାଳି ଜନି ବେୟାରଷ୍ଟୋଙ୍କୁ ସାମିଲ କରାଯିବାକୁ ଆଲୋଚନା ଚାଲିଛି। ସମ୍ଭବତଃ ବେୟାରଷ୍ଟୋ ଖେଳିବେ ବୋଲି ଜଣାଯାଇଛି।

## ଆଇପିଏଲ୍‌ରୁ ବାଦ୍ ପଡିଲେ ମୟଙ୍କ ଯାଦବ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ପୁଣିଥରେ ଇଞ୍ଜୁରୀ କାରଣରୁ ଯୁବ ଦ୍ରୁତ ବୋଲର ମୟଙ୍କ ଯାଦବ ଆଇପିଏଲ୍‌ର ଅନ୍ତିମ ଚରଣରୁ ବାଦ୍ ପଡିଛନ୍ତି। ପିଠିରେ ଆଘାତ ସମସ୍ୟା କାରଣରୁ ସେ ଆଗାମୀ ମ୍ୟାଚ୍‌ଗୁଡ଼ିକ ଖେଳିପାରିବେ ନାହିଁ ବୋଲି ଗୁରୁବାର ଆଇପିଏଲ୍ ତରଫରୁ କୁହାଯାଇଛି। ଫଳରେ ମୟଙ୍କ ବଦଳରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ୱିଲିୟମ ଓ'ରୁର୍କଙ୍କୁ ଦଳରେ ସାମିଲ କରିଛି। ଓ ରୁର୍କ ୩ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ ହୋଇଛନ୍ତି। ୨୨ ବର୍ଷୀୟ ମୟଙ୍କ ଏଥର ଆଇପିଏଲ୍‌ରେ ମାତ୍ର ଦୁଇଟି ମ୍ୟାଚ୍ ଖେଳି ୧୨.୫୦ ଇକୋନୋମି ରେଟ୍‌ରେ ମାତ୍ର ଦୁଇଟି ୱିକେଟ ଅକ୍ତିଆର କରିଛନ୍ତି।

### ଆଇପିଏଲ୍-୧୮ ର ଅବଶିଷ୍ଟ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଖେଳ ସମୟ |
|---|---|---|---|
| ୧୭-୫ | ବେଙ୍ଗାଲୁରୁ-କୋଲକାତା | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ୧୮-୫ | ଦିଲ୍ଲୀ-ଗୁଜରାଟ | ଦିଲ୍ଲୀ | ଅପରାହ୍ଣ ୩ଟା ୩୦ |
| ୧୮-୫ | ରାଜସ୍ଥାନ-ପଞ୍ଜାବ | ଜୟପୁର | ରାତି ୭ଟା୩୦ |
| ୧୯-୫ | ଲକ୍ଷ୍ନୌ-ହାଇଦରାବାଦ୍ | ଲକ୍ଷ୍ନୌ | ରାତି ୭ଟା ୩୦ |
| ୨୦-୫ | ଚେନ୍ନାଇ-ରାଜସ୍ଥାନ | ଦିଲ୍ଲୀ | ରାତି ୭ଟା ୩୦ |
| ୨୧-୫ | ମୁମ୍ବାଇ- ଦିଲ୍ଲୀ | ମୁମ୍ବାଇ | ରାତି ୭ଟା ୩୦ |
| ୨୨-୫ | ଗୁଜରାଟ-ଲକ୍ଷ୍ନୌ | ଅହମ୍ମଦାବାଦ୍ | ରାତି ୭ଟା ୩୦ |
| ୨୩-୫ | ବେଙ୍ଗାଲୁରୁ-ହାଇଦରାବାଦ୍ | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ୨୪-୫ | ପଞ୍ଜାବ-ଦିଲ୍ଲୀ | ଜୟପୁର | ରାତି ୭ଟା ୩୦ |
| ୨୫-୫ | ହାଇଦରାବାଦ୍-କୋଲକାତା | ଦିଲ୍ଲୀ | ଅପରାହ୍ଣ ୩ଟା ୩୦ |
| ୨୫-୫ | ଗୁଜରାଟ-ଚେନ୍ନାଇ | ଅହମ୍ମଦାବାଦ୍ | ରାତି ୭ଟା ୩୦ |
| ୨୬-୫ | ପଞ୍ଜାବ-ମୁମ୍ବାଇ | ଜୟପୁର | ରାତି ୭ଟା ୩୦ |
| ୨୭-୫ | ଲକ୍ଷ୍ନୌ-ବେଙ୍ଗାଲୁରୁ | ଲକ୍ଷ୍ନୌ | ରାତି ୭ଟା ୩୦ |
| ୨୯-୫ | ପ୍ରଥମ କ୍ୱାଲିଫାୟର | ---- | ରାତି ୭ଟା ୩୦ |
| ୩୦-୫ | ଏଲିମିନେଟର | ---- | ରାତି ୭ଟା ୩୦ |
| ୧-୬ | କ୍ୱାଲିଫାୟର-୨ | ---- | ରାତି ୭ଟା ୩୦ |
| ୩-୬ | ଫାଇନାଲ | ---- | ରାତି ୭ଟା ୩୦ |

*ବିଦ୍ର- ପ୍ଲେଅଫ୍ ଭେନ୍ୟୁ ପରେ ସ୍ଥିର ହେବ

## ଧାୱନଙ୍କ ଫିଟ୍‌ନେସକୁ ସୋଫିଙ୍କ ପ୍ରଶଂସା



ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ସର୍ବଦା ନିଜ ଫିଟ୍‌ନେସ ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି। ଅଷ୍ଟ୍ରେଲିଆର ଆୟଶା ମୁଖାର୍ଜୀଙ୍କ ସହ ବିବାହ ବିଚ୍ଛେଦ ପରେ ୩୯ ବର୍ଷୀୟ ଧାୱନ ବର୍ତ୍ତମାନ ତାଙ୍କର ବିଦେଶୀ ବାନ୍ଧବୀ ସୋଫି ସାଇନଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଆୟର୍ଲାଣ୍ଡର ସୋଫି ସାମାଜିକ ଗଣମାଧ୍ୟମରେ ଧାୱନଙ୍କ ଫିଟ୍‌ନେସକୁ ବେଶ୍ ପ୍ରଶଂସା କରିଛନ୍ତି। ଇନଷ୍ଟାଗ୍ରାମରେ ସୋଫି ଏକ ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ତାଙ୍କ ସହ ଧାୱନ ଜିମ୍‌ରେ ଏକାଠି ଠିଆ ହୋଇଥିବାର ଦେଖିବାକୁ ମିଳିଛି। ଏଥିରେ କ୍ୟାପସନ ଦେଇ ସୋଫି ଲେଖିଛନ୍ତି, 'ଜିମ୍‌ର ରୁଟିନ୍ ଏଭଳି ରଖିବା ଦରକାର ଯେଉଁଭଳି ଧାୱନଙ୍କ ପୋଜ୍ ରହିଛି।' ସୋଫି ପୋଷ୍ଟ କରିଥିବା ଏହି ଫଟୋକୁ ଧାୱନଙ୍କ ପ୍ରଶଂସକ ବେଶ୍ ପ୍ରଶଂସା କରିଛନ୍ତି। ଏକ ଘଣ୍ଟାରେ ଏହାକୁ ୧ ଲକ୍ଷ ଲାଇକ୍ ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଧାୱନ ୨୦୧୨ରେ ଆୟଶାଙ୍କୁ ବିବାହ କରିଥିଲେ। ୨୦୨୧ରେ ଉଭୟଙ୍କ ବିବାହ ବିଚ୍ଛେଦ ହୋଇଥିଲା।

■ ଆଜି ଦୋହା ଡାଇମଣ୍ଡ ଲିଗ୍

## ନୀରଜ, କିଶୋରଙ୍କ ଉପରେ ନଜର

ଦୋହା,୧୫।୫(ଏଜେନ୍ସି): କତାର ରାଜଧାନୀ ଦୋହାଠାରେ ଶୁକ୍ରବାର ଆୟୋଜନ ହେବ ଦୌଡ଼କୁଦର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ଡାଇମଣ୍ଡ ଲିଗ୍। ଦୋହା ଡାଇମଣ୍ଡ ଲିଗ୍‌ରେ ୪ ଜଣ ଭାରତୀୟ ଦଳରେ ନେତୃତ୍ୱ ନେବେ ନୀରଜ ଚୋପ୍ରା। ବିଶ୍ୱ ଚାମ୍ପିଅନସିପ ଟାଇଟଲ ହାସଲ କରିଥିବା ନୀରଜଙ୍କ ସହ ଏସୀୟ କ୍ରୀଡ଼ା ରୌପ୍ୟ ପଦକ ବିଜେତା ଓଡ଼ିଆ ଜାଭେଲିନ ଫିଙ୍ଗାଳୀ କିଶୋର ଜେନା ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ସେହିପରି ଜାତୀୟ ରେକର୍ଡ ସୃଷ୍ଟି କରିଥିବା ପାରୁଲ ଚୌଧୁରୀ ୩୦୦୦ ମିଟର ଷ୍ଟିପଲ ଚେଜ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେହିପରି ପୁରୁଷ ୫୦୦୦ମିଟର ରେସ୍‌ରେ ଭାରତର ଗୁଲବୀର ସିଂହ ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଏଥର ସର୍ବାଧିକ ୪ଜଣ ଭାରତୀୟ ଏହି ମିଟ୍‌ରେ ଭାଗନେବେ। ନୀରଜ ଏଠାରେ ୨୦୨୩ ସଂସ୍କରଣରେ ଟାଇଟଲ ଜିତିଥିଲେ। ତେବେ ୨୦୨୪ରେ ସଂସ୍କରଣରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦୋହା ମିଟ୍‌ରୁ ହିଁ ନୀରଜ ତାଙ୍କ ଆଥଲେଟିକ ସିଜିନ ଆରମ୍ଭ କରିଥାନ୍ତି। ଏପର୍ଯ୍ୟନ୍ତ ୯୦ ମିଟର ପାର କରିପାରି ନଥିବା ନୀରଜଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୯.୯୪ ମିଟର ରହିଛି।



ସେହିପରି ୨୦୨୩ ହାଙ୍ଗଝୁ ଏସୀୟ କ୍ରୀଡ଼ାରେ ରୌପ୍ୟ ଜିତିଥିବା କିଶୋର ତାଙ୍କ ଫର୍ମ ଫେରିପାଇବାକୁ ପ୍ରୟାସ କରିବେ। ଏହାପରେ କିନ୍ତୁ ସେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଗତବର୍ଷ କିଶୋର ଦୋହା ଡାଇମଣ୍ଡ ଲିଗ୍‌ରେ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ନୀରଜ ଓ କିଶୋର ଶୁକ୍ରବାର ଭାରତୀୟ ସମୟ ରାତି ୧୦.୧୩ରେ ଜାଭେଲିନ୍ ଫିଙ୍ଗିବେ।

■ ଅସ୍ଥାୟୀ ଆଇପିଏଲ ଖେଳାଳି ବଦଳ ନିୟମ

## ଫାଇଦାରେ ରହିବେ ଦଳ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ଯୁଦ୍ଧ ଭଳି ସ୍ଥିତି କାରଣରୁ ସ୍ଥଗିତ ରହିଥିବା ଆଇପିଏଲ ଶନିବାରଠାରୁ ପୁଣି ଆରମ୍ଭ ହେବ। ଆଇପିଏଲ୍‌ର ଏହି ଅନ୍ତିମ ଚରଣ ପାଇଁ ନୂଆ ଅସ୍ଥାୟୀ ଖେଳାଳି ବଦଳ ନିୟମ ଜାରି କରାଯାଇଛି। ଜାତୀୟ ଦଳ ତରଫରୁ ଖେଳିବା ପାଇଁ, ଇଞ୍ଜୁରୀ ଓ ଅସୁସ୍ଥତା କାରଣରୁ ଏକାଧିକ ବିଦେଶୀ ଖେଳାଳି ଅନ୍ତିମ ଚରଣରେ ସାମିଲ ହେବାକୁ ଅକ୍ଷମତା ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଇପିଏଲ ଗଭର୍ଣ୍ଣିଂ ପରିଷଦ ଏହି ଖେଳାଳିଙ୍କ ବଦଳରେ ନୂଆ ଖେଳାଳିଙ୍କୁ ଦଳରେ ସାମିଲ କରିବାକୁ ଏହି ନିୟମ ଜାରି କରିଛି। ଏହା ଅନୁସାରେ ଖେଳାଳିମାନଙ୍କୁ ଚଳିତ ଟୁର୍ଣ୍ଣାମେଣ୍ଟ ଶେଷ ପର୍ଯ୍ୟନ୍ତ ବିଭିନ୍ନ ଦଳ ତରଫରୁ ସବଷ୍ଟିଚ୍ୟୁଟ୍ ଭାବେ ଖେଳିବାକୁ ସୁଯୋଗ ଦିଆଯିବ। କିନ୍ତୁ ଏହି ଖେଳାଳିମାନେ ଆସନ୍ତାବର୍ଷ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଦ୍ୱାରା ରିଟେନ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

ଅସ୍ଥାୟୀ ଭାବେ ଖେଳିବାକୁ ସୁଯୋଗ ପାଇଥିବା ଏହି ଖେଳାଳିମାନେ ଆଗାମୀ ୨୦୨୬ ଖେଳାଳି ନୀଲାମିରେ ସାମିଲ ହୋଇପାରିବେ ନାହିଁ। ଏହି ଖେଳାଳିମାନଙ୍କୁ ନୀଲାମିରେ ସାମିଲ ହେବାକୁ ନୂଆକରି ପଞ୍ଜୀକରଣ କରିବାକୁ ହେବ ବୋଲି କୁହାଯାଇଛି। ଉଦାହରଣ ସ୍ୱରୂପ, ଜ୍ୟାକ ଫ୍ରେଜର- ମ୍ୟାକଗୁର୍କଙ୍କ ବଦଳରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସାମିଲ ହୋଇଥିବା ବାଂଲାଦେଶ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନ ଆସନ୍ତାବର୍ଷ ନୀଲାମି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। କିନ୍ତୁ ଫ୍ରେଜର- ମ୍ୟାକଗୁର୍କ ୨୦୨୬ ନୀଲାମିରେ ବଜାୟ ରହିବେ। ତେବେ ମୁସ୍ତାଫିଜୁରଙ୍କୁ ନୀଲାମିରେ ସାମିଲ ହେବାକୁ ପଞ୍ଜୀକରଣ କରିବାକୁ ହେବ। ଯାହାଫଳରେ ସେ ଚଳିତ ଟୁର୍ଣ୍ଣାମେଣ୍ଟରେ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

■ ଇଂଲଣ୍ଡ ଗସ୍ତ ପୂର୍ବରୁ

## ସିଦ୍ଧି ବିନାୟକଙ୍କ ଆଶୀର୍ବାଦ ନେଲେ ଗମ୍ଭୀର

ମୁମ୍ବଇ, ୧୫।୫ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଗୁରୁବାର ମୁମ୍ବଇର ସିଦ୍ଧି ବିନାୟକ ମନ୍ଦିର ଯାଇ ଗଣପତିଙ୍କ ଆଶୀର୍ବାଦ ନେଇଛନ୍ତି। ଗୌତମଙ୍କ ସହ ତାଙ୍କ ପତ୍ନୀ ନତାଶା ମଧ୍ୟ ସିଦ୍ଧି ବିନାୟକଙ୍କ ଦର୍ଶନ କରିଛନ୍ତି।

ଗମ୍ଭୀର ତାଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ୨ଟି ଫଟୋ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଜୁନ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୪ରେ ଶେଷ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ପୂର୍ବରୁ ଭାରତର ଦୁଇ ଅଭିଜ୍ଞ ବ୍ୟାଟର୍ ଅଧିନାୟକ ରୋହିତ୍ ଶର୍ମା ଓ



ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ଫଳରେ ଗମ୍ଭୀରଙ୍କ ପ୍ରଶିକ୍ଷଣପ୍ରାପ୍ତ ଭାରତୀୟ ଦଳ ପାଇଁ ଏହି ସିରିଜ ଅଗ୍ନୀ ପରୀକ୍ଷା ସଦୃଶ ରହିବ।

## ସାଉଦୀ ଇଂଲଣ୍ଡର ଦ୍ରୁତ ବୋଲିଂ ପରାମର୍ଶଦାତା

ଲଣ୍ଡନ, ୧୫।୫ (ଏଜେନ୍ସି): ନ୍ୟୁଜିଲାଣ୍ଡର ପୂର୍ବତନ ବୋଲର ଟିମ୍ ସାଉଦୀ ଇଂଲଣ୍ଡ କ୍ରିକେଟ୍ ଦଳର ଦ୍ରୁତ ବୋଲିଂ ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି। ଇଂଲଣ୍ଡର ଆଗାମୀ ଘରୋଇ କ୍ରିକେଟ୍ ସିଜନର ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ସିରିଜ ଲାଗି ସେ ଏହି ଗୁରୁଦାୟିତ୍ୱ ତୁଲାଇବେ। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଜେମ୍ସ ଆଣ୍ଡରସନ ଅବସର ନେବା ପରେ ଇଂଲଣ୍ଡ କ୍ରିକେଟ୍ ଦଳର ଦ୍ରୁତ ବୋଲିଂ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ସେ ଆଗାମୀ ସିଜନର ପ୍ରାରମ୍ଭିକ ଭାଗରେ କାଉଣ୍ଟି ଟିମ୍ ଲଙ୍କାଶାୟର ସହ ଖେଳିବା ଲାଗି ଚୁକ୍ତି କରିଛନ୍ତି। ଯେଉଁଥି ପାଇଁ ସେ ଇଂଲଣ୍ଡ ଦଳର ଦ୍ରୁତ ବୋଲିଂ ପରାମର୍ଶଦାତା ଦାୟିତ୍ୱ ସାମୟିକ ଭାବେ ନେଇପାରିବେ ନାହିଁ। ଫଳରେ ତାଙ୍କ ସ୍ଥାନରେ ୩୬ ବର୍ଷୀୟ ସାଉଦୀଙ୍କୁ ଇସିବି ଏହି ଦାୟିତ୍ୱ ଦେଇଛି। ଇଂଲଣ୍ଡ ଏହାର ଘରୋଇ ପରିବେଶରେ ଆଗାମୀ ଦିନରେ ଜିମ୍ବାୱେ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ୍, ୱେଷ୍ଟଇଣ୍ଡିଜ ସହ ସୀମିତ ଓଭର ସିରିଜ ଓ ଭାରତ ବିପକ୍ଷ ୫ ମ୍ୟାଚ୍ ଟେଷ୍ଟ ସିରିଜରେ ସାଉଦୀ ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଇବେ। ସାଉଦୀଙ୍କ ପୂର୍ବ ନ୍ୟୁଜିଲାଣ୍ଡ ଟିମ୍ ମେଟ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ବର୍ତ୍ତମାନ ଇଂଲଣ୍ଡ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି।



ବିସିସିଆଇ ହେଡ୍‌କ୍ୱାର୍ଟରରେ ସୁନିଲଙ୍କ ନାମରେ ସ୍ୱତନ୍ତ୍ର କୋଠରୀ

## '୧୦୦୦୦ ଗାଭାସ୍କର'

ମୁମ୍ବାଇ,୧୫।୫ (ଏଜେନ୍ସି): କ୍ରିକେଟ କିଂବଦନ୍ତୀ ସୁନୀଲ ମନୋହର ଗାଭାସ୍କରଙ୍କୁ ବିସିସିଆଇ ପକ୍ଷରୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଛି। ମୁମ୍ବଇରେ ଥିବା ବିସିସିଆଇ ହେଡ୍ କ୍ୱାର୍ଟରର ଏକ ବୋର୍ଡ ରୁମ୍‌କୁ '୧୦୦୦୦ ଗାଭାସ୍କର' ନାମରେ ନାମିତ କରାଯାଇଛି। ୧୯୭୧ରୁ ୧୯୮୭ ଯାଏ ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଗାଭାସ୍କର ବିଶ୍ୱର ପ୍ରଥମ ଖେଳାଳି ଭାବେ ଟେଷ୍ଟ କ୍ରିକେଟରେ ୧୦,୦୦୦ ରନ୍ ପୂରଣ କରି ଇତିହାସ ସୃଷ୍ଟି କରିଥିଲେ। ଏହି ମାଇଲଖୁଣ୍ଟକୁ ସମ୍ମାନ ଜଣାଇ ବିସିସିଆଇ ଆଜି ତାଙ୍କୁ ସମ୍ମାନିତ କରିଛି। ହେଡ୍ କ୍ୱାର୍ଟରର ଗୁରୁବାର ଆୟୋଜିତ ଏକ ଉତ୍ସବରେ ବିସିସିଆଇ ସଭାପତି ରୋଜର ବିନ୍ନି, ଉପସଭାପତି ରାଜୀବ ଶୁକ୍ଳା, ସାଧାରଣ ସମ୍ପାଦକ ଦେବଜିତ ସାଇକିଆ ଓ ଅନ୍ୟତମ କିଂବଦନ୍ତୀ ସଚିନ ତେନ୍ଦୁଲକର ଉପସ୍ଥିତ ଥିଲେ। ଭାରତର ଏହି ପୂର୍ବତନ ଅଧିନାୟକଙ୍କୁ ବିସିସିଆଇ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିବା ସହ ତାଙ୍କ ଖେଳ ଜୀବର ସଫଳତାକୁ ସ୍ୱୀକୃତି ଦେଇଥିବାରୁ ଗାଭାସ୍କର ବିସିସିଆଇକୁ ଧନ୍ୟବାଦ ଜଣାଇଛନ୍ତି। ଖେଳ ଜୀବନରେ ତାଙ୍କୁ ସହାୟତା ଦେଇଆସିଥିବା ଓ ସମର୍ଥନ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଜଣେ ଦକ୍ଷ, ଶୃଙ୍ଖଳିତ କ୍ରିକେଟ ବିଶେଷଜ୍ଞଙ୍କୁ ଏହି ସମ୍ମାନ ଉପଯୁକ୍ତ ବୋଲି କୁହାଯାଉଛି।



## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପୁରସ୍କାର ରାଶିରେ ରେକର୍ଡ ବୃଦ୍ଧି

# ଚାମ୍ପିଅନଙ୍କୁ ୩୦.୭୫, ଭାରତକୁ ମିଳିବ ୧୨.୩୨ କୋଟି

ଦୁବାଇ,୧୫।୫(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ର ପୁରସ୍କାର ରାଶି ବୃଦ୍ଧି କରିଛି। ଚଳିତ ଡବ୍ଲ୍ୟୁଟିସିର ଫାଇନାଲ ମୁକାବିଲା ଇଂଲଣ୍ଡର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଜୁନ୍ ୧୧ରୁ ୧୫ ତାରିଖ ମଧ୍ୟରେ ଖେଳାଯିବ। ଏଥର ଅଙ୍କ ତାଲିକାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଶୀର୍ଷ ଦୁଇଟି ସ୍ଥାନରେ ରହି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଡବ୍ଲ୍ୟୁଟିସିର ବିଜେତା ତଥା ଚାମ୍ପିଅନ ଦଳକୁ ୩୦.୭୫ କୋଟି ଟଙ୍କା ପୁରସ୍କାର ବାବଦରେ ମିଳିବ। ସେହିପରି ରନର୍ସଅପ୍ ହୋଇଥିବା ଦଳକୁ ୧୮.୪୭ କୋଟି ଟଙ୍କା ପ୍ରଦାନ କରାଯିବ। ତୃତୀୟ ସ୍ଥାନରେ ରହିଥିବା ଭାରତୀୟ ଟେଷ୍ଟ ଦଳକୁ ୧୨.୩୨ କୋଟି ଟଙ୍କା ଦିଆଯିବ ବୋଲି ଗୁରୁବାର ଆଇସିସି ତରଫରୁ କୁହାଯାଇଛି।




ଏଥର ବିଜେତା ଦଳକୁ ୧୭.୯୬ କୋଟି ଟଙ୍କା ଅଧିକ ପ୍ରଦାନ କରାଯିବ। ଅର୍ଥାତ ପ୍ରଥମ ଦୁଇ ସଂସ୍କରଣର ବିଜେତା ଯଥା ନ୍ୟୁଜିଲାଣ୍ଡ (୨୦୨୧) ଓ ଅଷ୍ଟ୍ରେଲିଆ (୨୦୨୩)କୁ ୧୩.୬୮ କୋଟି ଟଙ୍କା ଦିଆଯାଇଥିଲା ଓ ଉପ- ବିଜେତା ଦଳକୁ ୬.୮୪ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଦୁଇଥର ଯାକ ଭାରତ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଡବ୍ଲ୍ୟୁଟିସି ଖେଳିଥିବା ସମସ୍ତ ୯ଟି ଯାକ ଦଳକୁ ପୁରସ୍କାର ରାଶି ମିଳିବ। ୯ମ ତଥା ଅନ୍ତିମ ସ୍ଥାନରେ ରହିଥିବା ପାକିସ୍ତାନ ଦଳକୁ ୪.୧୦ କୋଟି ଟଙ୍କା ମିଳିବ। ସେହିପରି ତୃତୀୟ ସ୍ଥାନରେ ରହିଥିବାର କାରଣରୁ ଭାରତ ଦଳକୁ ୧୨.୩୨ କୋଟି ଟଙ୍କା ମିଳିବ।

### ଡବ୍ଲ୍ୟୁଟିସି ପୁରସ୍କାର ରାଶି

| ସ୍ଥାନ | ଦଳ | ପୁରସ୍କାର (ଟଙ୍କାରେ) |
|---|---|---|
| ବିଜେତା | ଅଷ୍ଟ୍ରେଲିଆ/ଦ.ଆଫ୍ରିକା | ୩୦.୭୯ କୋଟି |
| ଉପ-ବିଜେତା | ଅଷ୍ଟ୍ରେଲିଆ/ଦ.ଆଫ୍ରିକା | ୧୮.୪୭ କୋଟି |
| ତୃତୀୟ | ଭାରତ | ୧୨.୩୨ କୋଟି |
| ଚତୁର୍ଥ | ନ୍ୟୁଜିଲାଣ୍ଡ | ୧୦.୨୬ କୋଟି |
| ପଞ୍ଚମ | ଇଂଲଣ୍ଡ | ୮.୨୧ କୋଟି |
| ଷଷ୍ଠ | ଶ୍ରୀଲଙ୍କା | ୭.୧୯ କୋଟି |
| ସପ୍ତମ | ବାଂଲାଦେଶ | ୬.୧୬ କୋଟି |
| ଅଷ୍ଟମ | ୱେଷ୍ଟଇଣ୍ଡିଜ | ୫.୧୩ କୋଟି |
| ନବମ | ପାକିସ୍ତାନ | ୪.୧୦ କୋଟି |

## ଚାମ୍ପିଅନ୍‌ସିପ୍ ସିରିଜ୍: ସୁତବ୍ୟ ରନର୍ସଅପ୍



ଭୁବନେଶ୍ୱର,୧୫।୫ (ସମିସ): ଓଡ଼ିଶାର ଉଦୀୟମାନ ଟେନିସ ଖେଳାଳି ସୁତବ୍ୟ କର୍ମାକର ଛତିଶଗଡରେ ଶେଷ ହୋଇଥିବା ୧୮ ବର୍ଷରୁ କମ୍ ଚାମ୍ପିଅନସିପ ସିରିଜ୍‌ରେ ବାଳକ ବିଭାଗ ଯୁଗଳ କାଟାଗୋରୀରେ ରନର୍ସ ଅପ୍ ହୋଇଛନ୍ତି। ରାୟପୁରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସୁତବ୍ୟ ଓ ତାଙ୍କ ପାର୍ଟନର ମହମ୍ମଦ୍ ଅରିଜ୍ ଖାନ୍ ଫାଇନାଲରେ ଅର୍ଣ୍ଣବ ସିଂ ଓ ଏମନ ଭଟ୍ଟଙ୍କଠାରୁ ୦-୨ ସେଟ୍‌ରେ ପରାଜିତ ହୋଇଥିଲେ। ବାଳକ ବିଭାଗ ଏକକ ସେମିଫାଇନାଲରେ ସୁତବ୍ୟ ତାଙ୍କ ଯୁଗଳ ପାର୍ଟନର ଅରିଜ୍‌ଙ୍କଠାରୁ ମଧ୍ୟ ୦-୨ ସେଟ୍‌ରେ ପରାଜିତ ହୋଇଥିଲେ। ନିକଟରେ କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ସିଏସ୍-୭ ଟେନିସ ପ୍ରତିଯୋଗିତାରେ ସୁତବ୍ୟ ମଧ୍ୟ ଭଲ ଖେଳିଥିଲେ।


**UTKAL UNIVERSITY**
**CENTRE FOR AGRI-MANAGEMENT**
**DEPARTMENT OF BUSINESS ADMINISTRATION**
NAAC-A+Accredited
**ADMISSION INTO 20TH BATCH : 2025**
**MBA (AGRIBUSINESS)** *in ppp mode*

**PAST RECRUITERS:**

**ELIGIBILITY:**
B.Sc. (Agriculture) & allied subjects /B.Tech (Ag) / Bachelor's degree in Science/ Commerce/ Management (BBA/ BBM) with minimum 50% aggregate marks. Students with Agriculture and allied subjects will be given preference. Degree Students those who are waiting for the result can also apply.

**SELECTION:**
CAT / MAT / XAT / CMAT / GMAT / ATMA / ICAR - AIEEA PG / TISSNET Test scores. Candidates those who have not appeared the above tests will have to appear **Written Test** conducted by the centre. Candidates those who have appeared the above tests, but willing to appear for the written test conducted by the Centre can also do so. The Final selection shall be based on entrance scores, career marks and performance in Personal Interview.

**Important Notes :**
- Fill in the Application Form ONLINE at **www.camutkal.ac.in**.
- **Last date of submission of Online Application form : 17th June, 2025**
- Date of Written Test (UMAT): **23rd June, 2025 (Tentative)**
- Date of Personal Interview : **24th to 26th June, 2025 (Tentative)**

BARC Outreach Building, Utkal University, Bhubaneswar - 751004
**Mob.: 9437124356, 7008751003**
e-mail : admission@camutkal.org, academic@camutkal.org, Website : www.camutkal.ac.in
**Course Head, CAM** **Chairman, P.G Council**


● ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଉଦ୍‌ଯାପିତ

## ମହାରାଷ୍ଟ୍ର ଚାମ୍ପିଅନ; ଓଡ଼ିଶାକୁ ୧୭ତମ ସ୍ଥାନ

ପାଟନା, ୧୫।୫ (ଏଜେନ୍ସି): ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ (୧୮ ବର୍ଷରୁ କମ୍)ର ୭ମ ସଂସ୍କରଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାରାଷ୍ଟ୍ର ମୋଟ୍ ୧୫୮ ପଦକ ଜିତି ଓଭରଅଲ୍ ଚାମ୍ପିଅନ ହୋଇଛି। ଯେଉଁଥିରେ ମହାରାଷ୍ଟ୍ର ୫୮ ସ୍ୱର୍ଣ୍ଣ, ୪୭ ରୌପ୍ୟ ଓ ୫୩ କାଂସ୍ୟ ପଦକ ଜିତିଛି। ସେହିଭଳି ୧୧୭ (୩୯ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୫୧ କାଂସ୍ୟ) ପଦକ ସହ ହରିୟାଣା ପ୍ରଥମ ରନର୍ସଅପ୍ ଓ ରାଜସ୍ଥାନ (୬୦ ପଦକ) ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ଦଳ ପଏଣ୍ଟ ସାରଣୀର ୧୭ତମ ସ୍ଥାନରେ ରହିଛି। ମୋଟ୍ ଉପରେ ଓଡ଼ିଶା ୧୪ଟି ପଦକ ଜିତିଛି। ଯେଉଁଥିରେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ କାଂସ୍ୟପଦକ ରହିଛି।

ଭାରତର ଇଂଲଣ୍ଡ ଗସ୍ତ

## ହରମନପ୍ରୀତଙ୍କୁ ଦିନିକିଆ, ଟି-୨୦ ଦଳର ନେତୃତ୍ୱ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳର ଆଗାମୀ ଇଂଲଣ୍ଡ ଗସ୍ତ ପାଇଁ ଦିନିକିଆ ଓ ଟି-୨୦ ଦଳ ଘୋଷିତ ହୋଇଛି। ଦିନିକିଆ ଓ ଟି-୨୦ ସିରିଜ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ଦଳ ଘୋଷଣା କରିଛି। ହରମନପ୍ରୀତ କୌରଙ୍କୁ ଦୁଇ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ସ୍ମୃତି ମନ୍ଧାନା ତାଙ୍କର ଡେପୁଟି ନିଯୁକ୍ତ କରାଯାଇଛି। ଆସନ୍ତା ଜୁନ୍ ୨୮ରୁ ଜୁଲାଇ ୨୨ ମଧ୍ୟରେ ଭାରତ ଓ ଇଂଲଣ୍ଡ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। କିଛିଦିନ ତଳେ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଦିନିକିଆ ଶୃଙ୍ଖଳାରେ ଭାରତ ଟାଇଟଲ ଜିତି ତା'ର ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଏହି ସିରିଜରେ ଭାରତ ସମେତ ଘରୋଇ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ଅଂଶଗ୍ରହଣ କରିଥିଲେ।



**ଦିନିକିଆ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ- ଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ୱେଜ, ରିଚା ଘୋଷ (ୱିକେଟକିପର), ଯଷ୍ଟିକା ଭାଟିଆ (ୱିକେଟକିପର), ତେଜାଲ ହସବନିସ୍, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରଣୀ, ଶୁଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼ ଓ ସାୟାଲି ସତଘାରେ।

**ଟି-୨୦ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ- ଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ୱେଜ, ରିଚା ଘୋଷ (ୱିକେଟକିପର), ଯଷ୍ଟିକା ଭାଟିଆ (ୱିକେଟକିପର), ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରଣୀ, ଶୁଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼ ଓ ସାୟାଲି ସତଘାରେ।


ସକାଳ THE SAKALA | ନନ୍ଦିଘୋଷ TV

ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲା ଓ ବ୍ଲକସ୍ତରରେ ସର୍ବୋଚ୍ଚ ନମ୍ବର ରଖି
ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ **'ସକାଳ' ଓ 'ନନ୍ଦିଘୋଷ'** ତରଫରୁ
ନିମ୍ନୋକ୍ତ ସ୍ଥାନମାନଙ୍କରେ ସମ୍ମାନିତ କରାଯିବ

Supported by
ଓମ୍‌ଫେଡ୍ କ୍ଷୀର ଓଡ଼ିଶାର | JUPITER GROUP OF INSTITUTIONS

ମାଟ୍ରିକ୍ ଉତ୍କର୍ଷ ସମ୍ମାନ ୨୦୨୫

**ଆଜି, ସକାଳ ୯ ଘଟିକା**

**ଭୁବନେଶ୍ୱର**
ଗୀତଗୋବିନ୍ଦ ସଦନ, ସୂଚନା ଭବନ ପରିସର, ଏଜି ଛକ, ଭୁବନେଶ୍ୱର
ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡା, କେନ୍ଦୁଝର, ଯାଜପୁର, ଅନୁଗୁଳ, ଢେଙ୍କାନାଳ

**ଜୟପୁର**
ଅଗ୍ରସେନ ଭବନ, ନେହେରୁ ନଗର, ମିଲ୍ ସାହି, ଜୟପୁର
କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି

**୧୮.୦୫.୨୦୨୫, ରବିବାର, ସକାଳ ୯ ଘଟିକା**

**ବାଲେଶ୍ୱର**
ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର
ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ

**ବ୍ରହ୍ମପୁର**
ଶିବକୁମାର ପଟନାୟକ ରିଡିଂ ରୁମ୍ ଛତ୍ରପୁର
ଗଞ୍ଜାମ, ଗଜପତି, କନ୍ଧମାଳ

**ସମ୍ବଲପୁର**
ହୋଟେଲ ଡଲଫିନ୍, ଅଇଁଠାପାଲି, ସମ୍ବଲପୁର
ସମ୍ବଲପୁର, ବରଗଡ, ସୁନ୍ଦରଗଡ,ଝାରସୁଗୁଡା, ଦେବଗଡ,ବଲାଙ୍ଗୀର, ବୌଦ୍ଧ, ସୋନପୁର, ନୂଆପଡା, କଳାହାଣ୍ଡି


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS